

ଶ୍ରେୟସ ଆୟାରଙ୍କ ଉପରେ ନଜର ।୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଆଗକୁ ଆହୁରି ବ୍ୟସ୍ତ ରହିବି: ହୁମା ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୪୪ Vol. 19 No-144 6 AUGUST 2022 SATURDAY BHUBANESWAR ଶନିବାର, ୬ ଅଗଷ୍ଟ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ଚୀନକୁ ଭାରତର ଚେତାବନୀ

# ଲଦାଖଠାରୁ ଦୂରେଇ ରୁହ



### ଚୀନ ନିଜ ସୀମାରେ ସୀମିତ ରହୁ
### ସୀମାଠାରୁ ବିମାନ ଦୂରରେ ରଖୁ
### ମଜଭୁତ ହେଉଛି ରାଡାର ସିଷ୍ଟମ୍

ନୂଆଦିଲ୍ଲୀ, ୫।୮ : ଆମେରିକା ସିନେଟର ବାଚସ୍ପତି ନାନ୍ସି ପେଲୋସି ତାଇୱାନ ଗସ୍ତ କରି ଫେରିଯିବା ପରେ ଚୀନ ରକ୍ତଚାଉଳ ଚୋବାଇ ହେଉଛି। ତାଇୱାନ ଉପରେ ରାଗ ଶୁଝାଇବା ପାଇଁ ପ୍ରସ୍ତୁତି ପର୍ବକୁ ଜୋର୍‌ଦାର୍ କରିଛି। ତାଇୱାନକୁ ଚାରିକଡ଼ରୁ ଚୀନ ସେନାମାନେ ଘେରାଉ କରି ରଖିଛନ୍ତି। ଏସବୁ ଭିତରେ ଭାରତର ପୂର୍ବ ଲଦାଖ ସୀମା ନିକଟରେ ଚୀନ ଯୁଦ୍ଧ ବିମାନ ସଜ୍ଜିତ କରି ରଖିଥିବାରୁ ଏହାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଏନେଇ ଚୀନକୁ ଭାରତ ପକ୍ଷରୁ ଚେତାବନୀ ମଧ୍ୟ ଦିଆଯାଇଛି। ପୂର୍ବ ଲଦାଖ ସୀମା ନିକଟରେ ଯୁଦ୍ଧ ବିମାନ ନ ଉଡ଼ାଇବା ପାଇଁ ଚୀନକୁ ସତର୍କ କରିଦିଆଯାଇଛି। ଚୀନ ତା'ର ଲଢୁଆ ବିମାନକୁ ସୀମା ଠାରୁ ଦୂରରେ ରଖିବାକୁ ଭାରତ ପକ୍ଷରୁ କୁହାଯାଇଛି। ଚୀନ ଓ ତାଇୱାନ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିବାବେଳେ ଭାରତ ଚୀନକୁ ଏଭଳି ଚେତାବନୀ ଦେଇଛି। ଏହାସହିତ ଭାରତ ପକ୍ଷରୁ ଏହି ମୁଦ୍ଦା ନେଇ ସୈନ୍ୟସ୍ତର ବୈଠକରେ ଆଲୋଚନା ମଧ୍ୟ କରାଯାଇଛି। ପୂର୍ବ ଲଦାଖ ସୀମା ନିକଟରେ ଲଢୁଆ ବିମାନ ଉଡ଼ାଇ ଚୀନ ଯେଉଁ ଉସ୍‌କାଇବା ଭଳି କାମ କରୁଛି ତାକୁ ଭାରତ ଦୃଢ଼ ବିରୋଧ କରିଛି। ଏବେ ସୈନ୍ୟସ୍ତର ବୈଠକରେ ପ୍ରଥମ ଥର ପାଇଁ ସାମିଲ ହୋଇଥିଲେ ଭାରତୀୟ ଏୟାର ଫୋର୍ସ କମାଣ୍ଡର। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, ଏହି ବୈଠକରେ ଭାରତ ଚୀନକୁ ସ୍ପଷ୍ଟ ଭାବେ କହିଛି ଯେ, ଲଢୁଆ ବିମାନ ଉଡ଼ାଇବା ବେଳେ ଚୀନ ନିଜ ସୀମାରେ ସୀମିତ ରହୁ। ଏହାସହ ଏଲ୍‌ଏସି ଠାରୁ ୧୦ କି.ମି. ଦୂରତା ବଜାୟ ରଖୁ। ଏୟାର ଚିଫ୍ ମାର୍ଶାଲ୍ ବି.ଆର.ଚୌଧୁରୀ କହିଛନ୍ତି ଯେ, ଭାରତ ଏଲ୍‌ଏସି ବାହାରେ ଚୀନର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି। ଯଦି ସୀମାରେ ଚୀନ ପକ୍ଷରୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରାଯାଏ ତେବେ ଭାରତ ପକ୍ଷରୁ ସୀମାରେ ଲଢୁଆ ବିମାନ ମୁତୟନ କରିବାକୁ କୁଣ୍ଠା କରିବୁ ନାହିଁ। ଇତିମଧ୍ୟରେ ରାଡାର ସିଷ୍ଟମ୍‌କୁ ମଧ୍ୟ ମଜଭୁତ କରିଦିଆଯାଇଛି ବୋଲି ଏୟାର ଚିଫ୍ ମାର୍ଶାଲ କହିବା ସହ ଚୀନ ଉପରେ କଡ଼ା ନଜର ରଖାଯାଇଛି ବୋଲି କହିଛନ୍ତି।

### ସ୍ୱଦେଶୀ ଆଣ୍ଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ ପରୀକ୍ଷଣ



ମୁମ୍ବାଇ, ୫।୮ : ଚୀନ ଓ ତାଇୱାନ ମଧ୍ୟରେ ବିବାଦ ବୃଦ୍ଧି ପାଉଥିବାବେଳେ ଭାରତ ଏକ ବଡ଼ ଧରଣର ପଦକ୍ଷେପ ଗ୍ରହଣ କରିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ସ୍ୱଦେଶୀ ଆଣ୍ଟି ଟ୍ୟାଙ୍କ୍ ଗାଇଡେଡ୍ ମିସାଇଲର ସଫଳ ପରୀକ୍ଷଣ କରାଯାଇଛି। ମହାରାଷ୍ଟ୍ରର ଅହମ୍ମଦନଗରରେ ଅର୍ଜୁନ ଟ୍ୟାଙ୍କ୍‌ରୁ ଏହାକୁ ଉତ୍‌କ୍ଷେପଣ କରାଯାଇଥିବାବେଳେ ଏହା ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ଷେପଣାସ୍ତ୍ରଟି ସମ୍ପୂର୍ଣ୍ଣ ସଠିକ୍ ଟାର୍ଗେଟ୍‌କୁ ସନ୍ଧାନ କରିବା ସହ ପୃଥକ୍ ପୃଥକ୍ ୨ଟି ରେଞ୍ଜରେ ଟାର୍ଗେଟ ହାସଲ କରିଥିଲା। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଫଳ ପରୀକ୍ଷଣ ଲାଗି ଉଭୟ ଡିଆରଡିଓ ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ଟେଲିମେଟ୍ରି ସିଷ୍ଟମ୍‌ରେ କ୍ଷେପଣାସ୍ତ୍ରର ଉଡ଼ାଣକୁ ମଧ୍ୟ ରେକର୍ଡ କରାଯାଇଛି। ତେବେ ତାଇୱାନ ସୀମାରେ ଚୀନର ସମରାଭ୍ୟାସ ଜାରିକୁ ନେଇ ଉତ୍ତେଜନା ଦେଖାଦେଇଥିବାବେଳେ ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ଆଜି ଉପରାଷ୍ଟ୍ରପତି ନିର୍ବାଚନ

# ଧନଖଡ଼-ଆଲ୍‌ଭାଙ୍କ ମଧ୍ୟରେ ମୁକାବିଲା



ନୂଆଦିଲ୍ଲୀ, ୫।୮ : ଶନିବାର ଉପରାଷ୍ଟ୍ରପତି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସଂସଦ ଭବନରେ ଏଥିପାଇଁ ଭୋଟ୍‌ଗ୍ରହଣ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଭୋଟ୍‌ଗ୍ରହଣ କରାଯାଇ ସେହିଦିନ ହିଁ ଫଳାଫଳ ଘୋଷଣା କରାଯିବ। ଶନିବାର ପୂର୍ବାହ୍ନ ୧୦ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଶେଷ ହେବ। ତା ପରେ ଭୋଟଗଣତି କରାଯିବ। ବର୍ତ୍ତମାନର ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କ କାର୍ଯ୍ୟକାଳ ଆସନ୍ତା ୧୧ ତାରିଖରେ ଶେଷ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ଉପରାଷ୍ଟ୍ରପତି ନିର୍ବାଚିତ ହେବାର ଆବଶ୍ୟକତା ରହିଛି। ଏହି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନଖଡ଼ଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବିରୋଧୀ ଦଳ ପକ୍ଷରୁ ମାର୍ଗାରେଟ୍ ଆଲ୍‌ଭାଙ୍କୁ ପ୍ରାର୍ଥୀ କରାଯାଇଛି। ଉଭୟଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବ। ଏହି ନିର୍ବାଚନରେ କେବଳ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ମତଦାନ କରିଥାନ୍ତି। ଏପରିକି ରାଜ୍ୟସଭାର ମନୋନୀତ ସାଂସଦମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଲୋକସଭାର ୫୪୩ ଜଣ ସାଂସଦ ଓ ରାଜ୍ୟସଭାର ୨୪୩ ସଦସ୍ୟ ଏହି ଭୋଟ୍‌ରେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ମୋଟ୍ ୭୮୬ ଜଣ ସାଂସଦ ଭୋଟ୍ ଦେବାର ସମ୍ଭାବନା ରହିଛି। ତେବେ ରାଜ୍ୟସଭାରେ ୧୨ ଜଣ ମନୋନୀତ ସାଂସଦ ରହିଛନ୍ତି। ଉଭୟ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ସାଂସଦମାନଙ୍କୁ ଅନୁରୋଧ କରିଛନ୍ତି। ତେବେ ଧନଖଡ଼ଙ୍କୁ ବିଜେଡି ସମର୍ଥନ ଯୋଗାଇବ ବୋଲି ପୂର୍ବରୁ ଘୋଷଣା କରିସାରିଛି। ସେହିପରି ତେଲଙ୍ଗାନା ରାଷ୍ଟ୍ର ସମିତି ବିରୋଧୀଦଳ ପ୍ରାର୍ଥୀ ଆଲ୍‌ଭାଙ୍କୁ ସମର୍ଥନ ଯୋଗାଇବ ବୋଲି ଶୁକ୍ରବାର ଘୋଷଣା କରିଛି।

## ସଂକ୍ଷେପରେ...

### କୁସ୍ତିରେ ଭାରତକୁ ଦୁଇଟି ସ୍ୱର୍ଣ୍ଣ



ବର୍ମିଂହାମ, ୫।୮ : ବର୍ମିଂହାମଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁକ୍ରବାର ଭାରତୀୟ ମଲ୍ଲଯୋଦ୍ଧା ବଜରଙ୍ଗ ପୁନିଆ ଓ ମହିଳା ରେସଲର ସାକ୍ଷୀ ମଲ୍ଲିକ ସ୍ୱର୍ଣ୍ଣପଦକ ପାଇଛନ୍ତି। ସେହିପରି ମହିଳା ରେସଲର ଅଂଶୁ ମଲ୍ଲିକ ରୌପ୍ୟ ପଦକ ହାସଲ କରିଛନ୍ତି। (ସବିଶେଷ ବିବରଣୀ ଖେଳ ପୃଷ୍ଠାରେ)

(ସବିଶେଷ ବିବରଣୀ ଖେଳ ପୃଷ୍ଠାରେ)

### ବଢ଼ିଲା କ୍ୟାବିନେଟ୍ ସଚିବଙ୍କ କାର୍ଯ୍ୟକାଳ



ନୂଆଦିଲ୍ଲୀ, ୫।୮ : କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳକୁ ଆଉ ଏକବର୍ଷ ବୃଦ୍ଧି କରାଯାଇଛି। ଏ ନେଇ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ଗୌବାଙ୍କ କାର୍ଯ୍ୟକାଳ ଆସନ୍ତା ୩୦ ତାରିଖରେ ଶେଷ ହୋଇଥାନ୍ତା। ଏଥିପୂର୍ବରୁ ତାଙ୍କ କାର୍ଯ୍ୟକାଳକୁ ଆଉ ୧ବର୍ଷ ବୃଦ୍ଧି କରାଯାଇଛି।

### ଭାରତ ସାଫ୍ ଫୁଟବଲ ଚାମ୍ପିଅନ୍

ଭୁବନେଶ୍ୱର, ୫।୮ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ ଫାଇନାଲରେ ବାଂଲାଦେଶକୁ ୫-୨ ଗୋଲରେ ପରାସ୍ତ କରି ଭାରତ ଚାମ୍ପିଅନ୍ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ଟିମ୍‌କୁ ପୁରସ୍କାର ପ୍ରଦାନ କରାଯାଇଥିଲା। (ସବିଶେଷ ବିବରଣୀ ଖେଳ ପୃଷ୍ଠାରେ)

ସେନ୍‌ସେକ୍ସ: ୫୮,୩୮୭.୯୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୫।୮ ର ମତାମତ

ଚୀନ୍-ତାଇୱାନ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ଉଚିତ ନୁହେଁ କି ?




### ଆଜିର ପ୍ରସଙ୍ଗ

ଦୁର୍ନୀତିଖୋରଙ୍କ ଉପରେ ଭିଜିଲାନ୍ସ ଚଢ଼ାଉକୁ ଜୋରଦାର କରାଯିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ● ଭିଜିଲାନ୍ସ ଜାଲରେ ଖେଳ ଶିକ୍ଷକ ●

# କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ



- ୬ କୋଠା, ମାର୍କେଟ୍ କମ୍ପ୍ଲେକ୍ସର ମାଲିକ
- ୨ଶହ ବସ୍ତା ଗୁଡ଼, ୫ଶହ ବସ୍ତା ଚିନି ଜବତ
- କ୍ରେଟା, ସାଣ୍ଟ୍ରୋ କାର୍ ସହ ୨ ବାଇକ୍ ଠାବ
- ନଗଦ ୪ ଲକ୍ଷ ଟଙ୍କା, ୭୨୧ ଗ୍ରାମ୍ ସୁନା ଅଳଙ୍କାର

ବ୍ରହ୍ମପୁର, ୫।୮, (ଭାସ୍କର ନ୍ୟୁଜ୍) : ବୃତ୍ତିରେ ଜଣେ ଖେଳ ଶିକ୍ଷକ। କିନ୍ତୁ ଅମାପ ସମ୍ପତ୍ତିର ଅଧିକାରୀ। ସମ୍ପତ୍ତି ଦେଖିଲେ ଆଖି ଖୋସି ହୋଇଯିବ। ୬ଟି କୋଠା ସାଙ୍ଗକୁ ମାର୍କେଟ୍ କମ୍ପ୍ଲେକ୍ସ, ଦାମୀ କାର୍, ଅମାପ ସୁନା ଗହଣା ସହ ନଗଦ ଟଙ୍କା ଦେଖି ଭିଜିଲାନ୍ସ ବି ତାଜୁବ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ସକାଳେ ଭିଜିଲାନ୍ସ ପକ୍ଷରୁ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଜୟନ୍ତୀପୁର ଦିବ୍ୟସିଂହ ହାଇସ୍କୁଲ୍‌ର କ୍ରୀଡ଼ା ଶିକ୍ଷକ ଜନାର୍ଦ୍ଦନ ସାହୁଙ୍କ ବାସଭବନ ସମେତ ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଠାବ କରାଯାଇଛି। ଏହା ବ୍ୟତୀତ ତାଙ୍କର ଏକ ମଦଭାଟି ରହିଥିବା ମଧ୍ୟ ସୂଚନା ମିଳିଛି। ଶୁକ୍ରବାର ସକାଳେ ଭିଜିଲାନ୍ସ ଟିମ୍ ଶ୍ରୀ ସାହୁଙ୍କ ଜୟନ୍ତୀପୁର ସ୍ଥିତ ଘର, ପୈତୃକ ବାସଭବନ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ୧୧ଟି ସ୍ଥାନରେ ଚଢ଼ାଉ କରିଥିଲା। ତାଙ୍କର ମଦଭାଟି ଠାରୁ ଆରମ୍ଭ କରି ପେଟ୍ରୋଲ୍ ପମ୍ପ, ଗ୍ୟାସ୍ ଗୋଦାମ ବି ରହିଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ● ପୃଷ୍ଠା ୮ ଦେଖନ୍ତୁ

## ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଦେଶବ୍ୟାପୀ ହଙ୍ଗାମା

# ରାହୁଲ ଗାନ୍ଧୀ ଗିରଫ, ପ୍ରିୟଙ୍କା ଅଟକ



### ଦେଶର ଗଣତନ୍ତ୍ର ଧ୍ୱଂସମୁଖୀ : ରାହୁଲ

ନୂଆଦିଲ୍ଲୀ, ୫।୮ : ଗତ କିଛି ଦିନ ହେବ ସାରା ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରରେ ବୃଦ୍ଧି ଘଟିଚାଲିଛି। ଯାହାକୁ ନେଇ ଦେଶବାସୀ ଅତିଷ୍ଠ ହୋଇପଡ଼ିଲେଣି। ବାରମ୍ବାର ଦାବି ପରେ ବି କେନ୍ଦ୍ର ସରକାର ଦର ହ୍ରାସ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହିକ୍ରମରେ ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିଛି କଂଗ୍ରେସ। କଂଗ୍ରେସର ଅନେକ ସାଂସଦ କଳାପୋଷାକ ପିନ୍ଧି ରାଜରାସ୍ତାରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। କଂଗ୍ରେସର ବରିଷ୍ଠ ସାଂସଦ ରାହୁଲ ଗାନ୍ଧି ଅନ୍ୟ ନେତାମାନଙ୍କ ସହ ସଂସଦ ଭବନ ଠାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଏକ ର୍‍ୟାଲିରେ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏହି ଇଲାକାରେ ପ୍ରବେଶ ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ସେହିପରି କଂଗ୍ରେସର ମହାସଚିବ ପ୍ରିୟଙ୍କା ଗାନ୍ଧିଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ଆନ୍ଦୋଳନବେଳେ ପ୍ରିୟଙ୍କାଙ୍କୁ ପୋଲିସ ଟାଣିଟାଣି ଭ୍ୟାନ୍ ଭିତରକୁ ନେଇଥିବା ଦେଖିବାକୁ ମିଳିଥିଲା। ଦେଶବ୍ୟାପୀ ଦିଆଯାଇଥିବା ବିକ୍ଷୋଭ ଆହ୍ୱାନ ପରିପ୍ରେକ୍ଷୀରେ ଦିଲ୍ଲୀରେ କଂଗ୍ରେସ ନେତା, ସାଂସଦ ଓ କର୍ମୀମାନେ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦେଶର ସମସ୍ତ ରାଜ୍ୟର କଂଗ୍ରେସ ● ପୃଷ୍ଠା ୮ ଦେଖନ୍ତୁ

## ରେପୋରେଟ୍ ବୃଦ୍ଧି କଲା ଆର୍‌ବିଆଇ

# ମହଙ୍ଗା ହେବ ଗୃହ, କାର୍ ଋଣ



ନୂଆଦିଲ୍ଲୀ, ୫।୮ : ମହଙ୍ଗା ହେବ ଗୃହ ଓ କାର୍ ଋଣ। ଶୁକ୍ରବାର ଲଗାତାର ତୃତୀୟ ଥର ପାଇଁ ରେପୋ ରେଟ୍ ବୃଦ୍ଧି କରିଛି ରିଜର୍ଭ ବ୍ୟାଙ୍କ୍। ଚଳିତ ଥର ରେପୋ ରେଟ୍ ୦.୫୦ ବୃଦ୍ଧି ପାଇ ୫.୪୦%ରେ ପହଞ୍ଚିଛି। ତେବେ ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଦେଶରେ ଦରବୃଦ୍ଧିକୁ ନିୟନ୍ତ୍ରଣ ଭିତରେ ରଖିବା ପାଇଁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗତ ମଇ ମାସ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରେପୋରେଟ୍ ୧.୪୦% ବୃଦ୍ଧି ପାଇଛି। ସରକାର ଓ ରିଜର୍ଭ ବ୍ୟାଙ୍କ୍‌ର ମିଳିତ ପ୍ରଚେଷ୍ଟାରେ ମହଙ୍ଗା ସମସ୍ୟାକୁ ଧୀରେ ଧୀରେ ନିୟନ୍ତ୍ରଣ ଭିତରକୁ ଅଣାଯାଉଛି ବୋଲି ଶ୍ରୀ ଦାସ କହିଛନ୍ତି। ରେପୋ ରେଟ୍ ବୃଦ୍ଧି ଫଳରେ ଏହା ୪.୯୦%ରୁ ୫.୪୦%ରେ ପହଞ୍ଚିଛି। ଗତ ୪ ମାସ ମଧ୍ୟରେ ଏହା ୧.୪% ବୃଦ୍ଧି ପାଇଛି। ଜୁନ୍‌ରେ ମୁଦ୍ରାସ୍ଫିତି ଥିଲା ୭%। ୨୦୨୨-୨୩ରେ ଅଭିବୃଦ୍ଧି ହାର ୭.୨% ରହିବ ବୋଲି ଆକଳନ କରାଯାଇଥିବାବେଳେ ମୁଦ୍ରାସ୍ଫିତି ୬.୭%କୁ ଖସିବ ବୋଲି ଆଶା କରାଯାଉଛି। ସେହିପରି ୨୦୨୩-୨୪ରେ ମୁଦ୍ରାସ୍ଫିତି ୫%କୁ ଖସି ଆସିବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ ଯେ, ବିଶ୍ୱର ବୃହତ୍ତ ରାଷ୍ଟ୍ରମାନେ ମଧ୍ୟ ଆର୍ଥିକ ସମସ୍ୟା ମଧ୍ୟ ଦେଇ ଗତି ● ପୃଷ୍ଠା ୮ ଦେଖନ୍ତୁ

## ଶିଳ୍ପପତି ମହିମା ମିଶ୍ରଙ୍କ ବାସଭବନରେ ସିବିଆଇ ଚଢ଼ାଉ ଘଟଣା

# ବରିଷ୍ଠ ଅଧିକାରୀଙ୍କ ସମେତ ୪ ଗିରଫ

- ୪ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ
- ଖୋଳତାଡ଼ ଜାରି

କଟକ/ପାରାଦୀପ/ଭୁବନେଶ୍ୱର, ୫।୮, (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କ ବାସଭବନ, କଟକ ଲିଙ୍କରୋଡ୍‌ସ୍ଥିତ ଓଏସ୍‌ଏଲ୍ କାର୍ଯ୍ୟାଳୟ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟ ଅଫିସରେ ସିବିଆଇ ଚଢ଼ାଉ ଘଟଣାରେ ଶୁକ୍ରବାର ୪ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ହୋଇଥିବା ବ୍ୟକ୍ତିବିଶେଷମାନେ ହେଲେ ଓଏସ୍‌ଏଲ୍ ଅପରେସନ ଡିଜିଏମ୍ ସୂର୍ଯ୍ୟ ସାହୁ, ପାରାଦୀପ ପୋର୍ଟ ଟ୍ରଷ୍ଟର ମୁଖ୍ୟ ମେକାନିକାଲ ଇଂଜିନିୟର ସରୋଜ ଦାସ, ଠିକାଦାର ସୁମନ୍ତ ରାଉତ ଏବଂ କେସିଟି ଗ୍ରୁପ୍ ପୋର୍ଟ ଅପରେସନ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ର। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସିବିଆଇ ଅଧିକ ପଚରା ଉଚୁରା ପାଇଁ ୪ ଦିନିଆ ରିମାଣ୍ଡରେ ନେଇଛି। ସେମାନେ ହେଲେ ସୂର୍ଯ୍ୟ ସାହୁ, ସରୋଜ ଦାସ ଓ ସୁମନ୍ତ ରାଉତ। ସୂଚନାଯୋଗ୍ୟ ଯେ, ଗୁରୁବାର ସକାଳେ ସିବିଆଇର ଏକ ଟିମ୍ ମହିମା ମିଶ୍ରଙ୍କ କଟକସ୍ଥିତ ବାସଭବନ, ଲିଙ୍କରୋଡ୍ ଓ ପାରାଦୀପସ୍ଥିତ କାର୍ଯ୍ୟାଳୟ, ପୋର୍ଟଟ୍ରଷ୍ଟର କାର୍ଯ୍ୟାଳୟ ଏବଂ ଏକ ଗେଷ୍ଟହାଉସ୍‌ରେ ଚଢ଼ାଉ କରିଥିଲା। ବିଶେଷ କରି କୋଇଲା ସ୍ଥାନ ନିରୂପଣ ନେଇ ୨୫ ଲକ୍ଷ ଟଙ୍କା ଲାଞ୍ଚ କାରବାର ସମ୍ପର୍କରେ ଏହି ଖୋଳତାଡ଼ ହୋଇଥିଲା ବୋଲି କୁହାଯାଉଛି। ତେବେ ଚଢ଼ାଉ ପରେ ସିବିଆଇ ଅଧିକାରୀ ମହିମା ମିଶ୍ରଙ୍କ ବଡ଼ ପୁଅ ଚନ୍ଦନ ମିଶ୍ରଙ୍କୁ ସାଙ୍ଗରେ ଆଣି ଭୁବନେଶ୍ୱର କାର୍ଯ୍ୟାଳୟରେ ପଚରା ଉଚୁରା କରିବା ପରେ ଛାଡ଼ି ଦେଇଥିଲା। ତେବେ ମହିମାଙ୍କୁ ଶୁକ୍ରବାର ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଥିଲା। ତଦନୁଯାୟୀ, ଶ୍ରୀ ମିଶ୍ର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମିଶ୍ର ● ପୃଷ୍ଠା ୮ ଦେଖନ୍ତୁ

## ଆସୁଛି ଆଉ ୨ଟି ଲଘୁଚାପ

# ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୫।୮, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଛି। ଏହାର ପ୍ରଭାବରେ ଗୁରୁବାର ରାତିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହାରି ଭିତରେ ପୁଣି ୨ଟି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମଟି ଆସନ୍ତା ୭ ତାରିଖରେ ସୃଷ୍ଟି ହେବା ନେଇ ଆକଳନ କରାଯାଉଥିବାବେଳେ ୨ୟଟି ୧୩ରୁ ୧୪ ତାରିଖ ମଧ୍ୟରେ ହେବ ବୋଲି କୁହାଯାଇଛି। ସେହିପରି ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଉତ୍ତର-ପଶ୍ଚିମ ଓ ପାଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ୭ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏବେ ମୌସୁମୀ ପ୍ରଭାବରେ ରାଜ୍ୟରେ ହାଲକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। କିନ୍ତୁ ରବିବାର ଠାରୁ ବର୍ଷାର ପରିମାଣ ବଢ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଧାରା ଶ୍ରାବଣରେ ବର୍ଷାର ପରିମାଣ ଅଧିକ ରହିବାର ଥିବାବେଳେ କମ୍ ବର୍ଷା ହେଉଛି। ଯାହା ଫଳରେ ଅନେକ ସ୍ଥାନରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଆକଳନ ଅନୁଯାୟୀ, ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ, ଅନୁଗୋଳ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ● ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କଂଗ୍ରେସ ଦଳକୁ ବିପତ୍ତି ପଡିଛି
ବେଡି ଉପରକୁ କରୋଡା ମାଡ,
ଦିଲ୍ଲୀଠାରେ ଯଦି ନେତା କିଳିବିଳି
ପଞ୍ଚାୟତ କଥା ମନରୁ କାଢ ।
ଚବିଶି ଆସୁଛି ପଜାଇ ଦାଢ,
ଏବେଠୁଁ ସତର୍କ ଯଦି ନ ହୋଇବ
ପରିସ୍ଥିତି ନେବ ଅଲଗା ମୋଡ !!



କୋଣାର୍କ, (ଭାସ୍କର ନ୍ୟୁଜ) : କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷରେ ବିଜୁଜନତା ଦଳର ୨୫ବର୍ଷ ପୂର୍ତ୍ତୀ ପାଳନ ଅବସରରେ ପୁରୀ ଜିଲ୍ଲା ଯୁବ ବିଜେଡ଼ି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ବିଜୁଜନତା ଦଳର ୨୫ବର୍ଷ ପୂର୍ତ୍ତୀ ପାଳନ ନିମନ୍ତେ ପୁରୀ ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ସୁଭାସିସ ଖୁଣ୍ଟିଆ, ରାଜ୍ୟ ଯୁବ ବିଜେଡ଼ି ସଂପାଦକ ଷାଲିନ ପରିଜା, ଜୋନ ସଭାପତି ବିଜୟ କେତନ ସାହୁ, କୋଣାର୍କ ଏନଏସି ଯୁବ ବିଜେଡ଼ି ସଭାପତି ରଣଜିତ ସାମନ୍ତ ମଲ୍ଲ, କାକଟପୁର ବ୍ଲକ ଯୁବ ସଭାପତି ରତନ ନାୟକ, ଅସ୍ତରଙ୍ଗ ବ୍ଲକ ଯୁବ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ ଓ ବିଜେଡି ଜିଲ୍ଲା କମିଟି ସଭ୍ୟ ସୁଶାନ୍ତ ବେହେରା ସମେତ ୧୧ଗୋଟି ବ୍ଲକ ଓ ୪ଗୋଟି ଏନଏସିର ଯୁବ ବିଜେଡ଼ି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଯାତ୍ରୀ ନିବାସ ପରିସରରେ ଯୁବ ବିଜେଡ଼ି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଡାକ୍ତରଙ୍କ ଅବହେଳା ଯୋଗୁଁ ଶିଶୁ ମୃତ୍ୟୁ ଘଟଣା

## ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ଚିଠି



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଡାକ୍ତରଙ୍କ ଅବହେଳା ଯୋଗୁଁ ଏକ ମାସକର ଶିଶୁ ପୁତ୍ରର ମୃତ୍ୟୁ ହୋଇଯିବା ଘଟଣା ଜଣାପଡ଼ିବାପରେ ଏହାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଆସିଥିବାର ଜଣାଯାଇଛି।ଢେଙ୍କାନାଳ ସଦରଥାନା ଅନ୍ତର୍ଗତ ସିମିନଇ ଗ୍ରାମର ଦୀପକ ସିଂ ଏବଂ ତାଙ୍କ ପତ୍ନୀ ଜ୍ୟୋତିର୍ମୟୀଙ୍କର ୧ମାସର ଅସୁସ୍ଥ ଶିଶୁ ପୁତ୍ର ଦିବ୍ୟଜ୍ୟୋତିକୁ ଧରି ବୁଧବାର ସନ୍ଧ୍ୟାରେ ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେ ବର୍ହିବିଭାଗରେ ଥିବା ଡାକ୍ତରଙ୍କୁ ପୁଅକୁ ଦେଖାଇଥିଲେ। ଶିଶୁର ଛାତିରେ କଫ ଜମିବା ସହ ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ରହିଥିଲା। କିନ୍ତୁ ବର୍ହିବିଭାଗରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ଚିକିତ୍ସା ନକରି ଶିଶୁରୋଗ ବିଶେଷଜ୍ଞଙ୍କୁ ତାଙ୍କ ଘରୋଇ କ୍ଲିନିକ×ରେ ଦେଖାକରାଇ ଚିକିତ୍ସିତ କରିବାକୁ ପରାମର୍ଶ ଦେଇ ଫେରାଇ ଦେଇଥିଲେ। ଦମ୍ପତି ଶିଶୁ ପୁତ୍ରକୁ ଧରି ଶିଶୁ ବିଶେଷଜ୍ଞଙ୍କୁ ଖୋଜିବା ଓ ତାଙ୍କୁ ଏକ କ୍ଲିନିକ୍ରେ ଦେଖାଇବାବେଳକୁ ଶିଶୁ ପୁତ୍ରଟିର ମୃତ୍ୟୁ ହୋଇଯାଇଥିଲା। ସାଧାରଣତଃ ବର୍ହିବିଭାଗକୁ ଜରୁରୀକାଳୀନ ପରିସ୍ଥିତିରେ ଆସୁଥିବା ରୋଗୀମାନଙ୍କୁ ପ୍ରଥମେ ପରୀକ୍ଷା କରି ଜଟିଳ ହୋଇଥିଲେ ଡାକ୍ତରଖାନାରେ ଭର୍ତି କରିବାପାଇଁ ପରାମର୍ଶ ଦେଇ ଚିକିତ୍ସା ଆରମ୍ଭ କରିଥାନ୍ତି। ଏହାପରେ ବିଶେଷଜ୍ଞ ଡାକ୍ତରଙ୍କୁ ଡକାଇ ଚିକିତ୍ସା କରାଇବା ନିୟମ ରହିଛି। କିମ୍ବା ଅଧିକ ଜଟିଳ ଥିଲେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥାଏ। ଏଠାରେ କିନ୍ତୁ ଡାକ୍ତର ଜଣକ କର୍ତବ୍ୟରେ ଅବହେଳା କରି ପରାମର୍ଶ ଦେବାଯୋଗୁଁ ଶିଶୁ ପୁତ୍ରଟିର ମୃତ୍ୟୁ ହେବାକଥା ଏହି ଦମ୍ପତି ଥାନାରେ ଅଭିଯୋଗ କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପାଇଁ ପୁଲିସ ପକ୍ଷରୁ କୁହାଯିବାବେଳେ ସେମାନେ ଏଥିରେ ରାଜି ନହୋଇ ଅଭିଯୋଗକୁ ଫେରାଇନେଇଥିଲେ ବୋଲି ପୁଲିସ ତରଫରୁ ପ୍ରକାଶ କରାଯାଇଛି। ଏସମ୍ପର୍କରେ ଖବର ପାଇ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ଏହାକୁ ଗୁରୁତର ସହ ନିଆଯିବାସହ ଘଟଣାର ତଦନ୍ତ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଆସିଥିବା କଥା ଜଣାପଡ଼ିଛି। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ କୁମାର ଦାଶଙ୍କୁ ପଚରାଯିବାରୁ ସରକାରଙ୍କ ପକ୍ଷରୁ ତଦନ୍ତ ପାଇଁ ଆସିଥିବା କଥା କହିବାସହ ସେ ଟୁରରେ ଥିବାରୁ ବିଶେଷ କିଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ।

## ବେଆଇନ ଭାବେ ଚାଲିଛି ଇଟାଭାଟି, ରାଜସ୍ୱ ନିରୀକ୍ଷକ ଚୁପ



ବାସୁଦେବପୁର, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣିଡିହି ଥାନା ଅନ୍ତର୍ଗତ ରାଜଘୋରପୋଖରୀ, ଗୋବିନ୍ଦପୁର, ଆନ୍ଦୋଳକ୍ଷ, ବାଲିମେଦ, ବିଦେଇପୁର ସହ ଥିବା ଆଖ ପାଖ ଗ୍ରାମ ପଞ୍ଚାୟତ ରେ ଥିବା ସରକାରୀ ଜମି ଓ ନିଜସ୍ୱ ଜମି ଉପରେ ବେଆଇନି ଭାବେ ଚାଲିଛି ଇଟା ଭାଟି । ଏଠାରେ ପ୍ରଶ୍ନ ଉଠୁଛି କାହିଁ ଚୁପ ବସିଛନ୍ତି ଥାନା ଅଧିକାରୀ ଓ ଏହି ସବୁ ପଞ୍ଚାୟତର ରାଜସ୍ୱ ନିରୀକ୍ଷକମାନେ। ଭାଟିରୁ ନିଗତ ଧୂଆଁରେ ଆଖପାଖ ବାସିନ୍ଧା ଅଣନିଶ୍ୱାସୀ ହୋଇ ପଡୁ ଥିବା ବେଳେ ବେଲଗାମ ଇଟାଭାଟି ଯୋଗୁଁ ପରିବେଶ ପ୍ରଦୂଷଣ ଏତେ ବଢିଛି ଯେ ଧୂଆଁରେ ଆଖ ପାଖ ବାସିନ୍ଦା ଅଣ ନିଶ୍ୱାସୀ ହୋଇପଡୁଛନ୍ତି। ସେପଟେ ପ୍ରଦୂଷଣ ବିଭାଗ, ରାଜସ୍ୱ ବିଭାଗ ସଲା ସୁତରାରେ ବେଆଇନି ଇଟା ଭାଟି ପୋଡ଼ା ଯାଉଛିବୋଲି ଚର୍ଚ୍ଚା ହେଉଛି । ସେପଟେ ଇଟା ଭାଟିର ବାୟୁ ପ୍ରଦୂଷଣ ଆଇନ ସିଧା ସଳଖ ଉଲ୍ଲଘଂନ କରାଯାଉଛି। ଇଟା ଭାଟି ପଡିବା ପାଇଁ ଯେଉଁ କୋଇଲା ବ୍ୟବହୃତ ହୋଇଉଛି ଆସୁଛି କେଉଁଠୁ ବୋଲି ସବୁଠୁ ବଡ଼ ପ୍ରଶ୍ନ ଉଠୁଛି। କାରଣ ବେଆଇନି ଭାବେ କୋଇଲା ବ୍ୟବସାୟ ଏବଂ ଏହି କୋଇଲା ଅନିୟମିତା ବ୍ୟବସୟାକୁ ନେଇ ପଶିବଙ୍ଗ ରାଜ୍ୟର ଅଶୁନଶୁନ ବହୁ କୋଇଲା ଟସ୍କରକୁ ଇ. ଡି ଏବଂ ସିବିଆଇ ବିଗତ ଦୁଇବର୍ଷ ପୂବରୁ ଗିରଫ କରାଯାଉଥିବା ବେଳେ ଆଜି ଦିନରେ ବି ଚଢାଉ କାରି ଗିରଫ କରୁଛନ୍ତି। କିନ୍ତୁ ଏଠାରେ ବଡ଼ ପ୍ରଶ୍ନ ଉଠୁଛି କାହିଁକି ରାଜସ୍ୱ ନିରୀକ୍ଷକ ଏବଂ ତହସିଦାର ଆଖିରେ କଳା ରଙ୍ଗର ପଗଡ଼ ବାନ୍ଧି ଦୁଇ ହାତକୁ ମୁଠା କରି ଚୁପ ବସିଛନ୍ତି । ଏହି ବିଷୟରେ ଆମ ପ୍ରତିନିଧି ରାଜଘୋରପୋଖରୀ ରାଜସ୍ୱ ନିରୀକ୍ଷକ ଚୁଲ ବୁଲ ସିଂଙ୍କୁ ଯୋଗ ଯୋଗ କରିବାରୁ କହିଥିଲେ ଫାଇନି କାଟୁ ନାହାନ୍ତି ଆପଣମାନେ ଧରନ୍ତୁ। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଗଣମାଧମ ପ୍ରତିନିଧି ଯଦି ବେଆଇନି ଇଟା ଭାଟି ଧରିବେ ତାହାଲେ ରାଜସ୍ୱବିଭାଗ କଣ ପାଇଁ ଅଛି। ଏଠି ବଡ଼ ପ୍ରଶ୍ନ ଉଠୁଛି ଗଦକାରେ କିପରି ବିନା ପରିମିସନରେ ଇଟା ଭାଟି ଚାଲିଛି । ଯଦି ଜାଣିଥିଲେ ରାଜସ୍ୱ ନିରୀକ୍ଷକ କାହିଁକି ପଦକ୍ଷପ ନେଇ ନଥିଲେ ନାଁ ଡିଲର ସୁତା ଛିଡୁନଥିଲା ବୋଲି ଶୁଣିବାକୁ ମିଳୁଛି।

## ବାଲି ବିକ୍ରୀ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ

ନିଆଳୀ, (ଭାସ୍କର ନ୍ୟୁଜ୍) : ନିଆଳୀ ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳର ଏରଞ୍ଚ ପଞ୍ଚାୟତ କୁଳଶ୍ରୀ ବାଲିଘାଟରେ ଡଙ୍ଗି ପକାଇ ଦିନରେ ବାଲି ଉଠାଇ ରାତିରେ ହାଇୱା ସାହାଯ୍ୟରେ ବିକ୍ରୀ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତହସିଲ ଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ତହସିଲଦାର ଏହାକୁ କର୍ଣ୍ଣପାତ ନ କରିବା ଅଞ୍ଚଳବାସୀଙ୍କ ମଧରେ ସନ୍ଦେହ ସୃଷ୍ଟି ହୋଇଛି। ବର୍ଷାଦିନେ ନଦୀରେ ପାଣିଥିବା ସତ୍ତ୍ୱେ ଡଙ୍ଗି ସାହାଯ୍ୟରେ ନଦୀରୁ ବାଲି ଆଣି ଏହାକୁ ଠୁଳକରି ରାତିରେ ଚୋରାରେ ବିକ୍ର କରୁଛନ୍ତି। ଏହାଦ୍ୱାରା ରାଜ୍ୟସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଥିବାବେଳେ ତହସିଲଦାର ଓ କୁଳଶ୍ରୀ ବାଲିଘାଟ ମାଲିକଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାଜସ୍ୱ ହାନୀ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୂର୍ବତନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ବାଲିଘାଟରେ ମେସିନ୍ ବ୍ୟବହାର କରି ବାଲି ଉଠାଣ କରାଯାଉଛି। ଏଥି ସହିତ ଏହି ବ୍ୟକ୍ତି ଜଣକ କୁଳଶ୍ରୀ ପ୍ରାଥମିକ ବିଦ୍ୟାଳୟ ଆଗରେ ବାଲି ଗଦାଇ ବିକ୍ରୀ କରିବା ଦ୍ୱାରା ଛାତ୍ର ଛାତ୍ରୀ ମାନେ ଯାତାୟତ ନିମନ୍ତେ ଅସୁବିଦାର ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ମାନେ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ କଟକ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଡଙ୍ଗି ପଡିଥିଲେ ଏହାକୁ ଜବତ କରାଯିବ ବୋଲି କହିଛନ୍ତି।

## ରାସ୍ତାର ସମସ୍ୟା ନେଇ ଲୋକେ ହନ୍ତସନ୍ତ

ନିମାପଡା , (ଭାସ୍କର ନ୍ୟୁଜ) : ନିମାପଡା ପୌର ପରିଷଦ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ଜନସାଧାରଣ ଯାତାୟତ କରିବା ସମୟରେ କାଦୁଆ ଲଟପଟ ହେଉଛନ୍ତି । ଦୀର୍ଘଦିନ ହେବ ପୌରପରିଷଦ ମଧ୍ୟରେ ଥିବା ରାସ୍ତା ମରାମତି ପାଇଁ ଦାବୀ ହେଉଥିବା ବେଳେ ଏହି ଦାବୀ ଉପରେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉନାହାଁନ୍ତି। ଫଳେଇ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ପିଚୁ ପ୍ୟାଚ ପଡୁଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ପୌରପରିଷଦ ବହୁପୁରାତନ ହୋଇଥିବା ବେଳେ ରାସ୍ତାର ସମସ୍ୟା ଲାଗିରହିଛି । ଦୋଳବେଦୀ ଛକ ଠାରୁ ପାଟପୁର ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଅଛି । ଅସରାଏ ବର୍ଷାହେଲେ ରାସ୍ତା କାଦୁଆ ହୋଇଯିବାରୁ ଜନସାଧାରଣଙ୍କ ଯାତାୟତ ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଏହି ରାସ୍ତା ନିର୍ମାଣ କରିବା ପାଇଁ ପ୍ରଶାସନ ନିକଟରେ ଦୀର୍ଘଦିନ ହେବ ଦାବୀ ହୋଇଆସୁଛି । ମାତ୍ର ଏଥିପ୍ରତି ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ । ଅମଳାପଡ଼ା ଠାରୁ ନିମାପଡ଼ା ଜେଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତା, ଦକ୍ଷିଣସାହି ରାସ୍ତା ଆଦି ବିଭିନ୍ନ ରାସ୍ତା ମରାମତି ଅଭାବରୁ ନଷ୍ଟ ହୋଇଯାଇଛି। ଏହି ଘଟଣା ପ୍ରତି ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ପୌରବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଖଡ଼ିପଦା ମହିଳା ମହାସଂଘର ସଭାନେତ୍ରୀ ହେଲେ ମୀନାକ୍ଷୀ



ଧାମନଗର,(ଭାସ୍କର ନ୍ୟୁଜ) : ଧାମନଗର ବ୍ଲକର ମିଶନଶକ୍ତି ଆନୁକୂଲ୍ୟରେ ପ୍ରତ୍ୟେକ ପଞ୍ଚାୟତର ମହିଳା ମହାସଂଘ ଗଠିତ ହୋଇଥିବାବେଳେ ସେଥିରେ କାର୍ଯ୍ୟକର୍ତ୍ତାମାନେ ମଞ୍ଚର ସଭ୍ୟମାନଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ଏବଂ ଏହାର କାର୍ଯ୍ୟକାଳ ୨ବର୍ଷ ରହିଥାଏ। ତେବେ ଦୋବଲ ଜୋନ୍ର ଖଡ଼ିପଦା ମହିଳା ମହାସଂଘର ସଭାନେତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଥିବାବେଳେ ସେ ନିକଟରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବାରୁ ସେ ସଭାନେତ୍ରୀ ପଦକୁ ଛାଡ଼ିଥିଲେ। ତେବେ ଏହି ସଭାନେତ୍ରୀ ପଦପାଇଁ ସହମତି ଭାବେ ମନୋନୀତ ହୋଇନପାରିବାରୁ ପ୍ରଥମ କରି ଧାମନଗର ବ୍ଲକର ଖଡ଼ିପଦା ମହିଳାମହାସଂଘର ସଭାନେତ୍ରୀ ପଦପାଇଁ ଖଡ଼ିପଦା ପଞ୍ଚାୟତ ଅଫିସ୍ କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସାଧାରଣ ନିର୍ବାଚନ ପରି ଏହି ନିର୍ବାଚନ ମଧ ବ୍ୟୟ ବହୁଳ ଖର୍ଚ୍ଚ ହୋଇଥିଲା। ସଭାନେତ୍ରୀ ପଦପାଇଁ ୩ଜଣ ତଥା ମିନାକ୍ଷୀ ଦାସ, ପ୍ରମିଳା ପୃଷ୍ଟି ଓ ବିଳାସିନି ଦାସ ନିର୍ବାଚନ ଲଢୁଥିବାବେଳେ ପଞ୍ଚାୟତର ୭୦ଟି ଏସ୍ଏଚ୍ଜି ଗ୍ରୁପରୁ ଆଠଟି ମଞ୍ଚ ମଧରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ମିନାକ୍ଷୀ ଦାସ-୬୭, ବିଳାସିନି ଦାସ- ୫୫ ଓ ପ୍ରମିଳା ପୃଷ୍ଟି- ୧୯ଖଣ୍ଡ ଭୋଟ ପାଇଥିବାବେଳେ ୪ଖଣ୍ଡ ଭୋଟ ନାକଚ ହୋଇଥିଲା। ଏଥିରେ ବିଜେପି ସମର୍ଥିତ ମିନାକ୍ଷୀ ଦାସ ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ନୋଡ଼ାଲ ଅଫିସର ଭାବେ ବିଶ୍ୱଜିତ୍ ମହାନ୍ତି ଓ ବିପିଏମ୍ ପିତବାସ ବିଶ୍ୱାଳ ନିର୍ବାନକୁ ପରିଚାଳନା କରିଥିଲେ।

## ବହିଷ୍କାର ହେଲେ ସାଂସଦଙ୍କର ଟାଙ୍ଗୀ ବ୍ଲକଶପ୍ରତିନିଧି

ଟାଙ୍ଗୀ ,(ଭସ୍କର ନ୍ୟୁଜ) : ଭୁବନେଶ୍ୱର ସାଂସଦ ତଥା ରଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଆଜି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବ୍ଲକ ପ୍ରତିନିଧି ପ୍ରଦୋଷ ହରିଚନ୍ଦନଙ୍କୁ ବ୍ଲକ ପ୍ରତିନିଧି ପଦରୁ ବହିଷ୍କାର କରିଛନ୍ତି କ୍ଷ ବିଭିନ୍ନ ଅର୍ଥନୈତିକ ଅନିୟମିତତା ଅଭିଯୋଗ ପରେ ସତ୍ୟତା ଅନୁସନ୍ଧାନ କରି ସାଂସଦ ଅପରାଜିତା ଷଡ଼ଙ୍ଗୀ ଆକ୍ସନ ମୁଡ୍କୁ ଆସିଥିଲେ। ତାଙ୍କର ପ୍ରତିନିଧି ପ୍ରଦୋଷ ହରିଚନ୍ଦନଙ୍କୁ ବହିଷ୍କାର ନିର୍ଦ୍ଦେଶ ଜାରି କରିଛନ୍ତି।

## କାର୍ଯ୍ୟାଳୟ ନିଆଁ ଲାଗିବା ଘଟଣାରେ ପିଇଓଙ୍କୁ ୩ ଘଣ୍ଟା ତାଲା



ବାଲିପାଟଣା (ଭାସ୍କର ନ୍ୟୁଜ): ଚଳିତ ମାସ ୩ ତାରିଖ ବୁଧବାର ଦିନ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ପମ୍ପାଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ଥିବା ଲୁହା ଗୋଡ୍ରେଜ୍ ଆଲ୍ମିରା ଭିତରେ ନିଆଁ ଲାଗିବା ଘଟଣାକୁ ତିନି ଦିନ ବିତିଗଲେ ମଧ ତଦନ୍ତ ରେ ଶିଥିଳତା ଯୋଗୁଁ ଆଜି ଦିନ ପ୍ରାୟ ୧୨ ଟା ରେ ପଞ୍ଚାୟତ ର ପିଇଓ ଅଭିରାମ ବାରିକ୍ଙ୍କୁ ଉତ୍ୟକ୍ତ ପଞ୍ଚାୟତବାସୀ କାର୍ଯ୍ୟାଳୟରେ ୩ ଘଣ୍ଟା ତାଲା ପକାଇ ଦେଇଥିଲେ। ପରେ ଥାନା ଅଧୀକାରୀ କୃପାସିନ୍ଧୁ ବରାଡ ପହଁଞ୍ଚିବା ପରେ ତାଙ୍କୁ ଉଦ୍ଧାର କରିଥିବା ସହିତ ପ୍ରାଥମିକ ତଦନ୍ତ କରିଥିବାର ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ବୁଧବାର ଦିନ ପ୍ରାୟ ୨ଟା ସମୟରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ପମ୍ପାଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଏକ ଲୁହା ଗୋଡ୍ରେଜ୍ ଆଲ୍ମିରା ଭିତରେ ନିଆଁ ଲାଗି ଗୁରୁତ୍ୱପୂର୍ଣ୍ଣ ମହାତ୍ମାଗାନ୍ଧୀ ନାସନାଲ୍ ରୁରାଲ୍ ଏମ୍ପ୍ଲୋୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ର ସମସ୍ତ କାଗଜପତ୍ର ଜଳି ଯାଇଥିଲା। ଏନେଇ ଥାନାରେ ସରପଞ୍ଚ ବାହାନ ଭୋଇ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତଦନ୍ତ ରେ ବିଳମ୍ବ ଯୋଗୁଁ ଆଜି ଗ୍ରାମବାସୀ ପିଇଓଙ୍କୁ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

## ବିବାହିତ ନାବାଳିକାଙ୍କ ଆତ୍ମହତ୍ୟ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : ଟାଙ୍ଗୀ ଥାନା ଅନ୍ତର୍ଗତ ଜାକନା ସାହିରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ବାବିହିତ ନାବାଳିକା ଫ୍ୟାନରେ ଓନି ବାନ୍ଧି ଆତ୍ମହତ୍ୟା କରିଥିବାର ଜଣାପଡିଛି। ମୃତକଙ୍କ ଘର ନୟାଗଡ ଜିଲ୍ଲା ନବଘନପୁର ଗ୍ରାମର ବୋଲି ଜଣାପଡିଛି। ପ୍ରେମିକା ଜଣକ ୧୪ବର୍ଷ ବୟସରୁ ଭଲ ପାଇ ଘର ଛାଡି ପ୍ରେମିକ ସହ ପଳାଇ ଆସିଥିଲେ। ହେଲେ ଜାଣିନଥିଲେ ଜୀବନର କଷ୍ଟ ଦିନେ ଜୀବନ ନେଇଜିବ। ଅଧିକ ଦିନ ଘର ସଂସାର କରି ପାରିନଥିଲେ। ଶେଷରେ ଜୀବନ କଷ୍ଟ ସହିନପାରି ଆତ୍ମହତ୍ୟା କଲେ ବିବାହିତ ନାବାଳିକା। ଟାଙ୍ଗୀ ଥାନା ଅନ୍ତର୍ଗତ ଜାକନା ସାହିରେ ଜଣେ ଏହି ବିଭାହିତା ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ଦେହ ଉଦ୍ଧାର କରିଛି ପୁଲିସ। ଘଟଣା ମୁତାବକ ନୟାଗଡ ଜିଲ୍ଲା ନବଘନପୁର ଗ୍ରାମର ତ୍ରିଲୋଚନ ବିଶ୍ୱାଳ ସେହି ଗ୍ରାମର ସୁରେନ୍ଦ୍ର ସାହୁଙ୍କ ଝିଅକୁ ଭଲ ପାଇ ୪ବର୍ଷ ହେବ ଘରୁ ନେଇ ଆସି ମନ୍ଦିରରେ ବିଭାହ କରିଥିଲେ। ସେ ଜଣେ ଟ୍ରକ ଡ୍ରାଇଭର ହୋଇଥିବାବେଳେ ଟାଙ୍ଗୀ ଠାରେ ଏକ ବର୍ଷ ହେବ ରହିଥିଲେ। ତ୍ରିଲୋଚନ ଦୁଇ ଦିନ ହେବ ଟ୍ରକ ନେଇ ଯାଇଥିବାବେଳେ ଗୁରୁବାର ରାତିରେ ଘରକୁ ଫେରିଥିଲେ। ତେବେ ଭିତର ପଟୁ କବାଟ ଦିଆହୋଇଥିବାବେଳେ ଫୋନ୍ ରିସିଭି କରିନଥିଲେ ତାଙ୍କ ପତ୍ନୀ। ସନ୍ଦେହ ହେବାରୁ ଝରକା ବାଟେ ଦେଖିବାକୁ ପାଇଥିଲେ କି ତାଙ୍କ ପତ୍ନୀ ଫ୍ୟାନରେ ନିଜ ଓଢଣୀ ସାହାର୍ଯ୍ୟରେ ଓହଳି ପଡିଥିଲେ। ଏହା ଦେଖି ସେ ଟାଙ୍ଗୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଁଚି ରାତି ସମୟରେ କବାଟଟିକୁ ନ ଖୋଲିବା କହିଥିଲେ। ଅନ୍ୟ ପଟେ ମୃତକଙ୍କର ବାପ ଘର ଲୋକେ ଖବର ପାଇଁ ଟାଙ୍ଗୀ ଥାନାରେ ପହଁଚି ଝିଅକୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳୁ ସାଇଂଟିଫିକ୍ ଟିମ ଆସିବା ପରେ ପୁଲିସ କବାଟଟିକୁ ତାଡିବା ସହ ମୃତ୍ୟୁ ଦେହକୁ ଉଦ୍ଧାର କରିଥିଲେ। ସେଠାରୁ ଏକ ହାତ ଲେଖା ଚିଠି ମଧ ଜବତ କରି ଯେଉଁଥିରେ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି ଲେଖା ହୋଇଥିଲା। ପୁଲିସ ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇ କେସ୍ ନଂ.୧୭୦/୨୨ ଏକ ମାମଲା ରୁଜୁ କରିଥିବାର ଜଣାପଡିଛି। ଅନ୍ୟ ପଟେ ରଙ୍ଗ୍ ନମ୍ବରକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ କିଛି ଯୁକ୍ତି ହୋଇଥିବା ତ୍ରିଲୋଚନ ଗଣମାଧମ ଆଗରେ ପ୍ରକାଶ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଆଇଆଇସି ପ୍ରକାଶ କରିଛନ୍ତି।

### କାନାରା ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ

## ଲୋନ୍ ସୁଝିବାକୁ ଟଙ୍କା ନେଇ ଡିପୋଜିଟ୍ କରି ନାହାନ୍ତି




କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଉତ୍ତାରଣ ପଞ୍ଚାୟତ ଉତ୍ତାରଣ ଗ୍ରାମରେ ଥିବା ଭାରତ ସରକାରଙ୍କର କାନାରା ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଆସିଛି ସାଙ୍ଘାତିକ ଅଭିଯୋଗ। ଏହି ବ୍ୟାଙ୍କରେ କାର୍ଯ୍ୟରତ ଥିବା କର୍ମଚାରୀ ଡିମିରି ଗ୍ରାମର କମଳା କାନ୍ତ ମହାନ୍ତିଙ୍କ ଠାରୁ ୧୩,୫୦୦/- ଟଙ୍କା ଲୋନ୍ ସୁଝିବା ପାଇଁ ଦେଇଥିଲେ। ଉକ୍ତ ଟଙ୍କାକୁ ସମ୍ପୃକ୍ତ କର୍ମଚାରୀ ୮ ମାସ ନିଜ ପାଖରେ ରଖିଥିଲେ। ଏଠାରେ ସୂଚନା ଥାଉକି କମଳା କାନ୍ତ ଏହି ବ୍ୟାଙ୍କରୁ ୨୫ ହଜାର ଟଙ୍କା ଋଣ ନେଇଥିଲେ। ୮ ହଜାର ଟଙ୍କା କିସ୍ତିରେ ସୁଝିଥିବା ବେଳେ ଅବଶିଷ୍ଟ ଟଙ୍କା ଏକକାଳୀନ ସୁଝିଦେଲେ ଅଧିକ ଲୋନ୍ ଦେବାପାଇଁ ଏହି କର୍ମଚାରୀ ଜଣକ ପ୍ରତିଶରତି ଦେଇ ତାଙ୍କଠାରୁ ୧୩୫୦୦/- ଟଙ୍କା ନେଇଥିଲେ। କମଳା କାନ୍ତ ବାରମ୍ବାର ୮ ମାସକାଳ ବ୍ୟାଙ୍କକୁ ଆସି ଲୋନ୍ ନ ପାଇ ନିରାଶ ହୋଇ ଫେରୁଥିଲେ। ବ୍ୟାଙ୍କ ମ୍ୟାନେଜରଙ୍କ ବଦଳି ପରେ ପ୍ରକୃତ ସତ୍ୟ ପଦାକୁ ଆସିଥିଲା। କମଳାକାନ୍ତ ଜାଣିବାକୁ ପାଇଥିଲେ ଯେ ତାଙ୍କ ଆକାଉ□ରେ କୌଣସି ଟଙ୍କା ଡିପୋଜିଟ୍ କରାଯାଇ ନାହିଁ। ଉକ୍ତ କର୍ମଚାରୀଙ୍କୁ କମଳା କାନ୍ତ ପଚାରିବାରୁ ସେ ସଙ୍ଗେ ସଙ୍ଗେ ଏହି ଟଙ୍କାକୁ ଡିପୋଜିଟ୍ କରିଥିଲେ। ଏହି ଖବର ପ୍ରକାଶିତ ହେବା ପରେ ବ୍ୟାଙ୍କରୁ ଲୋନ୍ ନେଇଥିବା ବ୍ୟକ୍ତି ଓ ଟଙ୍କା ରଖିଥିବା ବ୍ୟକ୍ତିଙ୍କ ମଧରେ ଛନକା ପଶିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ।

## 'ଗୁଣାତ୍ମକ ଶିକ୍ଷା ବିକାଶର ଚାବିକାଠି'




ବୋଲଗଡ, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ହାଇସ୍କୁଲର ବ୍ଲକସ୍ତରୀୟ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ସମ୍ମାନ ଉତ୍ସବ ଶୁକ୍ରବାର ଦିନ ସ୍ଥାନୀୟ ନନ୍ଦିଘୋଷ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ନିରଞ୍ଜନ ମହାନ୍ତି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ ଛୋଟରାୟ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବିଡିଓ ଧୋବେଇ ନାୟକ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ର ପ୍ରାରମ୍ଭ ରେ ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ ଗୀତା ପାଠ ଓ ବେଦ ପାଠ କରିଥିବା ବେଳେ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷା ଅଧିକାର ଡଃ ନିରଞ୍ଜନ ମହାନ୍ତି ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ସମାଜ ଗଠନ ରେ ମେଧାବୀ ଛାତ୍ରଛାତ୍ରୀ ମାନଙ୍କରେ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ପ୍ରତିଭା ସମ୍ମାନ ଉତ୍ସବ ରେ ବୋଲଗଡ଼ ଶିକ୍ଷା ବ୍ଲକ ର ୧୧ ଗୋଟି ହାଇସ୍କୁଲର ଗତ ୨୦୨୧-୨୨ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ରେ ପାସ୍ କରିଥିବା ସମୁଦାୟ ୪୧ଜଣ ମେଧାବୀ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ମେଧାବୀ ଛାତ୍ରଛାତ୍ରୀ ମାନେ ଦେଶ, ଜାତି, ଶିକ୍ଷାନୁଷ୍ଠାନ ଓ ପରିବାର ର ଗର୍ବ ଗୌରବ ଓ ସମାଜର ମେରୁଦଣ୍ଡ ବୋଲି ମୁଖ୍ୟ ଅତିଥି ବିଧାୟକ ରାଜେନ୍ଦ୍ର କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମେଧାବୀ ଛାତ୍ରଛାତ୍ରୀ ମାନେ ନିଷ୍ଠା ଓ ସାଧନା ସହ କଠିନ ପରିଶ୍ରମ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରି ଦେଶ ମାତୃକାର ସେବା କରିବାକୁ ବିଡିଓ ଧୋବେଇ ନାୟକ ଓ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ କହିଥିଲେ। ସମସ୍ତ ନିମନ୍ତ୍ରିତ ଅତିଥି ମାନେ ୪୧ଜଣ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ, ମାନପତ୍ର, ମେଡାଲ୍ ପଦକ, ପ୍ରତିଭା ସମ୍ମାନ ଟ୍ରଫି ପ୍ରଦାନ କରି ସେମାନଙ୍କୁ ଶୁଭ ଆଶୀର୍ବାଦ ଦେଇଥିଲେ। ସମସ୍ତ କାଯ୍ୟକ୍ରମ କୁ ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ ସଂଯୋଜନା ତଥା ପରିଚାଳନା କରିଥିଲେ। ଏହି ପ୍ରତିଭା ସମ୍ମାନ ଉତ୍ସବ ରେ ଆଞ୍ଚଳିକ ସାଧନ ସଂଯୋଜକ ଦୁର୍ଗା ପ୍ରସାଦ ସୁବୁଦ୍ଧି, ଧୀରେନ୍ ପାତ୍ର, ବିଶ୍ୱରଞ୍ଜନ ସେଠୀ , କୈଳାସ ଚନ୍ଦ୍ର ମହାରଣା, ରତ୍ନ ପ୍ରଭା ସାହୁ, ଅଶୋକ କୁମାର ସାହୁ, କାର୍ତ୍ତିକ ଦାସ, ଗଂଗାଧର ବେହେରା, ଚିନ୍ତାମଣି ସାହୁ ସମେତ ସମସ୍ତ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ମାନେ ସହଯୋଗ କରିଥିଲେ। ପରିଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ଗୋଷ୍ଠୀ ଶିକ୍ଷା କାଯ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଅନୁରୋଧ କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କରୋନା ଟିକାକରଣ ଅଭିଯାନରେ ଶୁକ୍ରବାର ସୁଦ୍ଧା ରାଜ୍ୟରେ ସମୁଦାୟ ୭ କୋଟି ୧୮ ଲକ୍ଷ ୨୪ ହଜାର ୬୦୫ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ଶୁକ୍ରବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୫୦ ଲକ୍ଷ ୬୦ ହଜାର ୩୪୭ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୨୩ ଲକ୍ଷ ୪୩ ହଜାର ୨୨୭ ଜଣ । ଏହା ସହିତ ବୁଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୪୪ ଲକ୍ଷ ୨୧ ହଜାର ୦୩୧ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ସମୁଦାୟ ୬୩ ଲକ୍ଷ ୮୬ ହଜାର ୩୦୯ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

## ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଡାଇରିଆ ସ୍ଥିତିର ସମୀକ୍ଷା

# ରୋଗୀଙ୍କୁ ତୁରନ୍ତ ହସ୍ପିଟାଲ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସଂପ୍ରତି ୭ଟି ଜିଲ୍ଲାର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଦେଖାଦେଇଥିବା ଡ଼ାଇରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ସ୍ଥିତିର ସମୀକ୍ଷା କରିଥିଲେ । ରାଜ୍ୟ ଲୋକସେବା ଭବନରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ ସଂକ୍ରମଣ ନିୟନ୍ତ୍ରଣ ସମ୍ବନ୍ଧିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ



କରିଥିଲେ । ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି ଗ୍ରାମ ଓ ୱାର୍ଡରୁ କମ୍ୟୁନିଟି ହେଲଥ ସେଣ୍ଟର, ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ଏବଂ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ତ୍ୱରିତ ଡାଇରିଆ ସୂଚନା ପ୍ରସାରଣ ଓ ସଂକ୍ରମିତଙ୍କୁ ତୁରନ୍ତ ହସ୍ପିଟାଲ ସ୍ଥାନାନ୍ତର ନିମନ୍ତେ ଏକ ସକ୍ରିୟ ଓ ନିର୍ଭରଯୋଗ୍ୟ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶୃଙ୍ଖଳରେ ଆଶାକର୍ମୀ/ଅଙ୍ଗନାବାଡ଼ି କର୍ମୀ/ୱାର୍ଡ଼-ମେମ୍ବର/ସରପଞ୍ଚ/ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଦ୍ୟାଳୟମାନଙ୍କୁ ସାମିଲ କରିବା ନିମନ୍ତେ ମଧ୍ୟ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ୍, ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ସଂଘମିତ୍ରା ପତି, ପବ୍ଲିକ୍ ହେଲଥ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ମିଶନ ଶକ୍ତି ସଦସ୍ୟାଙ୍କ ସହ ଆଲୋଚନା କରୁଛନ୍ତି

## ବିଧାନସଭା ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଓଡ଼ିଶା ବିଧାନସଭା ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ମହାମନୀଷୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଧାନସଭା ପରିସରସ୍ଥିତ ପୁଣ୍ୟାତ୍ମା ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ବିଶିଷ୍ଟ ସମାଜ ସଂସ୍କାରକ, ପଣ୍ଡିତ ଗୋପବନ୍ଧୁଙ୍କ ସହକର୍ମୀ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରବୀଣ ଶିକ୍ଷକ, ଓଡ଼ିଶାର ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ମନୀଷୀ ଏବଂ ଓଡ଼ିଶା ବିଧାନସଭାର ବାଚସ୍ପତି ପଦମଣ୍ଡନ କରିଥିବା ପଣ୍ଡିତ ନୀଳକଣ୍ଠ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଥିଲେ । ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭାର ସଚିବ ଦାଶରଥୀ ଶତପଥୀ, ଉତ୍କଳ ସମ୍ମିନୀର କର୍ମକର୍ତ୍ତାବୃନ୍ଦ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓଡ଼ିଶାର ଏହି ବରେଣ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗୀତାର ମହତ୍ତ୍ୱ ସମ୍ପର୍କିତ ଇଂରାଜୀ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି ।

## ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ବେଳେ ମହିଳାଙ୍କୁ ଉଦ୍ଧାର କଲେ ଯୁବକ

ବାରଙ୍ଗ(ଭାସ୍କର ନ୍ୟୁଜ୍): କାଠଯୋଡୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ । ତ୍ରିଶୂଳିଆ-କଟକ ହାଇକୋର୍ଟକୁ ସଂଯୋଗ କରୁଥିବା କାଠଯୋଡି ନଦୀ ସେତୁ ଉପରେ ଘଟିଛି ଏହି ଘଟଣା । ଖବରରୁ ପ୍ରକାଶ ବାରଙ୍ଗ ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ସୁମନ୍ତ ଭଟ୍ଟ ନାମକ ଜଣେ ୩୨ବର୍ଷିୟ ଯୁବକ ଶୁକ୍ରବାର ଦିନ ପୂର୍ବାହ୍ନରେ ନିଜର କାମ ସାରି କଟକରୁ ଘରକୁ ଫେରୁଥିବାବେଳେ ନେତାଜୀ ସୁବାସ ବୋଷ ସେତୁ ଉପରେ ଜଣେ ମହିଳା ଏପଟ ସେପଟ ହୋଇ କାନ୍ଦୁ ଥିବାର ଦେଖିବାକୁ ପାଇଥିଲେ । ତାଙ୍କ ମନରେ ସନ୍ଦେହ ହେବାରୁ ସେ ନିଜ ବାଇକଟିକୁ ରଖିଦେଇଥିଲେ । ମହିଳା ଜଣକ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ତାଙ୍କୁ ଉଦ୍ଧାର କରି ପିସିଆର ଭ୍ୟାନକୁ ଖବର କରିଥିଲେ । ତେବେ ମହିଳାଙ୍କ ପରିଚୟ ମିଳିପାରି ନାହିଁ ।

## ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ଏନସିସି ଫାୟାରିଂ ରେଞ୍ଜ ଉଦ୍‌ଘାଟିତ



ବାରଙ୍ଗ(ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ଏନସିସି ନିର୍ଦ୍ଦେଶାଳୟର ମିଳିତ ଉଦ୍ୟମରେ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ୫୦ମିଟର ଏନସିସି ଫାୟାରିଙ୍ଗ ରେଞ୍ଜ ସର୍ଟ ସୁଟିଙ୍ଗ ଉଦଘାଟିତ ହୋଇଯାଇଛି ।ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର କାର୍ମିକା ନିର୍ଦ୍ଦେଶକ ଗୌରବ ବର୍ମା ଏବଂ କର୍ଣ୍ଣେଲ ରଜନିଶ କପୂର ଗ୍ରୁପ କମାଣ୍ଡରଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଟ୍ରେନିଂ ଜେସିଓ ଏନ.ବି ଥାପାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୩୦ କ୍ୟାଡେଟର ଅଂଶ ଗ୍ରହଣ କରିଥିଲେ । ୨୨ଟି ଡିଲକ୍ସ ରାଇଫଲ ଗୁଳି ଚାଳନାରେ ଭାଗ ନେଇଥିବା ଦୁଇ ଜଣ କ୍ୟାଡେଟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କମାଣ୍ଡିଙ୍ଗ ଅଫିସର କର୍ଣ୍ଣଲ ପିକେ ଚୌଧୁରୀ ,ଓଡିଶା ୧ ବାଟାଲିୟାନ ଏନସିସି (ସେନା), ଛାତ୍ର ବ୍ୟାପାର ନିର୍ଦ୍ଦେଶକ କ୍ୟାପଟେନ ଚନ୍ଦ୍ର ଶେଖର ପଣ୍ଡା,ଡ, ଅନୁପମ ଡାକୁଆ, ଓଡିଶା ବାଟାଲିଆନ ଏନସିସି ସେନାର ଜୁନିୟର ଅଫିସର ଓ ବିଶ୍ୱବିଦ୍ୟାଳୟର କର୍ମଚାରୀ ଏହି ଐତିହାସିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜିଏସ୍‌ଟି ଲାଗୁକୁ ନେଇ ପ୍ରତିବାଦ

# ଟ୍ୱିନ୍‌ସିଟିରେ କଂଗ୍ରେସର ବିକ୍ଷୋଭ





ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ୍): ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା ଓ ଜନମାରଣ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଆଜି ପ୍ରଦେଶ କଂଗ୍ରେସ ସଭପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସ ପକ୍ଷରୁ ରାଜଭବନ ଘେରାଉ କରାଯାଇଛି । ହଜାର ହଜାର ସଂଖ୍ୟାରେ କଂଗ୍ରେସକର୍ମୀ ରାଜଭବନ ଆଡ଼କୁ ମାଡ଼ିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇ ଗିରଫ ହୋଇଛନ୍ତି । ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଏଡିଏମଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ । ଏଡିଏମ ଅଫିସ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ରାଜଭବନ ଘେରାଉ କରିବାପାଇଁ ରାଜଭବନ ଅଭିମୁଖେ ଯାତ୍ରା କରୁଥିବା ବେଳେ ରାଜଭବନ ସମ୍ମୁଖରେ ପୋଲିସ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । କଂଗ୍ରେସ କର୍ମୀମାନେ ପୋଲିସ ବାରିକେଡ ଭାଙ୍ଗି ପ୍ରବେଶ କଲାବେଳେ ପୋଲିସ ତିନି ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କୁ ଗିରଫ କରିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ତାଙ୍କ ବକ୍ତବ୍ୟରେ ମୋଦି ଓ ନବୀନ ସରକାରକୁ କଟୁ ସମାଲୋଚନା କରିଥିଲେ । ସେହିପରି ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ପକ୍ଷରୁ ଯୋବ୍ରା ଠାରୁ କଟକ ରେଳ ଷ୍ଟେସନ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାଙ୍କ ଜନ ମରଣ ନୀତି ବିରୁଦ୍ଧରେ ଏକ ବିଶାଳ ବିକ୍ଷୋଭ ଓ ଶୋଭାଯାତ୍ରା ହୋଇଥିଲା । ଏହି ଶୋଭାଯାତ୍ରାରେ ହଜାର ହଜାର କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । କଟକ ରେଳ ଷ୍ଟେସନ ଠାରେ ପୋଲିସ ସହ ଧସ୍ତା ଧସ୍ତି ହୋଇଥିଲା । କଟକ ଜିଲ୍ଲା ସଭାପତି ଶ୍ରୀ ଚୌଧୁରୀ ଏବଂ ଅନ୍ୟାନ୍ୟ ନେତୃ ବୃନ୍ଦଙ୍କୁ ଗିରଫ କରି କଟକ ବାରବାଟି ଷ୍ଟାଡିୟମ୍ ଠାରେ ଅଟକ ରଖିଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଚୌଧୁରୀ କହିଛନ୍ତି ଯେ , ସାଧାରଣ ଜନତା ଦରଦାମ ଜନିତ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଦୃଶ୍ୟକୁ ଉପଭୋଗ କରୁଛନ୍ତି । କଂଗ୍ରେସ ଦଳ ସାଧାରଣ ଜନତାର ସ୍ୱାର୍ଥ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ସଂଗ୍ରାମ ଜାରି ରହିବ । ଏହି କାର୍ଯ୍ୟକ୍ରମରେ ବିଭୂତି ମିଶ୍ର, ପୁଷ୍ପା ସାମଲ, ଆକିୟୁବ ଖାଁ, ପ୍ରୀୟଜିତ ରାୟ, ଡ.ବିପ୍ଳବ ଶିଳାଦିତ୍ୟ, ସମରେନ୍ଦ୍ର ହାତୀ, ଅକ୍ଷୟ ତୁଙ୍ଗ ସାମନ୍ତ, ମନୋଜ ବିଶ୍ୱାଳ, ଶୋଭା ସିଂହ, ସଚିଦା ନନ୍ଦ ରାଉତ କଟକ ଜିଲ୍ଲା ଛାତ୍ର ସଭାପତି ପନାସା ପଲ୍, ଉଗ୍ରସେନ ଭୂୟାଁ, ରାଜ୍ ସିକନ ସ୍ୱାଇଁ, ସଦାଶିବ ବାରିକ, ରାଜ୍ କିଶୋର ସ୍ୱାଇଁ ପ୍ରମୁଖ ହଜାର ହଜାର କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## 'ଓଡ଼ିଶା ମୋ ପରିବାର'ର ରାଜ୍ୟ ସଂଯୋଜକ ହେଲେ ମିହିର ରାୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଯୁବ ସମାଜସେବୀ ମିହିର ରାୟଙ୍କୁ 'ଓଡ଼ିଶା ମୋ ପରିବାର'ର ନୂତନ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ଶ୍ରୀ ରାୟଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି । 'ଓଡ଼ିଶା ମୋ ପରିବାର' ଭଳି ରାଜ୍ୟର ସର୍ବବୃହତ ସ୍ୱେଚ୍ଛାସେବୀ ସଙ୍ଗଠନରେ ତାଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ଶ୍ରୀ ରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

## ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅଧିନ ବିଭିନ୍ନ କ୍ୟାଡରେ ଖାଲିଥିବା ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ବନ୍ଧରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ, ଷ୍ଟାଫ୍ ସିଲେକ୍ସନ୍ କମିଶନ, ସବ-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ, ପୋଲିସ୍ ରିକ୍ରୁଟ୍ମେଣ୍ଟ ବୋର୍ଡ ଆଦିଙ୍କୁ ପରାମର୍ଶ ଦେଇଥିଲେ । ଯେଉଁ ପଦବୀମାନଙ୍କ ପାଇଁ ପରୀକ୍ଷା ଓ ମୂଲ୍ୟାୟନ ସରିଛି ସେସବୁର ଚୟନ ତାଲିକା ନିଯୁକ୍ତି ନିମନ୍ତେ ତୁରନ୍ତ ସଂପୃକ୍ତ ବିଭାଗମାନଙ୍କୁ ସୁପାରିଶ କରିବା ପାଇଁ ମଧ୍ୟ ମହାପାତ୍ର ପରାମର୍ଶ ଦେଇଥିଲେ । ପୋଲିସ୍ ମହାନିର୍ଦ୍ଦେଶକ ସୁନିଲ୍ କୁମାର ବନ୍‌ଶାଲ୍, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପ୍ରମୁଖ ଶାସନ ସଚିବ ଓ ସବ୍‌ଅଡିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଅଧକ୍ଷ ଶାଶ୍ୱତ ମିଶ୍ର, ଷ୍ଟାଫ୍ ସିଲେକସନ୍ କମିଶନ ଅଧ୍ୟକ୍ଷ ଶ୍ରୀ ଅଭୟ, ପବ୍ଲିକ୍ ସର୍ଭିସ୍ କମିଶନ ସେକ୍ରେଟେରୀ ପ୍ରମୋଦ ମିଶ୍ରଙ୍କ ସମେତ ସଂପୃକ୍ତ କମିଶନମାନଙ୍କର ସେକ୍ରେଟେରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ପରାମର୍ଶଦାତା କମିଟିର ସଦସ୍ୟ ହେଲେ ମାନସ ମଙ୍ଗରାଜ

ଭୁବନେଶ୍ୱର: ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ କେନ୍ଦ୍ର ସୂଚନା ଓ



ପ୍ରସାରଣ ମନ୍ତ୍ରାଳୟର ପରାମର୍ଶଦାତା କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଶ୍ରୀ ମଙ୍ଗରାଜଙ୍କ ମନୋନୟନ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି । ମନ୍ତ୍ରଣାଳୟର ନୀତି ନିର୍ଦ୍ଧାରଣରେ ପରାମର୍ଶଦାତା କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ ।

## ରେଡ ରିବନ କ୍ଲବ ସଂଯୋଜକଙ୍କ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଚ.ଆଇ.ଭି/ ଏଡସ୍ ସଂକ୍ରମଣର ନିୟନ୍ତ୍ରଣ ଓ ଦୂରୀକରଣ ନିମନ୍ତେ ଯୁବ ସମାଜକୁ ଏକଜୁଟ କରିବା ଓ ସେମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା ରେଡ ରିବନ କ୍ଲବର ଏକମାତ୍ର ଲକ୍ଷ୍ୟ । ସେହି ଦୃଷ୍ଟିରୁ ରେଡ ରିବନ କ୍ଲବ ଏଚ.ଆଇ.ଭି/ ଏଡସ୍ ସଚେତନତାର ପ୍ରତୀକ ରୂପେ ଗ୍ରହଣ କରାଯାଇଛି ବୋଲି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଡାକ୍ତର ଉର୍ମିଳା ମିଶ୍ର ପ୍ରକାଶ କରିଛନ୍ତି । ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନରେ ଏକ ଦିବସୀୟ ରାଜ୍ୟସ୍ତରୀୟ ରେଡ ରିବନ କ୍ଲବର ସଂଯୋଜକମାନଙ୍କର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ମିଶ୍ର ଏହା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ଅଞ୍ଜନା ପଣ୍ଡା ଏଚ.ଆଇ.ଭି/ ଏଡସ୍ ବିଷୟରେ ମୂଳ ଧାରଣା ଓ ଓଡ଼ିଶାର ଚିତ୍ର ବିଷୟରେ ଆଲୋକପାତ କରିଥିଲେ । ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଯୁଗ୍ମ ସଚିବ ଦେବେନ୍ଦ୍ର ପ୍ରସାଦ ଦାସ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ, ଓସାକ୍ସର ବିତ ପରାମର୍ଶଦାତ୍ରୀ ସୁଶ୍ରୀ ସୁଖଲତା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡି.ଏସ.ଅରବିନ୍ଦ, ସହକାରୀ ନିର୍ଦ୍ଦେଶକ ଇଂ ଅଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ ରିବନ କ୍ଲବକୁ ଅଧିକ ସକ୍ରିୟ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ରେଡ ରିବନ କ୍ଲବକୁ ଅଧିକ କ୍ରିୟାଶୀଳ କରିବାକୁ ଉପସ୍ଥିତ ରେଡ ରିବନ କ୍ଲବ ସଂଯୋଜକମାନଙ୍କୁ ଆହ୍ୱାନ ଦେଇଥିଲେ । ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସର ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ହୃଦଘାତ ହୋଇଥିବା ବ୍ୟକ୍ତିଙ୍କୁ ବଞ୍ଚାଇବ

# କିମସ୍ ଡାକ୍ତରଙ୍କ ସଞ୍ଜୀବନୀ ଗ୍ୟାଜେଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଣିକି ହୃଦ୍‌ଘାତ ହୋଇଥିବା ରୋଗୀଙ୍କୁ ବଞ୍ଚାଇବା ସହଜ ହେବ । ସ୍ଥାନ, କାଳ ଓ ସମୟ ଭିତ୍ତିରେ ଅନେକ ବ୍ୟକ୍ତି ହୃଦ୍‌ଘାତର ସମ୍ମୁଖୀନ ହୋଇଥାନ୍ତି । ସେମାନଙ୍କୁ ଉପଯୁକ୍ତ ସମୟରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହୋଇଥାଏ । ଏହି ଜଟିଳ ସମସ୍ୟାକୁ ଦୃଷ୍ଟିରେ ରଖି କିମ୍‌ସ ଡାକ୍ତରମାନେ ଏକ ପ୍ରଭାବଶାଳୀ ପ୍ରଯୁକ୍ତି ବିଦ୍ୟାର ବିକାଶ କରିଛନ୍ତି । ଏହାର ନାମ ରଖାଯାଇଛି କାର୍ଡିଓ ପୁଲ୍‌ମୋନାରୀ ରିସସାଇଟେସନ୍ ପ୍ରସିଡ୍ୟୁଅର(ସିପିଆର୍) । କିମ୍‌ସ ଡାକ୍ତରମାନେ ଏହାର ନାମ 'ସଞ୍ଜୀବନୀ' ରଖିଛନ୍ତି । ଏହାର



ଭାରତର ପ୍ରଥମ ବିକଶିତ ମାନୁଆଲ୍ ବୋଲି କୁହାଯାଉଛି । ହୃଦଘାତର ଶିକାର ହୋଇଥିବା ରୋଗୀଙ୍କଠାରେ ଏହି ପଦ୍ଧତି ସେମାନଙ୍କ ବଞ୍ଚିବାର ଆଶା ୩ଗୁଣିତ କରିପାରିବ ବୋଲି କିମ୍‌ସ ଡାକ୍ତରମାନେ ଦାବି କରିଛନ୍ତି । କିମ୍‌ସ ଡାକ୍ତରମାନେ ଏହାକୁ ସଞ୍ଜୀବନୀ ଗ୍ୟାଜେଟ୍ ଭାବେ ନାମିତ କରିଛନ୍ତି । ଡାକ୍ତରଙ୍କ ମତରେ ହୃତଘାତର ଶିକାର ହେଉଥିବା ପ୍ରାୟ ୮୫ ଭାଗ ଲୋକଙ୍କ ମଧ୍ୟରୁ ୧୦ ପ୍ରତିଶତରୁ କମ୍ ଲୋକ ହିଁ ବଞ୍ଚିଥାନ୍ତି । ସାଧାରଣତଃ ହୃତଘାତର ପ୍ରାୟ ୬ ମିନିଟ୍ ପରେ ହୃତପିଣ୍ଡ ଏବଂ ମସ୍ତିଷ୍କର ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ । ଫଳରେ ବ୍ୟକ୍ତି ଜଣଙ୍କର ମୃତ୍ୟୁ ଘଟିଥାଏ । ତେଣୁ ଏହି ସମୟ ମଧ୍ୟରେ ହୃଦଘାତର ଶିକାର ହୋଇଥିବା ବ୍ୟକ୍ତିଙ୍କୁ (ସିପିଆର) ପ୍ରଣାଳୀ ଦ୍ୱାରା ବଞ୍ଚାଇ ଦିଆଯାଇପାରିବ । ଏହି ସିପିଆ ପଦ୍ଧତି ଠିକ୍ ସମୟରେ ଶୀଘ୍ର ଆରମ୍ଭ ହେଲେ ରୋଗୀର ବଞ୍ଚିବାର ଆଶା ୩ ଗୁଣ ବୃଦ୍ଧି ପାଇଥାଏ । ଏହି ଜରୁରୀକାଳୀନ ପରିସ୍ଥିତିରେ ରୋଗୀର ପାଖରେ ଥିବା ପରିବାର ସଦସ୍ୟ, ବନ୍ଧୁ କିମ୍ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ରୋଗୀକୁ ସିପିଆର ଦେବାକୁ ପଡିବ । ଯେଉଁଥିପାଇଁ 'ସଞ୍ଜୀବନୀ' ଗ୍ୟାଜେଟ୍ ଟି ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କାର୍ଡିଆକ ଆନାସ୍ଥେସିଆର ଆସୋସିଏଟ୍ ପ୍ରଫେସର ଡା. ଅଶୋକ କୁମାର ବଡମାଳୀ କହିଛନ୍ତି ।


ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ବିଜୟଲକ୍ଷ୍ମୀ ମହାନ୍ତି

ଆବିର୍ଭାବ : ୦୧.୦୨.୧୯୮୧

ତିରୋଧାନ : ୨୭.୦୭.୨୦୨୨

ମୋ ଆଦରର ମମି ! ଅଧବାଟରେ ମତେ ଠକିଦେଇ ଚାଲିଗଲ । ତମର ଅକାଳ ବିୟୋଗରେ ଆମେ ମର୍ମାହତ । ତମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମର ପାଥେୟ ହେଉ ।

ଇତି :

ତମର ଅଲିଅଳି ଝିଅ କ୍ରିଷ୍ଣା

ସଂଗ୍ରାମ କ୍ଲବ୍ ଲେନ୍, ବଡ଼ଶଙ୍ଖ, ପୁରୀ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ନେହେନା ଆଶ୍ରମ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରୀ ଶିବାନୀ ଭୋଇ (୮) ଙ୍କ ମୃତ୍ୟୁ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଉପଯୁକ୍ତ ଚିକିତ୍ସା ଅଭାବରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରି ନେହେନାଠାରେ ଖଡ଼ିଆଳ-ସିନାପାଲି ରାସ୍ତା ଅବରୋଧ କରିଥିଲେ। ଖଡ଼ିଆଳ ବ୍ଲକ୍ ରାଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗାଁର ଶିବାନୀ ନେହେନା ଆଶ୍ରମ ବିଦ୍ୟାଳୟର ହଷ୍ଟେଲରେ ରହି ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ। ତାକୁ ଅତ୍ୟଧିକ ଝାଡ଼ାବାନ୍ତି ହୋଇଥିଲା। ହେଲେ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଠିକ୍ ସମୟରେ ଚିକିତ୍ସା ନ କରିବା ଦ୍ୱାରା ଝିଅର ମୃତ୍ୟୁ ହୋଇଥିବା ବାପା ଡିଙ୍ଗର ଭୋଇ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଚାରି ଦଫା ଦାବି ନେଇ ପରିବାର ଲୋକ ରାସ୍ତାରୋକ କରିଥିଲେ। ଦାବି ଗୁଡ଼ିକ ମଧ୍ୟରେ ଚିକିତ୍ସାରେ ଅବହେଳା କରିଥିବା ପ୍ରଧାନ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର, ଜବରଦସ୍ତ ମୃତ ଝିଅର ଶବ ସତ୍କାରରେ ସହଯୋଗ କରିଥିବା ଶିକ୍ଷକଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପରିବାରକୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ, ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ ଆଦି ଉଲ୍ଲେଖ ରହିଛି। ବିଡିଓ ନାରାୟଣ ସାହୁ, ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀ, ଆଇଆଇସି ଅନିରୁଦ୍ଧ ମୁଦୁଲି ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ।

### ବାଲିମୁଣ୍ଡା ଏୟାର ଷ୍ଟ୍ରିପ୍ ନିର୍ମାଣ ବିବାଦ ଥମିବାର ନାଁ ଧରୁନି

## ବିସ୍ଥାପିତଙ୍କୁ ପ୍ରାପ୍ୟ ଓ ଥଇଥାନ ନେଇ ଆନ୍ଦୋଳନ

ବାସୁଦେବପୁର, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବାସୁଦେବପୁର ତହସିଲ ଅନ୍ତଗତ ବାଲିମୁଣ୍ଡାଠାରେ ନିର୍ମାଣଧିନ ଧାମରା ବନ୍ଦରର ଆଦାନୀ ଏୟାରଷ୍ଟ୍ରିପ୍ ଜମି ବିବାଦ ଥମିବାରେ ନାଁ ଧରୁନି। ବିବାଦ ଦିନକୁ ଦିନ ଉଗ୍ରରୂପ ନେଉଛି। ଜମି ଅଧିଗ୍ରହଣ ପକ୍ରିୟା ଶେଷ ହୋଇ ନ ଥିବା ବେଳେ ତରବରିଆ ଭାବେ କିପରି ଏୟାର ଷ୍ଟ୍ରିପ ନିମାଣ କରାଯାଉଛି ତାହାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ଆଦାନୀ ବନ୍ଦର କମ୍ପାନୀ ଓ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ବିରୋଧ କରି ଧାରଣାରେ ବସିଛନ୍ତି। ବିସ୍ଥାପିତମାନେ ନିଜର ଅଧିକାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏୟାରଷ୍ଟ୍ରିପ୍ ନିର୍ମାଣରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତି ସହ ଘୋଷଣା କରିଥିବା ୧୦ ଡ଼ିସିମିଲ



ଜମି ଓ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଏବଂ ଶ୍ରମିକମାନଙ୍କୁ ନିଯୁକ୍ତ କରିବା ଦାବିରେ ଆନ୍ଦୋଳନକାରୀମାନେ ଅଟଳ ରହିଛନ୍ତି। ଏହି ସ୍ଥାନରେ ଏୟାରଷ୍ଟ୍ରିପ ସୂଚନା ମିଳିବାଠାରୁ ଜିଲ୍ଲା ପ୍ରଶାସନ ନନା ମିଛ ପ୍ରତିଶ୍ରୁତି ଦେଉଥିବା ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଆଦାନୀ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ମିଛ ପ୍ରତିଶ୍ରୁତି ଦେଇ ଗ୍ରାମବାସୀମାନଙ୍କୁ ଭୁଲାଇ ଦେଉଛନ୍ତି। ଆଦାନୀ କାହିଁକି ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ତରବରିଆ ଭାବେ କାର୍ଯ୍ୟ ନିର୍ମାଣ କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ କାମ ବନ୍ଦ ରଖିବା ସହ ଧାରଣା ଦେଇଛନ୍ତି। ତହସିଲଦାର ନମିତା ନାୟକ ନାୟକାଣିଡ଼ିହି ପୁଲିସ ଏବଂ ବନ୍ଦର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବାରେ ବିଫଳ ହୋଇଥିଲେ। ସ୍ଥାନୀୟ ବାଲିମୁଣ୍ଡାଠାରେ ଆଦାନୀ ଏକ ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ୨୨୯ ଏକର ଜମି ଆବଶ୍ୟକ ବେଳେ ରାଜସ୍ୱ ପକ୍ଷରୁ ୨୦୦ ଏକର ସରକାରୀ ଜମି ଚିହ୍ନିଟ କରି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ସେଠାରେ ପୂର୍ବରୁ କେତକ ଜମିହୀନ ପରିବାରକୁ ଜମି ଦିଆ ଯାଇଥିଲା। ସେତେବେଳେ କନିକା ରାଜାଙ୍କଠାରୁ ହାତ ପଟା ପାଇ ଘର କରି ରହି ଆସୁଥିଲେ ଏବଂ ଖଜଣା ଦେଉଥିଲେ। ଆଉ କିଛି ପରିବାର ସରକାରୀ ଜମିରେ ଘର କରି ମୁଣ୍ଡ ଗୁଞ୍ଜିଥିବା ଦେଖାଦେଇଥିଲା। ସେମାନଙ୍କ ସ୍ୱାର୍ଥ ପ୍ରତି ଆଦାନୀ କମ୍ପାନୀ ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ଏକ ବର୍ଷ ପୂର୍ବରୁ ଏହି ଜମିରେ ବାସ କରୁଥିବା ଲୋକମାନଙ୍କୁ ବଳ ପୂର୍ବକ ପ୍ରଶାସନ ପକ୍ଷରୁ ଉଠାଇ ଦିଆଯାଇଥିଲା। ଅଞ୍ଚଳବାସୀ ସମତେ ବିସ୍ଥାପିତମାନେ ନିର୍ମାଣକୁ ବିରୋଧ କରିବା ସହ କ୍ଷତିପୂରଣ ଦାବିରେ ଆନ୍ଦୋଳନକୁ ଆପଣାଇଥିଲେ।

## ପୌର ପରିଷଦର ଲୋକାଭିମୁଖୀ ଜନଶୁଣାଣି ଶିବିର

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦର କାର୍ଯ୍ୟାଳୟ ପରିସରରେ ପୌରପରିଷଦର ଲୋକାଭିମୁଖୀ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ପୌର ଉପାଧକ୍ଷ ଲେଙ୍କା ମଧୁଙ୍କ ସମେତ ପୌର ପରିଷଦର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୌର ପରିଷଦ ଲୋକାଭିମୁଖୀ ଜନ ଶୁଣାଣି ପ୍ରଥମ ଥର ୧୨ଗୋଟି ଅଭିଯୋଗ ଆସିଥିବା ବେଳେ ଦ୍ୱିତୀୟ ଅଭିଯୋଗ ଶୁଣାଣୀରେ ଖବର ନେବା ସୁଦ୍ଧା କୌଣସି ଅଭିଯୋଗ ଆସି ନ ଥିବା ଦେଖିବାକୁ ମିଳିଛି। ପୌର ପରିଷଦ ପକ୍ଷରୁ ଲୋକଙ୍କ ସମସ୍ୟା ସମାଧାନ ସକାଶେ ଲୋକାଭିମୁଖୀ ଜନ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଲୋକାଭିମୁଖୀ ଜନ ଶୁଣାଣୀରେ ଜନ ସାଧାରଣ ସମସ୍ୟା ନେଇ ଆସି ନ ଥିବା ଖବର ନେବା ସୁଦ୍ଧା ଜଣା ପଡିଛି। ଏହି ଲୋକାଭିମୁଖୀ ଜନ ଶୁଣାଣୀକୁ ପ୍ରଚାର ପ୍ରସାର ଅଭାବ ନା ଜନ ସାଧାରଣ ଏ ବିଷୟରେ ଅବଗତ ନାହାଁନ୍ତି ଯେ ଏହି ଭଳି ଜନ ଶୁଣାଣୀକୁ ପହଞ୍ଚି ପାରୁ ନାହାନ୍ତି ପ୍ରଶ୍ନ ବାଚି ସୃଷ୍ଟି କରୁଛି। ତେଣୁ ଜନ ସାଧାରଣଙ୍କ ସମସ୍ୟା ନେଇ ପୌର ପରିଷଦ କାର୍ଯ୍ୟାଳୟକୁ ଲୋକାଭିମୁଖୀ ଜନ ଶୁଣାଣିକୁ ଆସିଲେ ସମସ୍ୟା ସମାଧାନ ହୋଇ ପାରିବ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରଥମେ ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ପୌରପରିଷଦ କାର୍ଯ୍ୟାଳୟ ପାର୍ଶ୍ୱରେ ନାଳ ଖଳନ୍ତୁ ଟିକେ ବର୍ଷା ହେଲେ ସେଠାରେ ଡ୍ରେନେଜର ବ୍ୟବସ୍ଥା ନଥିବାରୁ ନାଳର ପାଣି ମୁଖ୍ୟ ରାସ୍ତା ଉପରେ ପ୍ରବାହିତ ହେଉଥିବା ଯୋଗୁଁ ଜନସାଧରଣଙ୍କ ଯାତାୟତରେ ବାଧା ଦେଖା ଦେଉଛି। ଏହି ଘଟଣାକୁ ଗଣ ମାଧମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ ପୌରପରିଷଦ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁଁ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ଏଣୁ ପ୍ରଥମେ ପୌରପରିଷଦ କର୍ତ୍ତୃପକ୍ଷ ନିଜକୁ ସୁଧାରିବାକୁ ଚେଷ୍ଟା କରନ୍ତୁ ପରେ ଯାଇ ଲୋକାଭିମୁଖୀ ଜନ ଶୁଣାଣି କଲେ ଭଲ ହୋଇଥାନ୍ତା ବୋଲି ଏଠାରେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



## ସମବାୟ ସମିତିର ଖରିଫ ଋଣକୁ ନେଇ ପ୍ରଥମ ବୈଠକ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ସମବାୟ ସମିତିର ନବ ନିର୍ବାଚିତ ଡାଇରେକ୍ଟରମାନଙ୍କୁ ନେଇ ଆଜି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମବାୟ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଏହି ବୈଠକରେ ଲ୍ୟାମ୍ପ୍ସ ସଭାପତି ରାଇସିଂ ଗଣ୍ଡ ସଭାପତିତ୍ୱ ଗ୍ରହଣ କରିଥିବା ବେଳେ ଉପସଭାନେତ୍ରୀ ନିଳାବତୀ ହନ୍ତାଳ ଓ ପରିଚାଳନା ନିର୍ଦ୍ଦେଶକ ନିରାକାର ରାଉତ ମଞ୍ଚାସୀନ ଥିଲେ। ଏହି ବୈଠକରେ ଚଳିତ ବର୍ଷର ଖରିଫ ଋଣକୁ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷର ଟାର୍ଗେଟଠାରୁ ମାତ୍ର ୩୫ ପ୍ରତିଶତ ପ୍ରଦାନ କରାଯାଇଥିବାରୁ କ୍ଷୋଭ ପ୍ରକାଶ ହୋଇଥିଲା। ଚାଷୀ କିଭଳି ଋଣ ପାଇବେ ଏବଂ ଋଣ ଆଦାୟ କିଭଳି ହେବ ଏ ନେଇ ଆଲୋଚନା ହୋଇଥିଲା। ଫେଡେରେସନଠାରୁ କିଭଳି ଅଧିକ ୟୁରିୟା ସାର ଆସିବ ଏବଂ ଖୁଚୁରା ଚାଷୀ କିଭଳି ଭାବେ ସାର ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଗୋନା, ହାଟଭରାଣ୍ଡି, ରାଇଘର, ଜୋଡିଙ୍ଗା, ମହଣ୍ଡ ଆଦି ପଞ୍ଚାୟତରେ ଚାଲୁଥିବା ମଣ୍ଡି ପାଇଁ ସ୍ଥାୟୀ ସରକାରୀ ଜାଗା ନିମନ୍ତେ ପ୍ରସ୍ତାବ ପକା ଯାଇଥିଲା। ଏହି ଅବସରରେ ଡାଇରେକ୍ଟରମାନଙ୍କ ମଧ୍ୟରୁ ରଘୁ ଗଣ୍ଡ, ପରମେଶ୍ୱର ଶ୍ରୀବାସ୍ତବ, ଚିତ୍ତରଞ୍ଜନ ଗଣ୍ଡ, ହରେନ୍ଦ୍ର ସିଂ ସିଂଘର, ଦେବେନ୍ଦ୍ର ମିଶ୍ର, ସୁଶିଲ କୁମାର ବର୍ମନ, ଚନ୍ଦନ ସିଂ ଗଣ୍ଡ, ବିଗମ ବାଇ ଗଣ୍ଡ, ମାଳତୁ ଗଣ୍ଡ, ରାମବିଳାସ ଗଣ୍ଡ, ବିନ୍ଦ ବାଇ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ସବୁବର୍ଗ ଲୋକଙ୍କ ବିକାଶ କରିବା ବ୍ଲକ ପ୍ରଶାସନର ଲକ୍ଷ୍ୟ: ବିଡିଓ



ସଇଁନ୍ତଲା, (ଭାସ୍କର ନ୍ୟୁଜ୍): ସ୍ୱାର୍ଥପର ଦୁନିଆରେ କିଏ ଅବା କାହାର ? ଆଜିର ଦୁନିଆର କଥା ପଡେ ତା'ହେଲେ କାହା ପାଖରେ ଅଛି କିଛି ସମୟ ନା ଅନ୍ୟମାଙ୍କ ସାହାଯ୍ୟ କରିବାକୁ ଅଛି ଉଦାର ହୃଦୟ। ହେଲେ ଆଜି ବି ମାନବିକତା ଓ ଉଦାର ହୃଦୟକୁ ବଞ୍ଚେଇ ରଖିଛନ୍ତି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ। ଦୀର୍ଘ ୮ ମାସ ହେବ ବ୍ଲକ୍‌ରେ ଯୋଗଦେବା ପରେ ସେ ଅନେକ ପରିବର୍ତ୍ତନ କରିବା ସହ ବ୍ଲକ୍ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା ଏବଂ ପରିବେଶ ପ୍ରତି ସ୍ୱଚ୍ଛତା ଆଣିବା ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଶ୍ରୀ ନାଗ ଆଗରୁ ଶିକ୍ଷକ ଥିବା ବେଳେ ଅନେକ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ମଧ୍ୟ ଗଢିଛନ୍ତି। ପରେ ଓଡିଶା ପ୍ରଶାସନିକ ସେବାରେ ଯୋଗଦେଇ ଗୁଡ଼ଭେଲା ବ୍ଲକରେ ତହସିଲଦାର ଭାବେ ଯୋଗ କରିଥିଲେ। ପରେ ଶ୍ରୀ ନାଗ ସଇଁତଲା ବ୍ଲକରେ ବିଡିଓ ଭାବେ ଯୋଗଦେଇ ଅନେକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା ମଧ୍ୟ କରି ସଫଳତା ହାସଲ କରିଛନ୍ତି। ଦୀର୍ଘ ଆଠ ନଅ ମାସ ହେବ ସଇଁନ୍ତଲା ବ୍ଲକ୍‌ରେ ବିଡିଓ ଭାବେ ଯୋଗଦେଇ ଲୋକଙ୍କ ଦୁଃଖ ସୁଖରେ ସାହାର୍ଯ୍ୟ କରିବା ସହ ପ୍ରତ୍ୟେକ ସୋମବାର ଦିନ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ସମାଧାନ କରିବା ପାଇଁ ଜନ ଶୁଣାଣି ଅଭିଯୋଗ ଶିବିର ଆୟୋଜନ କରି ଅଭିଯୋଗ ଶୁଣି ବିଡିଓ କିମ୍ବା ବ୍ଲକ ପ୍ରଶାସନ ଦ୍ୱାରା ଯେତିକି ସମ୍ଭବ ହେବ ତାହା ସବୁ ସମାଧାନ କରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଦେଖିବାକୁ ମିଳିଛି। ତାଙ୍କର କାର୍ଯ୍ୟକଳାପକୁ ନେଇ ବିଭିନ୍ନ ମହଲରେ ବେଶ ପ୍ରଶଂସାର ପାତ୍ର ସାଜିଛନ୍ତି। ବ୍ଲକ୍ ଛକ ଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡିଏ ନଥିଲା କିନ୍ତୁ ଏହି ବିଡିଓ କାର୍ଯ୍ୟରେ ଯୋଗଦେବା ପରେ ତତ୍ପରତା ସହ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇଛି। ବ୍ଲକ୍‌ର ଯେକୌଣସି ଅଞ୍ଚଳରେ ପାଣିର ସମସ୍ୟା ଦେଖା ଦେଇଥିଲେ ସାଙ୍ଗେ ସାଙ୍ଗେ ସମାଧାନ କରିଥାନ୍ତି ଫଳରେ ଲୋକଙ୍କ ମଧ୍ୟରେ ଅନେକ ଖୁସି ଦେଖିବା ସହ ପ୍ରସଂଶା ମଧ କରିଥାନ୍ତି। ବ୍ଲକ୍ ପରିସରରେ ଆଗରୁ ସ୍ୱଚ୍ଛତା ଦିଗରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉନ ଥିଲା, ହେଲେ କିଛି ମାସ ମଧ୍ୟରେ ବ୍ଲକ୍ କାର୍ଯ୍ୟାଳୟକୁ ପରିବର୍ତ୍ତନ କରିବା ସହ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମଗାର, ପାଇଖାନା, ପିଇବା ପାଣିର ବ୍ୟବସ୍ଥା ଭଳି ଅନେକ ସମସ୍ୟା ଦୂର କରିଛନ୍ତି। ବ୍ଲକ୍ ପରିସରଟି ବେଶ୍ ଚକାଚକ ଦେଖାଯାଉ ଥିବା ବେଳେ ରଙ୍ଗୀନ ରଙ୍ଗୀନ ଗଛ ଲାଗିଥିବା ବେଳେ ଆସୁଥିବା ବ୍ଲକ୍ କାର୍ଯ୍ୟାଳୟକୁ ଲୋକଙ୍କ ପାଇଁ ଆକୃଷ୍ଟ ମଧ୍ୟ କରୁଛନ୍ତି। ଲୋକଙ୍କ ବିକାଶ ଓ ଗରୀବ ନିରୀହ ଲୋକଙ୍କ ସେବା ସହଯୋଗ ଏକମାତ୍ର ବ୍ଲକ ପ୍ରଶାସନର ଲକ୍ଷ୍ୟ ବୋଲି ଶ୍ରୀ ନାଗ ପ୍ରକାଶ କରିଛନ୍ତି।

## ସ୍ୱଚ୍ଛ ଭାରତ ଯୋଜନା ପ୍ରହସନ ଲୋକଙ୍କ ବ୍ୟବହାରରେ ଆସୁନି ଶୌଚାଳୟ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ଭାରତ ଲକ୍ଷ୍ମୀପୁର ବ୍ଲକରେ ପ୍ରହସନ ପାଲଟିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସ୍ୱଚ୍ଛ ଭାରତ ଯୋଜନା ମାଧ୍ୟମରେ ଗାଁ ଗଣ୍ଡାରେ ପାଇଖାନା ତିଆରି ହୋଇଥିଲା। ହେଲେ ଲୋକେ ବ୍ୟବହାର କରିବା ପରିବର୍ତ୍ତେ ତା'ଭିତରେ କେହି କାଠ ରଖିଲା ତ କେହି ଗାଈ ଗୋରୁ ବାନ୍ଧିଲା। କେତୋଟି ସ୍ଥାନରେ ନିର୍ମାଣ ହେଇ ସେମିତି ପଡି ରହି ନଷ୍ଟ ହେଲା ସିନା ଠିକ ଭାବେ ବ୍ୟବହାର ହେଇ ପାରିଲା ନାହିଁ। ସବୁ କ୍ଷେତ୍ରରେ ସଚେତନର ଅଭାବକୁ ଦାୟୀ କରାଗଲା। ପରେ ଏହି ଯୋଜନା ମାଧ୍ୟମରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ସ୍ଥାନରେ ନିର୍ମିତ ହେଲା ଗୋଷ୍ଠୀ ଶୌଚାଳୟ। କିନ୍ତୁ ତାହା ମଧ୍ୟ ସଫଳ ହେଲା ନାହିଁ। ଜାହାର ଏକ ଉଦାହରଣ ତୟାପୁଟ ପଞ୍ଚାୟତ ସଦରଠାରେ ଦେଖିବାକୁ ମିଳିଛି। ଗତ ଦୁଇ ବର୍ଷ ତଳେ ଲକ୍ଷ୍ମୀପୁର ଜନ ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ତରଫରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଶୌଚାଳୟ କାନ୍ଥରେ ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ କରାଗଲା କିନ୍ତୁ, ନିର୍ମାଣ ସରିବା ପରଠୁ ଆଜି ଯାଏଁ ତାହା ଖୋଲା ନଯିବା ଦୁଃଖର ବିଷୟ। ବର୍ତମାନ ସୁଧା ନିର୍ମାଣ ଦୁଇ ବର୍ଷ ପୁରି ଯାଇଥିଲେ ମଧ ତାଲା ପଡି ରହିଛି। ଏନେଇ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତ ଅଧିକାରି (ଜିପିଓ) ସୁଧିର ବେହେରାଙ୍କୁ ପଚାରିବାରୁ ଆମ ପାଖରେ କୌଣସି ଖବର ନାହିଁ, କଣ ପାଇଁ ତାଲା ପଡିଛି ତାହା ମୁଁ ନିଜେ ଯାଇ ଦେଖିବି ବୋଲି କହିଛନ୍ତି। ଏବେ ଗ୍ରାମ ପଞ୍ଚାୟତ ଅଧିକାରୀ ଦେଖିଲା ପରେ ଗୋଷ୍ଠୀ ଶୌଚାଳୟରୁ ତାଲା ଖୋଲୁଛିକି ନାହିଁ ତାହା ଦେଖିବାକୁ ବାକି ରହିଲା।

## ସମାନୁପାତିକ ପ୍ରତିନିଧିତ୍ୱର ଆବଶ୍ୟକତା ଉପରେ ଆଲୋଚନା ଚକ୍ର




ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଓଡ଼ିଶା ଚିନ୍ତା ଚେତନା ମଞ୍ଚ ଭଞ୍ଜନଗର ତରଫରୁ ଉପରୋକ୍ତ ବିଷୟରେ ଏକ ଆଲୋଚନା ଚକ୍ର ଆଜି ଅପରାହ୍ନରେ ସ୍ଥାନୀୟ ନାୟକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୋମନାଥ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ଆମଫୋଇ ଅନୁଷ୍ଠାନର ସମ୍ପାଦକ ପ୍ରଫେସର ବି. ରାମଚନ୍ଦ୍ର ଓ ସମ୍ମାନିତ ଅତିଥି ଭାବେ ସ୍ୱପ୍ନା ବିଜୟିନୀ ଯୋଗଦାନ କରିଥିଲେ। ଆମଦେଶର ପ୍ରଚଳିତ ଭୋଟ ବ୍ୟବସ୍ଥାରେ ଶାସକ ଦଳ ଶତକଡା ପଚାଶ ପ୍ରତିଶତ ଭୋଟ ନ ପାଇ ମଧ୍ୟ ସରକାର ଗଢି ପାରୁ ଥିବାରୁ ଏହି ସରକାର ବହୁ ଭୋଟରଙ୍କ ପ୍ରତିନିଧିତ୍ୱ କରି ପାରୁନାହିଁ। ଓଡିଶା କ୍ଷେତ୍ରରେ ମାତ୍ର ୪୨ ପ୍ରତିଶତ ଭୋଟ ପାଇ ବିଜେଡି ସରକାର ଗଠନ କରିଛି। ସେଇପରି କେନ୍ଦ୍ରରେ ମୋଦି ସରକାର ମାତ୍ର ୩୭ ପ୍ରତିଶତ ଭୋଟ ପାଇ ସରକାର ଗଢିଛି। ଅଥଚ ବହୁମତ ଉଭୟଙ୍କ ବିରୁଦ୍ଧରେ ଯାଇଛି। ତେଣୁ ଆମର ଭୋଟ ପଦ୍ଧତିରେ ଯେଉଁ ତ୍ରୁଟି ପରିଲକ୍ଷିତ ହେଉଛି ତାକୁ ନ ସୁଧାରିଲେ ଅସଲ ଗଣତନ୍ତ୍ର ପ୍ରତିଷ୍ଠା ହୋଇ ପାରିବ ନାହିଁ। ଏହି କାରଣରୁ ସମାନୁପାତିକ ଭୋଟ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ବୋଲି ମୁଖ୍ୟ ବକ୍ତା ପ୍ରକାଶ କରିଥିଲେ। ଏହି ବ୍ୟବସ୍ଥା ନେଲାସନ ମଣ୍ଡଲା ସାଉଥ ଆଫ୍ରିକାରେ ପ୍ରବର୍ତ୍ତନ କରି ସବୁ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ଆଖି ଖୋଲି ଦେଇଛନ୍ତି। ଆମ ପଡୋଶୀ ଦେଶ ନେପାଳ ରାଜତନ୍ତ୍ରରୁ ଆସି ଏହି ବ୍ୟବସ୍ଥା ଆପଣେଇ ନେଇ ଲୋକଙ୍କୁ ସୁଶାସନ ଦେଇ ପାରିଛି। ଆମ ଦେଶର କମ୍ୟୁନିଷ୍ଟ ପାର୍ଟି ମାନେ ନିଜ ଇସ୍ତାହାରରେ ଏହା ରଖୁ ଥିଲେ ମଧ ସମଗ୍ର ଦେଶରେ ଏହାକୁ ଜୋରଦାର ଉପସ୍ଥାପିତ କରିପାରୁ ନ ଥିବାରୁ ସର୍ବ ସାଧାରଣରେ ଏହା ଗ୍ରହଣ ହୋଇ ଜନ ଆନ୍ଦୋଳନ ରୂପ ନେଇ ପାରି ନାହିଁ। ଫଳରେ ବୁର୍ଜୁଆ ଦଳ ତାର ଫାଇଦା ଉଠାଇ ଦୁର୍ନୀତି ପୂର୍ଣ୍ଣ ଶାସନ କରି ଚାଲିଛନ୍ତି। ଏହା ଉପରେ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ସର୍ବସାଧାରଣ ପର୍ଯ୍ୟନ୍ତ ତର୍କ ବିତର୍କ ହେବା ଜରୁରୀ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ। ହରିକୃଷ୍ଣ ସାହୁ, ଜ୍ୟୋତିରଜ ପତି ଆଡ଼ଭୋକେଟ, ପଦ୍ମଚରଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ରବୀନ୍ଦ୍ର ନାଥ ଗୌଡ଼ ଦୁର୍ଲଭ ଚରଣ ସ୍ୱାଇଁ, ବସନ୍ତ କୁମାର ବଡତ୍ୟା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଭାପତି ନିଜ ଅଭିଭାଷଣରେ କହିଥିଲେ ଓଡିଶା ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଯାଇ ଏହି ବାର୍ତ୍ତା ପହଞ୍ଚାଇ ଜନ ସଚେତନତା ସୃଷ୍ଟି କଲେ ରାଜନୈତିକ ଦଳମାନେ ବାଧ ବାଧକତାରେ ଏହି ବ୍ୟବସ୍ଥାକୁ ଗ୍ରହଣ କରିବେ। ସମ୍ମାନିତ ଅତିଥି ସ୍ୱପ୍ନା ବିଜୟିନୀ ଅମାଫୋଇ ଦୀର୍ଘ ଚାରି ଦଶନ୍ଧି ଧରି କିପରି ଅନ୍ଧ ବିଶ୍ୱାସ ହଟେଇ ସାମାଜିକ ପରିବର୍ତ୍ତନ କରି ଚାଲିଛି ତାର ସମ୍ୟକ ସୂଚନା ଦେଇଥିଲେ। ପରିଶେଷରେ ରବୀନ୍ଦ୍ର ନାଥ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ଦିନ୍ ପାଳିତ

ବରଗଡ଼, (ଭାସ୍କର ନ୍ୟୁଜ୍): ଗତ ତା ୦୧.୦୮.୨୦୨୨ ସମ୍ବଲପୁରୀ ଦିନ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକମାନଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗୀତ ବାଦ୍ୟର ତାଳେ ତାଳେ, ପିଲାମାନେ ଏବଂ କର୍ମଚାରୀମାନେ ନୃତ୍ୟ ପରିବେଷଣ କରି ଖୁସି ମନାଇଥିଲେ। ପରେ ପରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ମେଘନାଦ ସାହୁ, କିଶୋର ଚନ୍ଦ୍ର ସାହୁ, ଅଭୟ କୁମାର ପ୍ରଧାନ ଏବଂ ଶିକ୍ଷକ ଦୁଃଖୀସେବକ ସାହୁ, ପଦ୍ମିନୀ ମିଶ୍ର, ନେପାଳ ଦୁଆନ ଓ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନରୂପେ ପାଳନ କରୁଥିବାରୁ ଉଦ୍ୟକ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମ୍ବଲପୁରୀ ବସ୍ତ୍ରକୁ ଯଦି ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କ ଓ କର୍ମଚାରୀମାନଙ୍କ ଗଣବେଶ ରୂପେ ଲାଗୁ କରାହେଲେ ଭଲ ହୁଅନ୍ତା ବୋଲି ମତପ୍ରକାଶ ପାଇଥିଲା।

### ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଖପରା ଡୁଙ୍ଗୁରି ଗୁମ୍ଫା ଅବହେଳିତ

## ପରିଦର୍ଶନ କଲେ ଡିଏଫ୍‌ଓ



ସଇଁନ୍ତଲା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ପଶ୍ଚିମ ଓଡିଶାର ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଦେଉଥିବା କହୁଛନ୍ତି। ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ସ୍ଥିତ ଖପରାଡୁଙ୍ଗୁରି ଗୁମ୍ଫା ଅବହେଳିତ ଅବସ୍ଥାରେ ଥିବା ସହ ମନ୍ଦିର ଉନ୍ନତି ପାଇଁ ସାତସପନ ହୋଇ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହାର ଉନ୍ନତି ଦିଗରେ ଅନେକ ଥର ସ୍ଥାନୀୟ ଜନସାଧାରଣ ସରକାରଙ୍କଠାରେ ଦାବି ମଧ୍ୟ କରି ଆସୁଛନ୍ତି। ତୁରନ୍ତ ଏହି ଅବହେଳିତ ଅବସ୍ଥାରେ ଥିବା ଗୁମ୍ଫାର ଉନ୍ନତି କରଣ ଦିଗରେ ପଦକ୍ଷେପ ନେବା ପାଇଁ। ତେବେ ଆଜି ବଲାଙ୍ଗିର ଡିଏଫଓ ନୀତିଶ କୁମାରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବନ ବିଭାଗ ଅଧିକାରୀମାନେ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ରାଜ୍ୟ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇବା ସହ ଖୁବ ଶୀଘ୍ର ଏହାର ଉନ୍ନତି ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଡିଏଫଓ ଶ୍ରୀ କୁମାର ସୂଚନା ଦେଇଛନ୍ତି। ଏଥିରେ ବେଲପଡ଼ା ସରପଞ୍ଚ ବନମାଳି ନାଏକ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ସୂଚନା ମତେ, ଏହି ଖପରା ଡୁଙ୍ଗୁରି ପାଟଣାଗଡ଼ ଓ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସୀମାରେ ରହିଅଛି। ତେଣୁ ଏହି ସ୍ଥାନକୁ ପାଟଣାଗଡ଼ ସହରରୁ ଦକ୍ଷିଣକୁ ଥିବା ଧୂମାଭଟା ଗ୍ରାମରୁ ସଇଁନ୍ତଲା ଯିବା ରାସ୍ତାରେ ଠିକ ୧ କିଲୋମିଟର ଗଲା ପରେ ଚାରିଛକରୁ ପ୍ରାୟ ୪ କିଲୋମିଟର ଉତ୍ତରକୁ ଏହି ପାହାଡ଼ଟି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି। ଟିକ୍ରାପଡ଼ା ପଞ୍ଚାୟତର ୧୦ କିଲୋମିଟର ଗଲାପରେ ରହିଛି ଏହି ଖପରାଡୁଙ୍ଗୁରି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି ମନ୍ଦିର। ଏଥିରେ ରହିଛି ଜଗନ୍ନାଥ, ହନୁମାନ ଓ ଲକ୍ଷ୍ମୀଙ୍କର ମନ୍ଦିର। ମନ୍ଦିର ଚାରି ପାଖରେ ଚଟାଣ ମଧ୍ୟ ରହିଛି। ଅନ୍ୟପଟେ ଘଞ୍ଚ ଅରଣ୍ୟ ମଧ୍ୟରେ ରହିଥିବା ମନ୍ଦିରରେ ବର୍ଷ ସାରା ପୂଜାର୍ଚ୍ଚନା ହେଉଥିବା ବେଳେ ରଥଯାତ୍ରା ବେଶ ଧୂମଧାମ୍‌ରେ ପାଳିତ ହୋଇଥାଏ। ସାତ ଜଣ ମୁନି ଋଷି ତପସ୍ୟା କରୁଥିବା ବେଳେ ଏହି ସ୍ଥାନକୁ ସପ୍ତର୍ଷି ମଠ ଭାବରେ ପରିଚିତ। ପୌରାଣିକ ଯୁଗରେ ଅନେକ ଋଷିମାନେ ତପସ୍ୟା କରିବା ସହ ପାଖରେ ଥିବା ଗୁମ୍ଫାରେ ରହି ଭଗବାନଙ୍କର ନିକଟତମ ହୋଇଥିବା କିମ୍ବଦନ୍ତି ରହିଛି। ଏହି ଗୁମ୍ଫା ମଧ୍ୟରେ ଚାରିଗୋଟି ରାସ୍ତା ଥିବା ବେଳେ ଗୁମ୍ଫା ଭିତରେ ଏକ ପୋଖରୀ ରହିଛି ବୋଲି ବର୍ତ୍ତମାନର ପୂଜକ ଡ଼ା ପ୍ରଣବାନନ୍ଦ ଦାସ କହିଛନ୍ତି। ମନ୍ଦିରକୁ ଯିବାକୁ ହେଲେ ପାହାଡ ଜଙ୍ଗଲ ଘେରା ରାସ୍ତା ଦେଇ ଯିବାକୁ ପଡୁଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଲୋକଙ୍କୁ ବେଶ ଆକୃଷ୍ଟ କରିଥାଏ। ଏହି ଗୁମ୍ଫା କିମ୍ବା ମନ୍ଦିରର ଉନ୍ନତି ଦିଗରେ ସ୍ଥାନୀୟ ପ୍ରଶାସନ ଅବହେଳା ଯୋଗୁଁ ଏବେ ବି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳି ନ ଥିବା ବେଳେ ଏଭଳି ଏକ ପର୍ଯ୍ୟଟନସ୍ଥଳୀ ଲୁପ୍ତ ଅବସ୍ଥାରେ ରହିଯାଇଛି ଫଳରେ ଅନେକ ଲୋକେ ଜାଣି ପାରୁ ନ ଥିବା ଅନୁମେୟ କରାଯାଇଛି। ଅନ୍ୟପଟେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କର ପ୍ରାଦୁର୍ଭାବ ବଢି ଚାଲିଥିବା ଦେଖିବାକୁ ମିଳିଛି। ତେବେ ଏହି ମନ୍ଦିରକୁ ସକା ଦାସ, ଲଣ୍ଡା ଦାସ, ସଗୁଆ ଦାସ, ଜଟାଲୁଟ ଦାସ, ବନ ଦାସ, ମୁକ୍ତେଶ୍ୱର ଦାସ, ଖୁଟଲା ଦାସ, ବଟୁ ଦାସ, ବେଣୁଧର ଦାସ ଓ ଲଟୁ ଦାସ କାହିଁ କେତେ ଯୁଗରୁ ପୂଜା କରି ଆସୁଥିବା ବେଳେ ମାତାମାନେ ମଧ୍ୟ ତପସ୍ୟା କରୁଥିବାର ଜଣାପଡିଛି। ପ୍ରକାଶ ଥାଉକି ଯେ, ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଏହି ଖପରା ଡୁଙ୍ଗୁରିର ପାଦଦେଶରେ ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଶିବ ମନ୍ଦିର ଅବସ୍ଥିତ। ମନ୍ଦିରମାନଙ୍କ ମଧ୍ୟଭାଗରେ ଏକ ବହୁ ପୁରାତନ ବଟବୃକ୍ଷ ବିଦ୍ୟମାନ। ଯାହାକି ପରିବେଶର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକୁ ଏକତ୍ରିତ କରୁଛି। ଏହା ବ୍ୟତୀତ ଏହି ସ୍ଥାନରେ ଥିବା ସୁମିଷ୍ଟ ଜଳ ଥିବା ଅଗଭୀର କୂଅ ଓ ଚତୁଃର୍ପାଶ୍ୱରେ ଥିବା ବଗିଚା ସ୍ଥାନଟି ବେଶ ମନୋରମ ଦୃଶ୍ୟ ଭଳି ଦେଖିବାକୁ ମିଳିଛି। ତେବେ ଏହି ପ୍ରାକୃତିକ ଗୁମ୍ଫାରେ ବହୁ ପୂର୍ବରୁ ଋଷିମାନେ ତାଙ୍କର ଆଶ୍ରୟ ସ୍ଥଳୀ କରିଥିବା ବେଳେ ତାଙ୍କର ଦୃଷ୍ଟାନ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି। ଏହା ବ୍ୟତୀତ ଏହି ଗୁମ୍ଫାର ଭିତରେ ଏକ ସୁ-ଗଭୀର ସୁଡ଼ଙ୍ଗ ରହିଥିବା ବେଳେ ପୂର୍ବଋଷିମାନେ କହନ୍ତି ଯେ, ଗୁମ୍ଫା ମଧ୍ୟରେ ଅତିକାୟ ସର୍ପ, ରମ୍ୟ ସରୋବର ଆଦି ଥିବା ବେଳେ ଏମାନେ ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଦିନରେ ବାହାରନ୍ତି ବୋଲି ଜଣାପଡିଛି। ତେବେ ଏହି ସରୋବର ନିକଟକୁ ପୂର୍ବରୁ ଖୁଟଲା ଦାଶ ନାମକ ଜଣେ ବାବା ଯାଇ ଫେରି ଆସିଥିଲେ। ଏହି ପାହାଡର ପଶ୍ଚିମକୁ ଠିକ୍ ୧ କିଲୋମିଟର ଗଲା ପରେ ଥିବା ଏକ ଚଟାଣରେ ଅନେକ ମୁନି ଋଷିମାନଙ୍କ ସନ୍ଧ୍ୟା ତର୍ପଣ କରିବା ତଥା ବସିବା ପିଛା ଚିହ୍ନ ମାନ ମଧ ଦେଖିବାକୁ ମିଳେ। ଯାହାକୁ ଏ ଅଞ୍ଚଳବାସୀ "ମୁନି ଚୁତଲ" ନାମରେ ନାମିତ କରିଛନ୍ତି। ପ୍ରତିବର୍ଷ ଏଠାରେ ଥିବା ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉତ୍ସବ ମହାଆଡମ୍ବରରେ ପାଳନ କରାଯାଇଥାଏ। ଏହି ରଥଯାତ୍ରାକୁ ଦେଖିବା ପାଇଁ ବହୁ ଦୂରଦୁରାନ୍ତରରୁ ବହୁ ପରିମାଣରେ ଜନ ସମାଗମ ହୋଇଥାଏ ଏବଂ ଏହି ପାହାଡ଼ର ଶିଖର ଦେଶରେ ପ୍ରତିବର୍ଷ ଗିରି ଗୋବର୍ଦ୍ଧନ ପୂଜା ମଧ୍ୟ ବେଶ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ। ମନ୍ଦିରର ଅନତୀ ଦୂରରେ ପଶୁ ପତି ଶିବ ଭଗବାନଙ୍କ ମନ୍ଦିର ଅନୁଷ୍ଠିତ। ଯେଉଁଠି ପ୍ରତିବର୍ଷ ଶୀତଳଷଷ୍ଠୀ ବା ଶିବ ବିବାହ ମହୋତ୍ସବ ପାଳନ କରାଯାଇଥାଏ। ତେବେ ମଠାଧିସଙ୍କ ଅବସ୍ଥା ବିଷୟରେ ଅନୁଧ୍ୟାନ କଲେ ଜଣାଯାଏ ଯେ, ବହୁ ପୂର୍ବରୁ ଏକ ଜଟାକୁଟଧାରୀ ବାବା ଅଜ୍ଞାତରେ ଆସି ଏଠାରେ ଅବସ୍ଥାନ କରିଥିଲେ। ସଂରକ୍ଷିତ ଜଙ୍ଗଲରେ ଅବସ୍ଥାନ ଅବୈଧ ବୋଲି ଜଙ୍ଗଲ ବିଭାଗ ଜାଣିବା ପରେ ତାଙ୍କୁ ନିଷେଧ କରାଯାଇଥିଲା। ତେଣୁ ଏଥିରେ ସେ କ୍ଷୁବ୍ଧ ହୋଇ ସ୍ଥାନ ତ୍ୟାଗ କରିଥିବା ବେଳେ ପ୍ରବାଦ ଅଛି ନିଜ ପାଇଁ ସେ ନିଜର କମଣ୍ଡଳୁକୁ ନିକ୍ଷେପ କରି ଜଳର ସନ୍ଧାନ ପାଇଥିଲେ। କମଣ୍ଡଳଟି ଯେଉଁ ସ୍ଥାନରେ ପଡ଼ିଲା ସେ ସ୍ଥାନରେ ଲୋକମାନଙ୍କ ସାହାଯ୍ୟରେ ଏକ କୂପ ଖନନ କରିଥିଲେ ଏବଂ ସେଠାରୁ ସେ ପ୍ରଚୁର ପରିମାଣରେ ଜଳ ପାଇପାରିଥିଲେ। ଏହାର ସତ୍ୟତା ସ୍ୱୀକାର୍ଯ୍ୟ କାରଣ ପାହାଡ଼ର ପାଦଦେଶରେ ତଥା ପ୍ରସ୍ତର ପୂର୍ଣ୍ଣ ଅଞ୍ଚଳରେ ଏବେ ସୁଦ୍ଧା ଜଳର ସନ୍ଧାନ ନ ଥିବା ଜଣାପଡିଛି। ସାଧୁସନ୍ଥମାନଙ୍କ ଦ୍ୱାରା ଖନନ କରିଥିବା ପୁଷ୍କରିଣୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପରବର୍ତ୍ତୀ ସମୟରେ ସ୍ୱର୍ଗତ ଲଟା ବାବା ବାଲ୍ୟବ୍ରହ୍ମଚାରୀ ପରେ ବେଣୁଧର ବାବା ସଂସାରୀ ବର୍ତ୍ତମାନ ଦିଗମ୍ବର ବାବାଙ୍କ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇ ଆସୁଛି। ତେବେ ଏଭଳି ଏକ ମନ୍ଦିର ଓ ଗୁମ୍ଫାର ପରିଦର୍ଶନ ପାଇଁ ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଓ ପାଣିର ବ୍ୟବସ୍ଥା ଭଳି ଅନେକ ସମସ୍ୟା ରହିଥିବା ଦେଖିବାକୁ ମିଳିଛି।

## ଟିକା ଦେବା ପରେ ଶିଶୁ ମୃତ୍ୟୁ ଅଭିଯୋଗ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର କେନ୍ଦୁଗୁଡା ଗାଁ'ର ମୋନଜ କୌଶଲ୍ୟାଙ୍କ ଏକ ମାସ ଏଗାର ଦିନର ଶିଶୁ ପୁତ୍ରକୁ ଟୀକା ଦେବା ପରେ ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଖବର ନେବାରୁ ଜଣାପଡିଲା ଯେ ଗତକାଲି ନାରାୟଣପୁର ସେକ୍ଟର ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କେନ୍ଦ୍ରକୁ ଆସି ୦ରୁ ୫ବର୍ଷ ଶିଶୁମାନଙ୍କୁ ଓଜନ କରି ମିଳିମିଳା, ବୁଷ୍ଟ, ପୋଲିଓ, ଆଇପିବି, ପିବି, ପିସିବିଙ୍କ ଦିଆଯାଇଥାଏ। ପ୍ରତି ମାସ ପରି ଚଳିତ ମାସର ବୁଧବାର ଇମ୍ୟୁନାଇଜେସନ ଦିନ କେନ୍ଦୁଗୁଡା ଗାଁକୁ ଯାଇ ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଟୀକା ଦେଇଥିଲେ। ମୋନଜ କୌଶଲ୍ୟା, ପତ୍ନୀ ପଦ୍ମା କୌଶଲ୍ୟାଙ୍କ ଦ୍ୱିତୀୟ ସନ୍ତାନ ଏକମାସ ଏଗାର ଦିନର ଶିଶୁ ଆଇପିବି, ପିବି, ପିସିବି ଟୀକା ଦେଇଥିଲେ। ଟୀକା ଦେବାପରେ ଶିଶୁଟି ଝାଉଁଳି ପଡି ମାଆ ଖୀର ଖାଇନଥିଲା। ରାତ୍ରରେ ବହୁତ ଛୋଟ ପଟ ହେବାପରେ ଗୁରୁବାର ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ବେଳେ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ଗତ ଜୁନ ମାସ ୯ ତାରିଖ ଦିନ ଉକ୍ତ ପଞ୍ଚାୟତର ବଡ ତୋଡ୍ରା ଗାଁର ହେମନ୍ତଙ୍କ ପତ୍ନୀ କାଡ୍ରାକା ପୁଷ୍ପାଙ୍କ ଦୁଇମାସର ଶିଶୁ ମଧ୍ୟ ଟୀକା ଦେବାପରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବହୁ ସମସ୍ୟା ହୋଇଥିଲା। ଏସମ୍ପର୍କରେ ଡାକ୍ତର ନିର୍ମାଲ୍ୟ କୁମାର ଗିରିଙ୍କୁ ପଚାରିବାରୁ ସେ କହିଲେ ଶିଶୁକୁ ଆଣିବା ପୂର୍ବରୁ ଶିଶୁଟିର ମୃତ୍ୟୁ ହୋଇ ଯାଇଥିଲା। ଟୀକା ଦେବା ପରେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ବୋଲି ପଚାରିବାରୁ ତାହାର ତଦନ୍ତ ପରେ ଜଣା ପଡିବ ବୋଲି କହିଛନ୍ତି।



ସଇଁନ୍ତଲା,(ଭାସ୍କର ନ୍ୟୁଜ୍):ବଲାଙ୍ଗୀର ଜିଲ୍ଲା ସଇଁନ୍ତଲା ବ୍ଲକ ଘୁନସର ଗାଁସ୍ଥିତ ସ୍ଥାନୀୟ ବଣା ବିଜାର ଖେଳ ପଡିଆଠାରେ ଅରବିନ୍ଦ ଯୁବକ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବକ ସଂଘର ସଭାପତି ପ୍ରେମାନନ୍ଦ ବାଗ, ସମ୍ପାଦକ ମନୋଜ ସାହୁ, ସହ ସମ୍ପାଦକ ସୁନୀଲ ଗହୀର, ଉପସଭାପତି ରବି ଚନ୍ଦ୍ର ନାଏକ, କୋଷାଧକ୍ଷ ତୁଳସୀ ଦାସ ଗହୀର, ଚମ୍ପୁ ଲାଲ ରଣା, ବିମଳ ବେହେରା, ଟୁଲୁ ଗହୀର, ଜ୍ଞାନ ଗହୀର, ଲକେଶ ଗହୀର, ସମ୍ବିତ ରଣା, ଲାଲୁ ରଣା, ମନହର ମାଝୀ, ପିଣ୍ଟୁ ଗହୀର, ବିଦେଶୀ ପସାୟତ, ଟେଭାନ ରଣା, ସିନ୍ଧୁ ରଣା, ହେମରାଜ ସରାଫ, ଅଜୁ ରଣା, ଶିବୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ପୀଡିତାକୁ ନ୍ୟାୟ ଦେବ ଜିଲ୍ଲା ପ୍ରଶାସନ

# ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ: ଅଭିଯୁକ୍ତ ଗିରଫ

ମାଲକାନଗିରି,(ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ସଦର ବ୍ଲକର ଚମ୍ପାନଗରସ୍ଥିତ ଏକଲବ୍ୟ ସ୍କୁଲର ଦଶମ ଶ୍ରେଣୀର ଜଣେ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡିଛି । ଛାତ୍ରୀ ଜଣଙ୍କର ଘର ମାଥିଲି ବ୍ଲକ ଭେଜଗୁଡା ପଞ୍ଚାୟତର ସାଉଁଳିଗୁଡା ଗ୍ରାମ ବୋଲି ଜଣାପଡିଛି । ପରିବାର ଲୋକଙ୍କ କହିବା ଅନୁଯାୟୀ ଗତ ଜୁଲାଇ ୧୨ ତାରିଖ ରାତିରେ ଏକଲବ୍ୟ ସ୍କୁଲ୍ କର୍ତ୍ତୃପକ୍ଷ ଏକ ବୋଲେରୋ ଗାଡିରେ ଛାତ୍ରୀଙ୍କ ଘର ସାଉଁଳିଗୁଡା ଠାରେ ପହଞ୍ଚି ଛାତ୍ରୀଙ୍କ ବାପାଙ୍କୁ ତାଙ୍କ ଝିଅ ଦେହ ଗୁରୁତର ଅଛି କହି ତାଙ୍କୁ ଏବଂ ତାଙ୍କ ପରିବାର ଅନ୍ୟ ଏକ ଜଣକୁ ଡାକି ନେଇଥିଲେ ମାଲକାନଗିରିସ୍ଥିତ ଏକଲବ୍ୟ ସ୍କୁଲକୁ ସେଠାର ତାଙ୍କ ଝିଅ ଏବଂ ଅନ୍ୟ ଏକ ପିଲାକୁ ସେଠାରେ ବସାଇ ଛାତ୍ରୀଙ୍କ ବାପାଙ୍କୁ କହିଥିଲେ ସେଠାରେ ବସିଥିବା ପିଲା ସହ ତାଙ୍କ ଝିଅର ସମ୍ପର୍କ ରହିଛି ଏବଂ ତାଙ୍କ ଝିଅ 'ଛ' ମାସର ଗର୍ଭଧାରଣ କରିଛି । ତାସହ ସେଠାରେ ଛାତ୍ରୀଙ୍କ ବାପାଙ୍କୁ ସ୍କୁଲର କିଛି ଶିକ୍ଷକ ଓ କିଛି ବିଦ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ଧମକା ଚମକା କରିବା ସହ ଏକ କାଗଜରେ ଦସ୍ତଖତ କରିବାକୁ ବାଧ କରିଥିଲେ। ଛାତ୍ରୀଙ୍କ ବାପା ସେଠାରେ ଦୁଃଖରେ ଭାଙ୍ଗିପଡି ସେହି କାଗଜରେ ଦସ୍ତଖତ ନକରି ସେଠାରୁ ନିଜଗାଁକୁ ଫେରି ଯାଇଥିଲେ । ପୁଣି ତା ପରଦିନ ଅର୍ଥାତ୍ ୧୩ ଜୁଲାଇରେ ପୁଣି ପରିବାର ଲୋକଙ୍କୁ ଡାକି ପୂର୍ବରୁ ଲେଖାଯାଇଥିବା କାଗଜରେ ଜବରଦସ୍ତ ଦସ୍ତଖତ କରି ଛାତ୍ରୀ ଜଣକୁ ତାଙ୍କ ଘରକୁ ପଠାଇ ଦେଇଥିଲେ । ଛାତ୍ରୀ ଗାଁରେ ପହଞ୍ଚିବା ପରେ ଗାଁର ଆଶା, ଅଙ୍ଗନବାଡି କର୍ମୀଙ୍କ ସହାୟତାରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବାପରେ ଗତ ୩୦ ତାରିଖରେ ଜିଲ୍ଲା ଚାଇଲ୍ଡଲାଇନ୍ ସହାୟତାରେ ନାବାଳିକା ଛାତ୍ରୀ ଜଣକ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏଥିନେଇ ସାଉଁଳିଗୁଡା ଗ୍ରାମର ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ସେ କହିଛନ୍ତି ଛାତ୍ରୀଙ୍କ ସହ ଉକ୍ତ ଯୁବକ ଏକଲବ୍ୟ ସ୍କୁଲ୍ ଯାଇ ଛାତ୍ରୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସୁଥିବା ଛାତ୍ରୀ କହିଥିବା ସେ ଆମକୁ କହିଛନ୍ତି। ଏଥିସହ ପରିବାର ଲୋକ କହିଛନ୍ତି ସ୍କୁଲ୍ ଛୁଟି ସମୟରେ ଝିଅର କୌଣସି ବି ପିଲାସହ ସମ୍ପର୍କ ନଥିଲା ଯାହା ହେଇଥିଲା ସ୍କୁଲ୍ ରେ ହିଁ ହେଇଥିଲା। କନ୍ତୁ ଛାତ୍ରୀ ଜଣକ ସ୍କୁଲ୍ ଛୁଟି ସମୟରେ ନିଜ ଗାଁକୁ ଯାଇ ଉକ୍ତ ଯୁବକ ସହ ସମ୍ପର୍କ ରଖିଥିବା କହି ସ୍କୁଲ୍ କର୍ତ୍ତୃପକ୍ଷ ପରିବାର ଲୋକଙ୍କଠାରୁ ଯୋର ଜବରଦସ୍ତ ଦସ୍ତଖତ କରାଇ ଥିବା ଅଭିଯୋଗ କରିଛନ୍ତି ଛାତ୍ରୀଙ୍କ ବାପା।



ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯଦି ଛାତ୍ରୀ ଜଣକ ୬ ମାସ ଗର୍ଭବତୀ ହେଲାଣି ତାହାହଲେ କିଭଳି ସ୍କୁଲ୍ ହଷ୍ଟେଲ ଦାୟୀତ୍ୱରେ ଥିବା କର୍ତ୍ତୃପକ୍ଷ ଜାଣି ପାରିନଥିଲେ । ଯଦି ବିଳମ୍ବରେ ଜାଣିଲେ ବି ସ୍କୁଲ୍ ଅଧକ୍ଷ ଲିଖିତ ଭାବେ ପୋଲିସକୁ ନ ଜଣାଇ ଓ ବିନା ପରାମର୍ଶରେ କେଉଁ କାରଣରେ ଓ କେମିତି ପରିବାରଙ୍କୁ ଜୋର୍ ଜବରଦସ୍ତ ଦସ୍ତଖତ କରାଇ ଛାତ୍ରୀକୁ ଘରକୁ ପଠାଇ ଦେଇଥିଲେ । ତା ସହ ପୋଲିସ କହିବା ଅନୁସାରେ ଗତ ୩୦ ତାରିଖରେ ଚାଇଲ୍ଡଲାଇନ୍ ପିଡିତା ଛାତ୍ରୀଙ୍କୁ ଆଣି ଥାନାରେ ଅଭିଯୁକ୍ତ ଯୁବକ ହରିହର ଭୂମିଆ ନାଁରେ ଅଭିଯୋଗ କରିଛନ୍ତି । ଏଠି ପୁଣି ଏକ ପ୍ରଶ୍ନ ଉଠୁଛି ଗତ ମାସ ୧୨ ତାରିଖରୁ ଘଟଣା ଘଟିଥିଲେ ମଧ ଦୀର୍ଘ ୨୦ ଦିନ ପର୍ଯ୍ୟନ୍ତ ପିଡିତା ଛାତ୍ରୀଙ୍କୁ ସ୍ୱାଧାରଗୃହରେ ରଖିଲାପରେ ଏତେ ବିଳମ୍ବରେ କାହିଁକି ଥାନାରେ ଏତଲା ଦିଆଗଲା। ଏଭଳି ବହୁ ପ୍ରଶ୍ନ ଉଙ୍କିମାରୁଥିବାରୁ ପୋଲିସ ହିଁ ଉପଯୁକ୍ତ ତଦନ୍ତ କରି ଏହି ସବୁ ପ୍ରଶ୍ନର ଉତ୍ତର ଖୋଜି ବାହାର କରି ପାରିବ ବୋଲି ସାଧାରଣରେ ଦାବି ହୋଇଛି। ଏହି ଘଟଣାଟି ଜିଲ୍ଲାପାଳ ଜାଣିଲା ପରେ ଏହାର ତଦନ୍ତ କରି ତୁରନ୍ତ ସଂମ୍ପୂର୍ଣ୍ଣ ତଥ୍ୟ ଦବାପାଇଁ ପିଏ ଆଇଟିଡିଏ ଶ୍ରୀ ମାଝୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ଏଭଳି କିଛି ଅଭିଯୋଗ ଆସିନାହିଁ ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

ପିଡିତାଙ୍କ ଲିଖିତ ଅଭିଯୋଗ ପରେ କସ୍ ନଂ ୪୪୦୨୨ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ପୋଲିସ। ପୋଲିସ ଅଭିଯୁକ୍ତ ହରିହରଙ୍କୁ ଗିରଫ କରି କୋର୍ଟଚଲାଣ କରିଛି। ବର୍ତ୍ତମାନ ପିଡିତା ଛାତ୍ରୀ ବାଳ ସ୍ୱାଧାରଗୃହରେ ଥିବା ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି । ଏବେ ଦେଖିବାକୁ ବାକି ରହିଲା ଏହି ସାଙ୍ଘାତିକ ମାମଲାର ପ୍ରକୃତ ଦୋଷୀ କିଏ ?

# ୧୦୦ ବୋତଲ କଫ୍ ସିରଫ ଜବତ, ୨ ଗିରଫ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ପୋଲିସ ଚଢ଼ଉ କରି ଦୁଇ କଫସିରଫ ବେପାରିକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦୁଇଜଣ ହେଲେ ଧଣ୍ଡାମୁଣ୍ଡା ଗାଁର ସତ୍ୟପ୍ରିୟ ପଟେଲ(୪୨) ଓ ବେଲପଡ଼ା ଥାନା ବେଲପଡ଼ାର ମଧୁସୂଦନ ବାଗ ଓରଫ ରଇବାରୁ(୩୫) ବୋଲି ଜଣାଯାଇଛି। ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ବୁଧବାର ସନ୍ଧ୍ୟାରେ ପେଟ୍ରୋଲିଂ କଲା ବେଳେ ଧଣ୍ଡାମୁଣ୍ଡା ଗାଁର ସତ୍ୟପ୍ରିୟ ପଟେଲ କଫ ସିରଫ ରଖିଥିବା ନେଇ ତନଖିକଲା ବେଳେ ଦୁଇଟି କଫସିରଫ ଜବତ କରିଥିବା ବେଳେ କଫସିରଫ ଯୋଗାଣର ମୁଖ୍ୟ ବେଲପଡ଼ା ର ମଧୁସୂଦନ ବାଗ ଓରଫ ରଇବାରୁ ଘରେ ଚଢ଼ାଉ କରି ୯୮ ବୋତଲ କଫସିରଫ, ୧୨୦ଟି ନିଶା ବଟିକା ସମେତ ୬୫୦୦ ଟଙ୍କା ଜବତ କରିଥିଲେ। କଫ ସିରଫ ବିକିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏ ନେଇ ଖପ୍ରାଖୋଲ ଥାନା କେଶ ନଂ ୯୫/ ୨୨ରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରି ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି ।

## ବିଜେଡି ପକ୍ଷରୁ ଚାରାରୋପଣ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଯୁବ ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଯୁବ ଜନତା ଦଳ ସଭାପତି ଆଡମା ରାବାଙ୍କ ନେତୃତ୍ୱରେ ପଡିଆ ବ୍ଲକର ବାପନ୍ନପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ଗଛ କୋଟିଏ ଜୀବନ ନାରା ଦେଇଥିବା ବେଳ ତାଙ୍କ ପଥ ଅନୁସରଣ କରି ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଏହି ଅବସରରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମେଶାକ ରବି ମାଡ୍ରି, ପଡିଆ ବ୍ଲକ ଯୁବ ବିଜେଡ଼ି ସଭାପତି ଦୀପକ ମିର୍ଦ୍ଧା, ବାପନ୍ନପାଲ୍ଲୀ ପଞ୍ଚାୟତ ସରପଞ୍ଚ ମେଢ଼ା ବାଗାମ୍, ସମିତି ସଭ୍ୟ ନନ୍ଦା ମାଡ଼କାମୀ, ଦିଲ୍ଲୀପ ପୋଟଲା, ହରିହର ଗାଇନ୍, ତାପସ ମଣ୍ଡଳ, ଗୌରପଦ ବିଶ୍ୱାସ, ପଡିଆ ବ୍ଲକ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା ପ୍ରମୁଖ ଯୋଗଦାନ କରିଥିଲେ ।

# ଦାତବ୍ୟ ହୋମିଓପ୍ୟାଥିକ ଚିକିତ୍ସା



ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଡାଇରିଆ ମ୍ୟାଲେରିଆକୁ ଆଖି ଆଗରେ ରଖି ନୂଆପଡା ଜିଲ୍ଲା ସୀମାନ୍ତ ଏନ୍ଏସି ଖରିଆରରୋଡ ଠାରେ ମାଗଣା ସ୍ୱାସ୍ଥ୍ୟସେବା ହୋମିଓପ୍ୟାଥିକ ଚିକିତ୍ସା ବ୍ୟବସ୍ଥା କରାଯାଇଅଛି। ଏନ୍ଏସିରେ ଦୀର୍ଘ ୩୦ ବର୍ଷରୁ ନିଯୁକ୍ତି ହୋଇଥିବା ଡ଼. ସିଦ୍ଧାର୍ଥ ଶଙ୍କର ମହାପାତ୍ର ପ୍ରଥମେ ଖଡ଼ିଆଳ ଏନେସିଭିରେ ୪୦ ବର୍ଷ ସେବା ଦେବା ପରେ ତାଙ୍କ ବଦଳି ଖରିଆର ରୋଡ଼କୁ ହୋଇଅଛି। ତେଣୁ ଖରିଆର ରୋଡ଼ଠାରେ ଆରମ୍ଭ ହେଲା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା। ସେହିପରି ବାୟୁ, ଜଳ ଏବଂ ପବନରେ ପ୍ରବାହିତ ହେଉଥିବା ସଂକ୍ରମଣ ଜନିତ ସଚେତନ କରିଛନ୍ତି। କାଉନସିଲରମାନଙ୍କ ପ୍ରୟାସରେ ବୁଧବାରଠାରୁ ଡାକ୍ତରୀ ଟିମ୍ ଓ ସିଏଚ୍ସି ଖରିଆରରୋଡ଼ ମେଡିକାଲ ଟିମ୍ଙ୍କ ସାହାଯ୍ୟରେ ୱାର୍ଡକୁ ୱାର୍ଡ ଲୋକଙ୍କ ରକ୍ତ ପରୀକ୍ଷା କରିବା ସହ କୋଭିଡ ଡାଇରିଆ ମ୍ୟାଲେରିଆ ବିପି ପରୀକ୍ଷା କରି ଲୋକଙ୍କୁ ଔଷଧ ଦେବାସହ ସଚେତନା କରୁଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମ ୩.୮.୨୨ରୁ ଆରମ୍ଭ ହୋଇ ୩୦.୮.୨୨ ତାରିଖ ପର୍ଯ୍ୟନ୍ତ ସହରର ସମସ୍ତ ୧୯ଟି ୱାର୍ଡକୁ ଯାଇ ଲୋକଙ୍କର ପରୀକ୍ଷା କରିବା ସହ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମ ରହିଛି ବୋଲି ଏନ୍ଏସିଇଓ କର୍ଣ୍ଣ ସୁନା ସୁଚନା ଦେଇଛନ୍ତି । ବିଜ୍ଞାପିତ ଅଞ୍ଚଳ ପରିଷଦର ଏଭଳି ପ୍ରୟାସକୁ ଦେଖି ସହରର ଲୋକେ ଭୂରି ଭୂରି ପ୍ରଶଂସା କରୁଛନ୍ତି । ଚିକିତ୍ସା ଦ୍ୱାରା ଅନେକ ରୋଗୀ ଆରୋଗ୍ୟ ଲାଭ ହୋଇଛନ୍ତି। ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରକୁ ଖରିଆର ରୋଡ଼ ନଗରପାଳ ସୋନିଆ ଗୋଲଡି ଅଗ୍ରୱାଲ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଛନ୍ତି। ସଭାରେ ଉପାଧକ୍ଷ୍ୟ ନିଶାନ୍ତ ଡାଗା, ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା, ଗୋଲଡି ଅଗ୍ରୱାଲ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା: ଯାତାୟାତ ବିପଦପୂର୍ଣ୍ଣ

ବରଗଡ଼,(ଭାସ୍କର ନ୍ୟୁଜ୍): ବରଗଡ଼ କେନାଲ ଡିଭିଜନର କେନାଲ ରାସ୍ତା ନିର୍ମାଣ ଓ ମରାମତି ପାଇଁ ଓଡ଼ିଶା ସରକାରଙ୍କ ଅନାଗ୍ରହ ଓ ସ୍ଥାନୀୟ ଡିଭିଜନର ଅବ୍ୟବସ୍ଥା, ଠିକାଦାରଙ୍କ ଠାରୁ ପିସି ଆଦାୟ କରି ନିମ୍ନ ମାନର ରାସ୍ତା ତିଆରି ଓ ମରାମତି ଭଳି ଗୁରୁତର ଅଭିଯୋଗ ହୋଇଛି। ଏହି ବିଭାଗ ବଡ ବଡିଆ ଯନ୍ତ୍ରୀଙ୍କର ଅଣଦେଖା, ବିଭାଗକୁ ଯଥେଷ୍ଟ ଅନୁଦାନ ନ ଆସିବା ମଧ ରାସ୍ତା ଅବ୍ୟବସ୍ଥାର ଅନ୍ୟତମ କାରଣ ବୋଲି ମତ ପ୍ରକାଶ ପାଏ। ବରଡୋଲ ବ୍ରିଜ୍ଠାରୁ ଦେଓଗାଁ ଆଗ ବ୍ରିଜ୍ ପର୍ଯ୍ୟନ୍ତ ଗର୍ତ୍ତପୂର୍ଣ୍ଣ ରାସ୍ତାରେ ଦେଓଗାଁ, ଗୋଏର୍ସ, ହାତୀସର, ପର୍ଥଲା ଅଞ୍ଚଳରୁ ପ୍ରତ୍ୟହ ଶହ ଶହ ଲୋକଙ୍କ ଗମନାଗମନ ସହ, ବହୁ ସଂଖ୍ୟାରେ ଟ୍ରାକ୍ଟର, ହାଇୱାରେ ବାଲି ଇଟାପରି ସାମଗ୍ରୀ ପରିବହନ, ବହୁ ଗାଡି ମଟର



ଯାତାୟାତ କରିବା ସମୟରେ ସାଇକେଲରେ ପଢିବାକୁ ଯାଉଥିବା ଛାତ୍ରଛାତ୍ରୀ ଏବଂ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ମରଣଯନ୍ତା ସାଜିଛି। ସରକାର ଯୋଜନା ଉପରେ ଯୋଜନା କରି ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିବା ସମୟରେ ଏହି ରାସ୍ତା ପ୍ରତି ବିମୁଖ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ହୁଏ। ଆଗାମୀ ଦିନରେ ଏହାର ତୁରନ୍ତ ସମାଧାନ ନ ହେଲେ ଅଞ୍ଚଳରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ମତ ପ୍ରକାଶ ପାଏ।

# ବାଲିମେଳା ଏନଏସିରେ 'ମୋ ଖତ' ଯୋଜନା ଆରମ୍ଭ




ବାଲିମେଳା, (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବାଲିମେଳା ଏନ୍ଏସିରେ ଥିବା ମାଇକ୍ରୋକମ୍ପୋଜିଟ ସେଣ୍ଟରରୁ ଆଜି ୮୦୦୦କେଜି 'ମୋ ଖତ' ଜୈବିକ ସାର ବିକ୍ରି ଆରମ୍ଭ କରିଛି। ସୂଚନା ଅନୁଯାୟୀ ମିଶନ ଶକ୍ତିର ଅଣୁଜୈବିକ ସମ୍ପଦ ପକ୍ରିୟା କେନ୍ଦ୍ର ଆରମ୍ଭ ହୋଇଥିଲା। ମିଶନ ଶକ୍ତିର ସ୍ୱଚ୍ଛ ସାଥି ଓ କର୍ମୀ ନେଇ ପରିମଳ ବିଶେଷଜ୍ଞ ବିବେକାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ସହରର ବିଭିନ୍ନ ଅଞ୍ଚଳରୁ ସ୍ୱଚ୍ଛ ସାଥି ଓ କର୍ମୀମାନେ ଘର ଘର ବୁଲି ଶୁଖିଲା ଓ ଓଦା ମଇଳା ସଂଗ୍ରହ କରି ଏହି ପ୍ଲାଣ୍ଟକୁ ଅଣାଯାଇ ପକ୍ରିୟା ପରେ ଜୈବିକ ସାର ପରିଣତ କରାଯାଇ ବିକ୍ରି କରାଯାଏ। ଆଜି ଚିତ୍ରକୋଣ୍ଡା ୱାଟର ସେଡ଼ ପ୍ରୋଜେକ୍ଟକୁ ୮୦୦୦କେଜି ଜୈବିକ ସାର ବିକ୍ରି କରାଯାଇଥିଲା। ଏହି ଅବସରରେ ନଗରପାଳ ପ୍ରଦୀପ କୁମାର ନାୟକ, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ପରିମଳ ବିଶେଷଜ୍ଞ ବିବେକାନନ୍ଦ ସାହୁ, କାଉନସିଲର ବୃନ୍ଦ ଓ ସ୍ୱଚ୍ଛ କର୍ମୀମାନଙ୍କ ଉପସ୍ଥିତ ଥିଲେ। ଆଗକୁ ମଧ ଅଧିକ ଜୈବିକ ସାର ପ୍ରସ୍ତୁତ କରାଯାଇ ବିଭିନ୍ନ ସରକାରୀ ସଂସ୍ଥାକୁ ବିକ୍ରି କରାଯିବ ବୋଲି ନଗରପାଳ ପ୍ରଦୀପ କୁମାର ନାୟକ କହିଛନ୍ତି।

# ଜମି କେଲେଙ୍କାରୀ: ୩ ନିଲମ୍ବିତ

ପାଟଣାଗଡ଼,(ଭାସ୍କର ନ୍ୟୁଜ୍):ବଲାଙ୍ଗିର ଜିଲ୍ଲାରେ ଜମି କେଲେଙ୍କାରୀର ନାଁ ଥମୁନାହିଁ। ଜମି କେଲେଙ୍କାରୀ ଘଟଣାରେ ବଲାଙ୍ଗିର ତହସିଲଦାର ମଘବାନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତ, ତହସିଲ ରେକର୍ଡ କିପର ଆଦି ନିଲମ୍ବିତ ହୋଇଛନ୍ତି। ସେହିଭଳି ଘଟଣା ବେଲପଡା ତହସିଲରେ ମଧ ବର୍ତ୍ତମାନ ସମାନାକୁ ଆସିବା ପରେ ପାଟଣାଗଡ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଅଜବ ନୀତି ଦେଖାଇଛନ୍ତି। ଗୋଟିଏ ପଟେ ଜମି ହରାଇଥିବା ବ୍ୟକ୍ତିଙ୍କୁ କାର୍ଯ୍ୟାଳୟକୁ ଡାକି ଶୀଘ୍ର ତମ ଜମି ଫେରସ୍ତ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଅନ୍ୟ ପଟେ ଏହି କେଲେଙ୍କାରୀରେ ସମ୍ପୃକ୍ତ ତହସିଲ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଛନ୍ତି। ଉପଜିଲ୍ଲାପାଳ ସେଠି ବାବୁ ଜମି ହରାଇଥିବା ହରିପ୍ରିୟାଙ୍କ ସ୍ୱାମୀ କେଶବ ମେହେରଙ୍କୁ ଅଳ୍ପ ଦିନ ମଧରେ ଜମି ଫେରି ପାଇବ ବୋଲି କହିଥିବା ନିଜେ କେଶବ କହିଛନ୍ତି। ସୂଚନା ଯୋଗ୍ୟ ଯେ ବେଲପଡା ତହସିଲ ଅନ୍ତର୍ଗତ ଯୁବା ଗ୍ରାମର ବେଲମତି ମେହେରଙ୍କ ନାମରେ ୨ ଏକର ୯୩ ଡିସିମିଲ ଆଟମାମୁଲି ଜମି ରହିଥିଲା। ବେଲମତିଙ୍କ ମୃତ୍ୟୁ ପରେ ତାଙ୍କ ଜମିକୁ ମିଥ୍ୟା ପ୍ରମାଣ ପତ୍ର ଯୋଗାଡ କରି ସ୍ଥାନୀୟ ଆରଆଇ ଏବଂ ତହସିଲଦାରଙ୍କୁ ହାତ କରି ନିଜକୁ ବେଲମତିର ନାତୁଣୀ ଦର୍ଶାଇ ନିଜ ନାମରେ ଉକ୍ତ ଜମିକୁ ନାମ ସଂଶୋଧନ କରି ଜମିକୁ ହଡପ କରିନେଲେ ଭଗବତି ମେହେରଙ୍କ ନାମରେ। ପରେ ଉକ୍ତ ଜମିକୁ ଚଢା ଦରରେ ସେହି ଯୁବା ଗ୍ରାମର ବୁବୁଲ ପାତ୍ରଙ୍କୁ ବିକ୍ରି କରିଦେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ମୃତ ବେଲମତିଙ୍କ ଏକ ମାତ୍ର କନ୍ୟା ହରିପ୍ରିୟା ମେହେର ଏ ବାବଦରେ କିଛି ଜାଣି ପାରିନଥିବା କହିଛନ୍ତି। ତାଙ୍କ ବିବାହ ପରେ ସେ ବର୍ତ୍ତମାନ ପାଟଣାଗଡ ବ୍ଲକ ଅନ୍ତର୍ଗତ ବିଜାମାଗୁର ଗ୍ରାମରେ ରହୁଛନ୍ତି। ସେ ଯେତେବେଳେ ସେହି ଜମିକୁ ବିକ୍ରୟ କରିବା ପାଇଁ ମନସ୍ଥ କଲେ ସେତେବେଳେ ଜାଣିବାକୁ ପାଇଲେ ଯେ ତାଙ୍କ ମା'ଙ୍କର ଜମିକୁ କୌଶଳ କ୍ରମେ ହଡପ କରାଯାଇଛି। ଏହି ସମସ୍ତ ଘଟଣାକୁ ଅନୁଧାନ କଲେ ଉପଜିଲ୍ଲାପାଳ ସେଠି ବାବୁ ସିଧାସଳଖ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ସ୍ପଷ୍ଟ ଜଣାପଡିଛି। ବଲାଙ୍ଗିର ଜିଲ୍ଲାପାଳ ବଲାଙ୍ଗିର ଜମି କେଲେଙ୍କାରୀ ଘଟଣା ଭଳି ଏହି ଘଟଣାକୁ ମଧ ଗୁରୁତର ସହ ଗ୍ରହଣକରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୩ରେ ତାଲୁକସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, (ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଫୁଲବାଣୀ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଏବଂ ଜିଲ୍ଲାର ସମସ୍ତ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ତାଲୁକ ସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ତା୧୩.୦୮.୨୦୨୨ରିଖ(ଶନିବାର) ଦିନ ଅନୁଷ୍ଠିତ ହେବ ବୋଲି ଅଧକ୍ଷା, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ପକ୍ଷରୁ ସୂଚନା ଦେଇଛନ୍ତି। ସୂଚନାରୁ ପ୍ରକାଶ ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି(ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ(ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ(ଛାଡ଼ପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରାଧନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇ ନ ଥିବା) ଚେକ୍‌ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫଉଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମକଦ୍ଦମା କିମ୍ବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ । ଯଦି କୌଣସି ବିଚାରାଧନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ ଫେରସ୍ତ ହୋଇପାରିବ ବୋଲି ଅଧକ୍ଷା ସୂଚନା ଦେଇଛନ୍ତି। ତେଣୁ, ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ଅଦାଲତଙ୍କ ସହାୟତା ନେବା ସହିତ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ମାନନୀୟା ଅଧକ୍ଷା କହିଛନ୍ତି।

# ଦିନ ଦ୍ୱିପହରରେ ଲୁଟିନେଲେ ମୋବାଇଲ, ଟାବଲେଟ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ପାଟଣାଗଡ ରାସ୍ତା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଦିନ ଦ୍ୱିପହରରେ ଜଣେ ମୋଟର ସାଇକେଲ ଆରୋହୀ ଠାରୁ ମୋବାଇଲ, ଟାବଲେଟ୍ ସହ କାଗଜ ପତ୍ର ଲୁଟେରାମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବେଲପଡ଼ା ବ୍ଲକ୍ କପାଣୀ ଗାଁର ଖିତିସ ବେହେରା ଲାଠୋରରେ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ବେଳେ ଗୁରୁବାର ମଧ୍ୟାହ୍ନରେ କପସିପାଲି ଗାଁରୁ ଲାଠୋରକୁ ମୋଟର ସାଇକେଲରେ ଯାଉଥିବା ବେଳେ ପଛରୁ ଏକ କଳା ବୁଲେଟରେ ତିନିଜଣ ଲୁଟେରା ଖିତିସ୍‌କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଲୁଟ କରିଥିଲେ। ପାଖରେ କୌଣସି ଟଙ୍କା ନଥିବାରୁ ମୋବାଇଲ, ଟାବାଲେଟ ଓ କାଗଜ ପତ୍ର ନେଇ ଲୁଟେରାମାନେ ଚାଲି ଯାଇଥିଲେ। ଏନେଇ ଲୁଟର ଶିକାର ଯୁବକ ଖପ୍ରାଖୋଲ ପୋଲିସକୁ ଜଣାଇଲା ପରେ ପୋଲିସ ଲୁଟେରାଙ୍କୁ ଧରିବାକୁ ତନାଘନା ଚଳାଇଥିବା ଜଣା ଯାଇଛି। ଦିନ ଦ୍ୱିପହରରେ ଖପ୍ରାଖୋଲଠାରୁ ଏକ କିମି ମଧରେ ଲୁଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା



ସଇଁନ୍ତଲା,(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ବିନୟ ଭୋଇ, କୋଷାଧକ୍ଷ ଭୀମସେନ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ଶିଶୁ ବର୍ଗର ୩୫ ଜଣ, ବାଲ ବର୍ଗର ୨୫ ଜଣ, କିଶୋର ବର୍ଗର ୩୦ ଜଣଙ୍କ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଏହା ବ୍ୟତୀତ ଗଣିତ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ, ପତ୍ରବାଚନ, ଗଳ୍ପ କଥନ ଇତ୍ୟାଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଥିଲା। ସମାରୋପ ଉତ୍ସବରେ ପରିଚାଳନା କମିଟିର ସମ୍ପାଦକ ଯୁବରଜ ରଣା ବିଜ୍ଞାନର ଉପଦେୟତା ବିଷୟରେ ମାର୍ଗ ଦର୍ଶନା କରିଥିବା ବେଳେ ବିଚାରକ ଭାବରେ ବ୍ରାହ୍ମଣୀ ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କ୍ଷେତ୍ରପତି ଜାଲ, ଭଦ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ ଦାଶ ଏବଂ ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ନାଏକ ଗୁରୁଜୀ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏଥିରେ ଶିଶୁ ବର୍ଗର ୨୦ଜଣ, ବାଲା ବର୍ଗର ୨୪ ଜଣ, କିଶୋର ବର୍ଗର ୨୫ଜଣ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳକୁ ମନୋନୀତ ହୋଇଥିଲେ। ଭବାନୀ ଗହିର ବିଜ୍ଞାନ ମେଳାର ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବେଳେ ଆଚାର୍ଯ୍ୟ ଝସ, ଗରୁଡ, ନୂତନ, ବେଣୁ, ବିନୋଦ, ତ୍ରିଲୋଚନ, ମାଣିକ୍ୟ, ରାମେଶ୍ୱରୀ, ପ୍ରଭାସିନୀ, ଟିକେଶ୍ୱରୀ, ଚିନ୍ମୟୀ ଓ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ପରିଶେଷରେ ବିନୋଦ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍ଆର୍ଟିଏସ୍) ପରୀକ୍ଷା-୨୦୨୧ରେ ସରସ୍ୱତୀ ଶିଶୁ ମନ୍ଦିର ସଇଁତଳାର ୪ ଜଣ ଛାତ୍ରୀ ସଫଳତା ପ୍ରାପ୍ତ କରିଛନ୍ତି। ସେମାନେ ହେଲେ ଲୀପଶା ମନହିରା, ଆକାଂକ୍ଷା ବଗଲୟଲୀ ଅଂଶିକା ପାତ୍ର, ଶ୍ରୁତିଶିଖା ଦଣ୍ଡସେନା।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଜନନୀ-ଭଗିନୀ-କନ୍ୟା-ପ୍ରାଣପ୍ରିୟା-ଜୀବନ ସଙ୍ଗିନୀ, ଦାସୀ ନୁହଁ-ଦାସୀ ନୁହଁ,ତୁମ ରୁଦ୍ଧ ବିହଙ୍ଗିନୀ।

-ଅନ୍ନଦା ଶଙ୍କର ରାୟ



ନିଜ ଉପରେ ଭରସା କରିବାକୁ ଯାହା ଶିକ୍ଷା ଦିଏ, ତାହା ହିଁ ଯେ କୌଣସି ଦେଶ ପାଇଁ ଅସଲ ଶିକ୍ଷା।

-ମହାତ୍ମା ଗାନ୍ଧୀ



## ଆତଙ୍କବାଦର ଅନ୍ତ ନାହିଁ ?
# କାଶ୍ମୀରରେ ଆତଙ୍କୀଙ୍କ ନୂଆ ରଣନୀତି

ଭାରତର ଅବିଚ୍ଛେଦ୍ୟ ଅଙ୍ଗ କାଶ୍ମୀରରେ ଆତଙ୍କବାଦ ଦିନକୁ ଦିନ ଉଗ୍ରରୂପ ନେଉଥିବାର ଦେଖାଯାଇଛି। ଆତଙ୍କବାଦୀମାନେ ପ୍ରାୟ ପ୍ରତିଦିନ ନିରୀହ ସାଧାରଣ ଲୋକଙ୍କୁ ହତ୍ୟା କରିବା ଉଭୟ ସୁରକ୍ଷା ବାହିନୀ ତଥା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି। ଗତ ତିନି ମାସ ମଧ୍ୟରେ ଆତଙ୍କବାଦୀମାନେ ନିଜର ଲକ୍ଷ୍ୟଭେଦୀ ଆକ୍ରମଣରେ ୧୬ ଜଣ ସାଧାରଣ ନାଗରିକଙ୍କ ଜୀବନ ଲୁଟିନେଇଛନ୍ତି। ଏମାନଙ୍କ ଭିତରେ ୧୦ ଜଣ କାଶ୍ମିରୀ ମୁସଲମାନ ଓ ଛ'ଜଣ ହିନ୍ଦୁ ରହିଛନ୍ତି। ସେହିପରି ଗତ ପାଞ୍ଚ ମାସ ଭିତରେ ଗ୍ରେନେଡ୍ ଆକ୍ରମଣରେ ୩ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ପିସ୍ତଲ ଦ୍ୱାରା ଗୁଳି କରି ହତ୍ୟା କରାଯାଇଛି। କାଶ୍ମୀର ଉପତ୍ୟକାରେ ନିରସ୍ତ୍ର ସାଧାରଣ ନାଗରିକଙ୍କୁ କେବଳ ହତ୍ୟା କରାଯାଇଛି ତା' ନୁହେଁ, ଆତଙ୍କବାଦୀମାନେ ନିରସ୍ତ୍ର ପୁଲିସକୁ ମଧ୍ୟ ଟାର୍ଗେଟ୍ କରି ହତ୍ୟା କରୁଛନ୍ତି। ଗତ ଜୁଲାଇ ୧୮ ତାରିଖରେ ଉଗ୍ରବାଦୀମାନେ ଦକ୍ଷିଣ କାଶ୍ମୀରର ପୁଲୱାମା ଠାରେ ଜଣେ ରେଳସୁରକ୍ଷା କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଭାବରେ ଆହତ କରିଥିଲେ। ଅନନ୍ତନାଗ ଜିଲ୍ଲାରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ହିଜବୁଲ କମାଣ୍ଡରର ମୃତ୍ୟୁ ଘଟିଛି। ତା' ନିକଟରୁ ଏକେ-୪୭ ବନ୍ଧୁକ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ୍ ହୋଇଛି। ଏବେ ଆତଙ୍କବାଦୀମାନେ ବାଛି ବିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ହତ୍ୟା କରୁଥିବାର ଲକ୍ଷ୍ୟ କରାଯାଉଛି। ଏହାଦ୍ୱାରା ସେମାନେ ଭୟର ବାତାବରଣ ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଲୋକଙ୍କୁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ, କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବା ସମ୍ଭବ ନୁହେଁ। କାଶ୍ମୀରରେ ଯୁବକମାନଙ୍କୁ ଆତଙ୍କବାଦୀରେ ପରିଣତ କରି ପାକିସ୍ତାନ ନିଜ ପରାଜୟର ପ୍ରତିଶୋଧ ନେବାକୁ ଚାହୁଁଥିଲା ଭଳି ମନେ ହେଉଛି। ଗତ ୨୦୧୯ ଅଗଷ୍ଟ ୫ ତାରିଖରେ ଭାରତ ସରକାର ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରି କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଉଠାଇ ନେଇଥିଲେ। ଜାମ୍ମୁ-କାଶ୍ମୀର ଆଉ ସ୍ୱତନ୍ତ୍ର ରାଜ୍ୟ ନହୋଇ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହାପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବ ବୋଲି ସେତେବେଳେ ଧାରଣା ସୃଷ୍ଟି କରାଯାଇଥିଲା। ମାତ୍ର ଏହି ଆଶା କ୍ରମଶଃ ମଉଳି ଯିବାରେ ଲାଗିଛି ଓ ଆତଙ୍କବାଦୀମାନେ ଅଧିକ ହିଂସ୍ର ତଥା ରକ୍ତମୁଖା ହୋଇ ଉଠିଛନ୍ତି। ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ପରେ କେନ୍ଦ୍ର ସରକାର କାଶ୍ମୀରବାସୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ଦିଆଯାଇଛି ଓ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ରାଜ୍ୟରେ ପୁଞ୍ଜି ନିବେଶ କରିବାକୁ ଆରମ୍ଭ କଲେଣି। ସମ୍ଭବତଃ ଏହି କାରଣରୁ ଆତଙ୍କବାଦୀ ସଂଗଠନଗୁଡ଼ିକ ଅତିମାତ୍ରାରେ ହତୋତ୍ସାହିତ ହୋଇ ପଡ଼ିଛନ୍ତି। ବହୁ ସଂଖ୍ୟାରେ ଆତଙ୍କବାଦୀ ନିପାତ ହୋଇଯିବା ପରେ ଏବେ ସେମାନେ 'ଟାର୍ଗେଟ୍ କିଲିଂ' ବା ଲକ୍ଷ୍ୟଭେଦୀ ହତ୍ୟାର ତାଣ୍ଡବ ରଚାଇବାର ଯୋଜନା କରି ସେହି-ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଛନ୍ତି। କୁଲଗାମରେ ବ୍ୟାଙ୍କ ଭିତରେ ପ୍ରବେଶ କରି ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ସେମାନେ ହତ୍ୟା କରିଛନ୍ତି। ଆତଙ୍କବାଦୀମାନଙ୍କର ଏହି ନୂତନ ରଣନୀତିକୁ ଉଚିତ୍ ଜବାବ ଦେବା ଲାଗି ଆମ ସୁରକ୍ଷା ବାହିନୀ ସଦାସର୍ବଦା ଜାଗତିଆର ରହିବାକୁ ପଡ଼ିବ। ନଚେତ୍ ନିରୀହ ନାଗରିକଙ୍କ ରକ୍ତରେ ହୋଲି ଖେଳିବାକୁ ସେମାନେ ସୁଯୋଗ ପାଇବେ।

# କଲେ ହେଳା ବୁଡ଼ିବ ଭେଳା



**ଶ୍ୟାମ ସୁନ୍ଦର ସାମଲ**
ବିଡ଼ାନାସୀ ବନ୍ଧଛକ, କଟକ,
ମୋ : ୯୭୭୮୬୩୫୯୨୬

ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧ୍ୟାତ୍ମିକର କ୍ଷେତ୍ର। ସତରେ 'କଲେ ହେଳା ବୁଡ଼ିବ ଭେଳା'। ହେଳାରୁ ଭେଳା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖିଥାଉ। ଆଶ୍ଚର୍ଯ୍ୟର କଥା ହେଉଛି ଆମେ ଜାଣିପାରି ମଧ୍ୟ ଅନେକ ସମୟରେ ନିଜର ଭେଳା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଳା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ଲିଙ୍କ୍‌ରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତା'ର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା ? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି ? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା' ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସଷ୍ମିତା ମୁଖୀ, କ୍ରୀଷ୍ଣାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁର୍ମୁଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

# ପ୍ରେମ, ପରକୀୟା ଓ ମାନସିକ ସମସ୍ୟା



**ଡାକ୍ତର ସମ୍ରାଟ କର**
ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ମୋ : ୯୧୩୨୪୩୩୩୩୩

ପରକୀୟା ପ୍ରୀତି। ବିବାହ ପରେ ଅନ୍ୟ ଜଣକ ସହିତ ସମ୍ବନ୍ଧକୁ ହିଁ ପରକୀୟା ପ୍ରୀତି କୁହାଯାଏ। ନିଜ ଜୀବନସାଥୀ ବ୍ୟତୀତ ଅନ୍ୟ କାହା ସହିତ ମାନସିକ ବା ଶାରୀରିକ ସମ୍ବନ୍ଧ ରଖିବା ହିଁ ପରକୀୟା ପ୍ରୀତି। ଭାରତୀୟ ସଂସ୍କୃତିରେ ବିବାହ ପରେ ଅନ୍ୟ ପୁରୁଷ ବା ନାରୀ ସହିତ ପ୍ରେମ ସମ୍ପର୍କ ରଖିବାକୁ ନକାରାତ୍ମକ ଭାବେ ଦେଖାଯାଏ। କାରଣ ମଣିଷକୁ ଏକ ଶୃଙ୍ଖଳିତ, ସଂସ୍କାରିତ, ସାମାଜିକ ଓ ପାରିବାରିକ ବନ୍ଧନରେ ବାନ୍ଧି ରଖିବା ପାଇଁ ଆମ ସମାଜରେ ବିବାହ ପରମ୍ପରା ପ୍ରଚଳିତ। ପରକୀୟା ପ୍ରୀତି ସମ୍ବନ୍ଧ ଜଣେ ବ୍ୟକ୍ତିର ସାମାଜିକ ଓ ପାରିବାରିକ ଜୀବନରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରେ। ତେଣୁ ପରକୀୟା ପ୍ରେମ ଠାରୁ ଦୂରେଇ ରହିବା ପାଇଁ ସର୍ବଦା ପରାମର୍ଶ ଦିଆଯାଏ।

ଜଣେ ବିବାହିତ ପୁରୁଷ ବା ନାରୀ କାହିଁକି ଅନ୍ୟ ପ୍ରତି ଆକର୍ଷିତ ହୁଏ ? ବିବାହ ପରେ ମଧ୍ୟ କ'ଣ ପାଇଁ ନିଜ ମନରେ ଅନ୍ୟ ପ୍ରତି ପ୍ରେମ ଭାବନା ହିଁ ସୃଷ୍ଟି ହୁଏ ? ପତି-ପତ୍ନୀଙ୍କ ଭିତରେ କିଭଳି ପରିସ୍ଥିତିରେ ତୃତୀୟ ବ୍ୟକ୍ତି ପ୍ରବେଶ କରେ ? ପତି ବା ପତ୍ନୀ ଥାଉ ଥାଉ ଜଣେ ନିଜକୁ ଅନ୍ୟ ପାଖରେ କାହିଁକି ସମର୍ପିତ କରିଦିଏ ? ପରକୀୟା ପ୍ରେମର ମୂଳ କାରଣ କ'ଣ ? ତାକୁ ନେଇ ମନ ଭିତରେ ଏଭଳି ନାନା ପ୍ରଶ୍ନ ସୃଷ୍ଟି ହୁଏ। ପରକୀୟା ପ୍ରୀତି ପ୍ରତି କାହିଁକି ଜଣେ ମନ ବଳାଏ, ତାର ଅନେକ କାରଣ ଅଛି। ପାରିବାରିକ ବୁଝାମଣାର ଅଭାବ ଠାରୁ ଆରମ୍ଭ କରି ମାନସିକ ଉନ୍ମାଦନା, ଦାମ୍ପତ୍ୟ ଜୀବନରେ ଶିଥିଳତା, ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ, ପତି-ପତ୍ନୀ ପରସ୍ପର ପ୍ରତି ଅବିଶ୍ୱାସ ଓ ସନ୍ଦେହ, ଜୀବନସାଥୀ ଠାରୁ ସ୍ନେହ ଓ ଭଲ ପାଇବାର ଅଭାବ, ଅନିଚ୍ଛା ସତ୍ତ୍ୱେ ବିବାହ, ସଂପତ୍ତି ଲୋଭ ଆଦି ପରକୀୟା ପ୍ରେମର ଗୋଟିଏ ଗୋଟିଏ କାରଣ। ତେବେ ପରକୀୟା ପ୍ରୀତିର ଆଢୁଆଳରେ ରହିଛି ଆହୁରି କିଛି କାରଣ। ପୁରାଣ ଯୁଗରୁ ପରକୀୟା ପ୍ରେମ ରହି ଆସିଛି। ତେବେ ଆଧୁନିକ ମଣିଷ ଅଧିକ ପରକୀୟା ପ୍ରେମ, ପ୍ରଣୟରେ ଲିପ୍ତ।

ପତିପତ୍ନୀଙ୍କ ଜୀବରେ ଯଦି କୌଣସି ତୃତୀୟ ବ୍ୟକ୍ତି ପ୍ରବେଶ କରେ, ତେବେ ସମ୍ପର୍କ ଖୁବ ଶୀଘ୍ର କଟିଯାଏ। ପ୍ରେମ ବିବାହ ବା ବ୍ୟବସ୍ଥିତ ବିବାହ କରିଥିବା ଯେ କୌଣସି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ିପାରେ। ସାଧାରଣତଃ ବିବାହିତ ପୁରୁଷ ଓ ମହିଳାଙ୍କ ସମ୍ବନ୍ଧରେ ଶିଥିଳତା ଯୋଗୁଁ ପରକୀୟା ପ୍ରୀତି ଆରମ୍ଭ ହୋଇଯାଏ। ଯେଉଁମାନେ ବାଧ୍ୟବାଧକତାରେ ବିବାହ ହୋଇଥାନ୍ତି, ସେଭଳି ଦମ୍ପତି ଅଧିକ ପରକ୍ରୀୟା ପ୍ରେମରେ ପଡ଼ିଥାଆନ୍ତି। ଏପରିକି କେତେକ ସ୍ୱାମୀ-ସ୍ତ୍ରୀ ନିଜ ଜୀବନସାଥୀ ଠାରୁ ଶାରୀରିକ ସୁଖ ପାଇନଥାନ୍ତି। ସେଭଳି କ୍ଷେତ୍ରରେ ମଧ୍ୟ ଜଣେ ଅନ୍ୟ ଜଣକ ସହିତ ସମ୍ପର୍କ ରଖି ନିଜ ଇଚ୍ଛାକୁ ପୂରଣ କରିଥାନ୍ତି। ସେହିପରି ପତି-ପତ୍ନୀ ଜଣେ ଅନ୍ୟ ଜଣକୁ ସମ୍ମାନ ନ ଦେଲେ ଉଭୟଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏଭଳି ପରିସ୍ଥିତିରେ ଜୀବନସାଥୀ ଅପେକ୍ଷା ସେମାନେ ବାହାର ଲୋକଙ୍କ ପ୍ରେମ ସାନ୍ନିଧ୍ୟ ଚାହାଁନ୍ତି। ନିଜ ସାଥୀ ସହିତ ସମୟ ବିତାଇବା ତାଙ୍କ ପାଇଁ ବୋଝ ପାଲଟିଯାଏ। କେବେକେବେ ଜଣେ ଅନ୍ୟ ଜଣକ ସହିତ ମାନସିକ ଭାବେ ସଂଯୁକ୍ତ ହୋଇପାରନ୍ତି ନାହିଁ। ତେଣୁ ସେଭଳି ସ୍ୱାମୀ-ସ୍ତ୍ରୀ ବାହାର ଲୋକଙ୍କ ସହିତ ସମ୍ବନ୍ଧ ରଖିବା ଆରମ୍ଭ କରନ୍ତି। କେତେକ ନିଜ ବିବାହକୁ ନେଇ ଖୁସି ନଥାନ୍ତି। ଫଳରେ ସେମାନେ ବିବାହ କଲାପରେ ମଧ୍ୟ ଅନ୍ୟମାନଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି। ତେବେ ପରକୀୟା ପ୍ରୀତିର ଆହୁରି ଅନେକ କାରଣ ରହିଛି।

ପତ୍ନୀ ହେଉ କି ପତି ଯଦି ଏକାଠି ରହି ମଧ୍ୟ ପରକୀୟା ସମ୍ପର୍କରେ ଲିପ୍ତ ରହୁଛନ୍ତି, ତା'ହେଲେ ଏହା ଉଭୟଙ୍କ ସମ୍ପର୍କରେ ଝଡ଼ ସୃଷ୍ଟି କରିବ। ତେଣୁ ସମୟ ପୂର୍ବରୁ ନିଜ ଭୁଲକୁ ସୁଧାରିବା ସବୁଠୁ ଭଲ ଉପାୟ। ଏଥିପାଇଁ ଉଭୟଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ ହେବା ଦରକାର। ପୁଣି ନିଜ ସ୍ୱାମୀ/ସ୍ତ୍ରୀକୁ ଗ୍ରହଣ କରିବେ କି ନାହିଁ ତାହା ମଧ୍ୟ ଗୁରୁତ୍ୱ ବହନ କରେ। ସ୍ତ୍ରୀ ଯେତେବେଳେ ଜାଣିବ କି ତା' ସ୍ୱାମୀ ଅନ୍ୟ କୌଣସି ମହିଳା ପ୍ରତି ଧ୍ୟାନ ଦେଉଛନ୍ତି, ତା'ହେଲେ ରାଗି କରି କଥା ହେବା ବଦଳରେ ସ୍ୱାମୀକୁ ଭଲଭାବେ ବୁଝାଇବା ଦରକାର। କାରଣ ଏଥିରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କର ଦୋଷ ଥାଏ। ଜଣେ ପୁରୁଷ ଯଦି ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିବାକୁ ପସନ୍ଦ କରୁଛନ୍ତି, ଏହାର ଅନେକ ଦିଗ ଥାଏ। ତେଣୁ ସମ୍ପର୍କ ଯିଏ ରଖୁଛି ତାର ୭୦ ପ୍ରତଶତ ଦୋଷ ଥିଲେ ହେଁ ଅନ୍ୟ ଜଣଙ୍କର ମଧ୍ୟ ୩୦ ପ୍ରତିଶତ ଦୋଷ ରହୁଛି। କେବଳ ପୁରୁଷ ନୁହଁନ୍ତି, ଅଧିକତର ବିବାହିତା ମହିଳା ମଧ୍ୟ ପରକୀୟା ସମ୍ପର୍କରେ ରହୁଛନ୍ତି। ଯାହାଫଳରେ ଗୋଟେ ଭଲ ସମ୍ପର୍କରେ ବିଶ୍ୱାସ ଭାଙ୍ଗିଯାଉଛି। ଆଜିକାଲି ସ୍ୱାମୀ-ସ୍ତ୍ରୀ ଉଭୟ ଏକାଠି ଅଧିକ ସମୟ ବିତାଇବା ବଦଳରେ କେବଳ ଅଭିଯୋଗକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ସ୍ୱାମୀ ହେଉ କି ସ୍ତ୍ରୀ ଗୋଟିଏ କଥା ମୁଣ୍ଡରେ ରଖିବା ଦରକାର କି ଉଭୟଙ୍କର ହକ୍ ଅଛି, ପରସ୍ପରର ଖବର ରଖିବା। ମୋ ଜୀବନ ସାଥୀକୁ କ'ଣ ପସନ୍ଦ, ମୋ ଦ୍ୱାରା ସେ ଅବହେଳା ହେଉ ନାହାନ୍ତି ତ, ସେ କୌଣସି ଚାପରେ ଅଛନ୍ତି କି ନାହିଁ ଆଦି ଅନେକ କଥାକୁ ଧ୍ୟାନ ଦେବା ଉଚିତ। ଜୀବନରେ ସମସ୍ତଙ୍କର ଭୁଲ ହୁଏ, ଆଉ ଏହି ଭୁଲଟାକୁ ସୁଧାରିବା ଦରକାର। ପ୍ରାୟତଃ କୁହନ୍ତି କି ବିଶ୍ୱାସ ଥରେ ଭାଙ୍ଗିଗଲେ ଆଉ କେବେ ଫେରେନି, ହେଲେ ଏସବୁ ମିଛ। କାରଣ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତେଣୁ ଏହି ମାମଲାରେ ପୁଣି ଭୁଲକୁ ସୁଧାରି ଅନ୍ୟ ଜଣଙ୍କୁ କ୍ଷମା ଦେବା ସହ ପରସ୍ପର ମଧ୍ୟରେ ସେହି ବିଶ୍ୱାସକୁ ଫେରେଇ ଆଣି ପୁଣି ସଂସାର ବାନ୍ଧିବା ଦରକାର। ଆହୁରି ବି ଦେଖାଯାଏ, ଯଦି କାହା ସାଥୀ ପରକୀୟା ପ୍ରୀତିରେ ଲିପ୍ତ ଅଛି, ଆଉ ସେ ନିଜ ବନ୍ଧୁଙ୍କ ଠାରୁ ପରାମର୍ଶ ଚାହୁଁଛି, ସେପରି କ୍ଷେତ୍ରରେ ଅନେକ ସାଙ୍ଗ ପରାମର୍ଶ ଦିଅନ୍ତି କି ତୁ ଆଉ ତାଙ୍କ ସହ ରହନି। ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇଦେ। ହେଲେ ଏହା ଆଦୌ ଠିକ ନୁହେଁ। କାରଣ କାହା ଘର ଭାଙ୍ଗିବା ପୂର୍ବରୁ ସେହି ସମ୍ପର୍କକୁ ବଞ୍ଚାଇବା ସବୁଠୁ ବୁଦ୍ଧିମାନର କଥା। ତେବେ ଅନେକ ଚେଷ୍ଟା ପରେ ଯଦି କିଛି ଫଳ ମିଳୁନି କି ସାଥୀ ଭିତରେ ପରିବର୍ତ୍ତନ ହେଉନି ତାହେଲେ ଆଇନ ସାହାଯ୍ୟରେ ଅଲଗା ରହିପାରିବେ।

ପରକୀୟା ପ୍ରୀତିରେ ଉଭୟ ପରିବାରର କ୍ଷତି ଘଟିଥାଏ। ଯାହାକି କିଛି ବ୍ୟକ୍ତିବିଶେଷଙ୍କ ପାଇଁ ସମସ୍ତ ପରିବାରରେ ଉଭୟ ପରସ୍ପରକୁ ସନ୍ଦେହ କରନ୍ତି। କେବଳ ଯେ ଏହି ସମ୍ପର୍କରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ ତାହା ନୁହେଁ ବରଂ ଏଥିପାଇଁ ଦୁଇ ଦୁଇଟି ପରିବାରର ସମସ୍ତ ସଦସ୍ୟଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ଯେ କେହି ବି ହୁଅନ୍ତୁ ନା କାହିଁକି, ବାସ୍ତବରେ ଘଟଣା ସତ କି ମିଛ ଏହା ଉପରେ ତର୍ଜମା କରିବା ଉଚିତ। କାରଣ ଅନେକ ସମୟରେ ସତ ମିଛ ନ ଜାଣି ଏକ ପରିବାର ନଷ୍ଟ ହୋଇଯାଏ।

ବର୍ତ୍ତମାନ ଏପରି ସମ୍ପର୍କକୁ ନେଇ ଗୀତ, କମେଡ଼ି ଆଦି ପ୍ରସ୍ତୁତି ହେବା ଦ୍ୱାରା ସମାଜ ଉପରେ ଅଧିକ କୁ-ପ୍ରଭାବ ପଡୁଛି। ଯଦି ବି ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କିଛି ଭୁଲ ବୁଝାମଣା ହେଉଛି, ତେବେ ଆଇନ ଅନୁଯାୟୀ ଅଲଗା ହୋଇପାରିବେ। ଏହାପରେ ଅନ୍ୟ ଏକ ସମ୍ପର୍କ ଗଢ଼ିବା ଉଚିତ। ହେଲେ ବର୍ତ୍ତମାନ ଅଧିକାଂଶ ଗୋଟେ ସମ୍ପର୍କରେ ରହି ଲୁଚିଛପି ଅନ୍ୟ ଜଣକୁ ଆପଣାର କରି ନିଜ ଲୋକକୁ ମିଛ ଆଉ ହତାଦାର କରିବା ସାଧାରଣ କଥା ହୋଇଯାଇଛି। ଆମ ସମାଜରେ ବିଶ୍ୱାସ ଆଉ ସମ୍ମାନରେ ସମ୍ପର୍କ ବନ୍ଧା, ହେଲେ ଏମିତି ଘଟଣାମାନ ଘଟି ଧୀରେ ଧୀରେ ଲୋକଙ୍କ ମନରୁ ବିଶ୍ୱାସ ଦୂର ହେଉଯାଉଛି। ସେମିତି ବି ବ୍ୟସ୍ତବହୁଳ ଜୀବନରେ ଉଭୟ ପତି-ପତ୍ନୀ କାମ କରୁଛନ୍ତି, ତେଣୁ ଜଣକୁ ଅନ୍ୟଜଣେ ଜଗିବା ଅସମ୍ଭବ। କିନ୍ତୁ ଏପରି ସ୍ଥାନରେ ନିଜ ସାଥୀ ଉପରେ କେବଳ ଭରସା ଆଉ ବିଶ୍ୱାସ ରଖିବା କଥା।

# ସ୍ତନ୍ୟପାନ : ବଦଳୁଛି ଓଡ଼ିଶାର ଚିତ୍ର



**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**
ସହଯୋଗୀ ପ୍ରଫେସର, ଶିଶୁ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

ବର୍ତ୍ତମାନ କରୋନାର କିଛି ସମସ୍ୟା ଭିତରେ ମଙ୍କିପକ୍ସକୁ ନେଇ ଏକ ପ୍ରକାର ସ୍ୱାସ୍ଥ୍ୟ ଭୟ ଦେଖାଦେଇଛି। ଏ ସମୟରେ ବିଶେଷକରି ପିଲାମାନଙ୍କ ରୋଗପ୍ରତିରୋଧକ ଶକ୍ତି ସମ୍ପର୍କରେ ସାଧାରଣରେ ଆଲୋଚନା ମଧ୍ୟ ହେଉଛି। ଅନେକ ହୁଏତ ଜାଣିନଥିବେ ମା'କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ କିଛି ନାହିଁ। ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ଏଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସପ୍ତାହେ ବ୍ୟାପୀ ମହିଳାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସଚେତନ କରାଯାଏ। ପିଲାଟିଏ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ତାକୁ ମା'କ୍ଷୀର ଦେବା ଉଚିତ। ଏହା ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ୬ମାସରୁ ୨ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିମନ୍ତେ ଡାକ୍ତର ମତ ଦିଅନ୍ତି। ୧୯୯୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରଥମ ଥର ପାଇଁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭୯ଟି ଦେଶରେ ଏହି ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷର ସ୍ଲୋଗାନ ରହିଛି 'ଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡିଂ : ଏଜୁକେଟ ଆଣ୍ଡ ସପୋର୍ଟ।'

ବିଶ୍ୱର ଏକ ତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁଁ ପାଞ୍ଚ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି। ସନ୍ତାନ ପ୍ରସବ ହେବାର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ। କିନ୍ତୁ ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି। ଏଥିଯୋଗୁଁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି ଅଧିକ ସଚେତନ ହୋଇଛନ୍ତି। ପ୍ରସବ ପରର ପ୍ରଥମ ଦୁଗ୍ଧପାନ କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା' ହୋଇଥିବା ମହିଳାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଛି। ଚାଇଲ୍ଡ ରାଇଟସ୍ ଆଣ୍ଡ ୟୁ ଓ ଭଏସ୍ ଫର ଚାଇଲ୍ଡ ରାଇଟସ୍ ଇନ ଓଡ଼ିଶା ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ କୋଲୋଷ୍ଟ୍ରମ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ ଇଣ୍ଟରାକ୍ଟିଭ ଭଏସ ରେକର୍ଡ଼ ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ ପାନ କରାଇଥାନ୍ତି। ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି। ଅନୁନ୍ନତ ତଥା ଅବିକଶିତ ଅଞ୍ଚଳରେ ମଧ୍ୟ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲରେ ପ୍ରସବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି। ତେବେ ପାଖାପାଖି ୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି। ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ ପାନ କରାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି।

ଅନ୍ୟ ପକ୍ଷରେ ୨୦୨୦-୨୧ରେ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛି ଘଣ୍ଟା ଭିତରେ ସ୍ତନ୍ୟପାନ କରାଯାଏ। ତେବେ ଏହି ଆଇଭିଆର ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍‌ସେଲିଂ, ମା'ଗୃହରେ ଏଏନଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି। ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ପ୍ରୋଗ୍ରାମ ହେଡ୍ ପକ୍ଷରୁ ସୂଚନା ଦିଆଯାଇଛି। କୋଲୋଷ୍ଟ୍ରମରେ କେବଳ ପ୍ରୋଟିନ, ଭିଟାମିନ 'ଏ' କିମ୍ବା ସୋଡିୟମ କ୍ଲୋରାଇଡ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ୍ୟ କମ୍ ଥାଏ। ମା'କ୍ଷୀରକୁ ମୃତ୍ୟୁ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏ ନେଇ ସଚେତନତା ବଢ଼ିବା ସହ ସରକାରଙ୍କ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସହାୟତା ନେବା ସବୁଠାରୁ ବାଞ୍ଛନୀୟ।

# 'ରାମତାରକ' ମନ୍ତ୍ରର ଉତ୍ପତ୍ତି

**ଦିଲ୍ଲୀପ କୁମାର ମହାରଣା**
ଶିଖରପୁର ଉପରସାହି, କଟକ,
ମୋ : ୮୨୮୦୯୬୩୨୮୩

ଚରିତଂ ରଘୁନାଥସ୍ୟ ଶତକୋଟି ପ୍ରବିସ୍ତରଂ, ଏକୈକମକ୍ଷରଂ ପୁଂସାଂ ମହାପାତକନାଶନମ୍।। (ରାମରକ୍ଷାସ୍ତୋତ୍ରଂ) ନାରଦାଦି ଶତଶତ ମୁନିଙ୍କଠାରୁ ଆରମ୍ଭ କରି ସିଦ୍ଧ ସାଧକ ଯୋଗୀବୃନ୍ଦ ପର୍ଯ୍ୟନ୍ତ ମୁକ୍ତକଣ୍ଠରେ ରାମନାମର ଅଦ୍ଭୁତ ମହିମାଗାନ କରି ନାନା ଶସ୍ତ୍ରରେ ଲିପିବଦ୍ଧ କରିଯାଇଛନ୍ତି। 'ଆପ୍ତୋକ୍ତ ପ୍ରମାଣ' ନୀତିରେ ସମସ୍ତେ ଏଥିରେ ବିଶ୍ୱାସ ସ୍ଥାପନ କଲେ ମଧ୍ୟ ମନରେ ସ୍ୱତଃ ପ୍ରଶ୍ନ ଉଠେ, ସମଗ୍ର ପଞ୍ଚାଶତ ବର୍ଣ୍ଣ ମଧ୍ୟରୁ 'ର, ଅ, ମ' ଏହି ତିନୋଟି ଅକ୍ଷରର ଏପରି ଅଦ୍ଭୁତ ଶକ୍ତି ଜାତ ହେଲା କାହିଁକି ? ଏ ବିଷୟରେ ଉପନିଷଦ କହେ - 'ରମନ୍ତେ ଯୋଗିନୋନନ୍ତେ ନିତ୍ୟାନନ୍ଦେ ଚିଦାତ୍ମନି, ଇତି ରାମପଦେ ନାସୌ ପରଂବ୍ରହ୍ମାଭିଧୀୟତେ।' (ରାମ ପୂର୍ବତାପିନୀ ଉପନିଷଦ) ଅର୍ଥାତ୍, ଯୋଗୀମାନେ ଯେଉଁ ଅନନ୍ତ ନିତ୍ୟାନନ୍ଦ ଚିଦାତ୍ମାରେ କ୍ରୀଡ଼ା କରନ୍ତି, ତାହା ହିଁ ରାମନାମ। ଏହି 'ରାମ' ପଦ ପରଂବ୍ରହ୍ମ ସ୍ୱରୂପ ଅଟେ। ମହା ରାମାୟଣରୁ ପ୍ରମାଣ ମିଳେ ଯେ, ଏହି ରାମନାମ ବିଧି ହରିହରଙ୍କ ଉତ୍ପତ୍ତିସ୍ଥଳ ଅଟେ। ଯଥା - 'ରକାରାତ୍ ଜାୟତେ ବ୍ରହ୍ମା ଅକାରାତ୍‌ଜାୟତେ, ହରିଃ, ମକାରାତ୍ ଜାୟତେ ଶମ୍ଭୁଃତ୍ରକ୍ଷରେ ସର୍ବଶକ୍ତିୟଃ।' ଅର୍ଥାତ୍, ଏହି ରାମନାମ ଗତ 'ର'କାରରୁ ବ୍ରହ୍ମା, 'ଅ'କାରରୁ ହରି ଏବଂ 'ମ' କାରରୁ ଶମ୍ଭୁଙ୍କର ଜନ୍ମ। ତେଣୁ ରାମନାମ ସତ୍ତ୍ୱ-ରଜ-ତମ ତ୍ରିଗୁଣର ସମଷ୍ଟି ଏବଂ ସର୍ବଶକ୍ତିମାନ। ପୁନଶ୍ଚ ଏହି ରାମାୟଣରେ କୁହାଯାଇଛି ଯେ, ଉକ୍ତ ଅକ୍ଷରତ୍ରୟ ଭକ୍ତି ଜ୍ଞାନ ଓ ବୈରାଗ୍ୟର କାରଣ ଅଟେ। ଏଣୁ ରାମନାମର ଏପରି ଅଦ୍ଭୁତ ଶକ୍ତି ଅଛି।

ଉକ୍ତ ପ୍ରମାଣମାନଙ୍କରୁ 'ରାମ' ନାମର ଅସୀମଶକ୍ତି ପ୍ରମାଣିତ ହେବାପରେ ବର୍ତ୍ତମାନ ପ୍ରଶ୍ନ ଉଠେ ଏହି ରାନାମ ତାରକ ମନ୍ତ୍ର ହେଲା କିପରି ? ଏ ବିଷୟରେ ଆନନ୍ଦ ରାମାୟଣର ଯାତ୍ରାକାଣ୍ଡ ଦ୍ୱିତୀୟ ସର୍ଗ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଏକଦା ଅଲୌକିକ ରାମନାମପ୍ରେମୀ ଦେବଦେବ ଶଙ୍କର ମନୋରମ କୈଳାସ ପର୍ବତର ଶିଖରଦେଶରେ ରାମନାମ ଶ୍ରବଣ ଉଦ୍ଦେଶ୍ୟରେ ଏକ ବ୍ୟାଖ୍ୟାନ ସଭାର ଆୟୋଜନ କରିଥିଲେ। ଏହି ସଭାରେ ସକଳ ଦେବତା ମୁନିଋଷି ଗନ୍ଧର୍ବ କିନ୍ନର ନର ଅସୁର ନାଗ ଆଦି ସମସ୍ତେ ଉପସ୍ଥିତ ହେଲେ। ମହର୍ଷି ବାଲ୍ମୀକି ଶତକୋଟି ଶ୍ଳୋକରେ ବିସ୍ତୃତ ଭାବରେ ରାମଚରିତ ଶୁଣାଇଲେ। ସଭାସ୍ଥ ସମସ୍ତେ ରାମ ଚରିତ ମହିମାରେ ତନ୍ମୟ ହୋଇ ବସି ଶୁଣୁଥାନ୍ତି। କଥାଶେଷରେ ସମସ୍ତେ ଶତକୋଟି ଶ୍ଳୋକାତ୍ମକ ଏହି ରାମଚରିତ୍ରକୁ ନିଜ ନିଜ ଲୋକକୁ ନେବା ପାଇଁ ପରସ୍ପର ବିବାଦରତ ହେଲେ। ସ୍ୱର୍ଗବାସୀ ଦେବତାମାନେ କହିଲେ - ଆମେ ସମସ୍ତେ ରାଜସଗୁଣସମ୍ପନ୍ନ ଭୋଗୀ। ଶୁଦ୍ଧ ସାତ୍ତ୍ୱିକଗୁଣ ସମ୍ପନ୍ନ ହେବାପାଇଁ ଆମ୍ଭମାନଙ୍କର ଏହା ନିତାନ୍ତ ଆବଶ୍ୟକ। ଏ ଶତକୋଟି ଶ୍ଳୋକ ଆମେ ସ୍ୱର୍ଗଲୋକକୁ ନେବୁ। ପାତାଳପୁରବାସୀ ନାଗ ଓ ରାକ୍ଷସମାନେ କହିଲେ - ଆମ୍ଭେମାନେ ତାମସଗୁଣସମ୍ପନ୍ନ ପ୍ରାଣୀ। ଆମେ ଶୁଦ୍ଧ ସାତ୍ତ୍ୱିକଭାବପନ୍ନ ହେବାପାଇଁ ଆମ ପକ୍ଷେ ଏହା ନିତାନ୍ତ ପ୍ରୟୋଜନ। ଆମେ ଏହାକୁ ପାତାଳପୁରକୁ ନେବୁ। ପରିଶେଷରେ ଭୂଲୋକବାସୀମାନେ କହିଲେ - ସ୍ୱର୍ଗ ଓ ପାତାଳବାସୀମାନେ ଆମ୍ଭମାନଙ୍କ ଠାରୁ ଯଥେଷ୍ଟ ସବଳ। ଆମେ ସବୁ ହୀନବଳ - ଦୁର୍ବଳ। ତମୋଗୁଣ ହେତୁରୁ ସର୍ବଦା କୁପଥଗାମୀ। ତେଣୁ ଆମ୍ଭମାନଙ୍କ ପକ୍ଷେ ଏହି ରାମଚରିତ ଏକାନ୍ତ ଆବଶ୍ୟକ। ଦୟାକରି ଆମ୍ଭକୁ ଏହା ଦିଅନ୍ତୁ।

ଏପରି ଭାବରେ ପରସ୍ପର ବିବାଦ ଜାତ ହେବାରୁ କରୁଣାମୟ ଭଗବାନ ଶଙ୍କର କହିଲେ - ଏପରି ପରସ୍ପର ବିବାଦ କରିବା ଅନାବଶ୍ୟକ। ତୁମ୍ଭମାନଙ୍କର ଉପକାର ପାଇଁ ମୁଁ ତୁମ୍ଭମାନଙ୍କ ମଧ୍ୟରେ ଏହି ଶତକୋଟି ଶ୍ଳୋକ ସମାନ ଭାବରେ ବାଣ୍ଟି ଦେଉଅଛି। ଏହା କହି ଶତକୋଟି ବିସ୍ତାର ଏହି ରାମାୟଣ ଶ୍ଳୋକକୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳବାସୀ ମାନଙ୍କ ମଧ୍ୟରେ ବାଣ୍ଟି ଦେବାରୁ ସମସ୍ତଙ୍କ ଭାଗରେ ସମାନ ସମାନ ତେତିଶକୋଟି ଶ୍ଳୋକ ପଡ଼ି ଏକକୋଟି ଉଦ୍‌ବୃତ୍ତ ହେଲା। ସେହି ଏକକୋଟିକୁ ପୁନର୍ବାର ସମାନ ସମାନ ତିନିଭାଗ କରିବାରୁ ପରିଶେଷରେ ଏକମାତ୍ର ଶ୍ଳୋକ ଉଦ୍‌ବୃତ୍ତ ହେଲା। ସେହି ଶ୍ଳୋକଟି ଅନୁଷ୍ଟୁପ, ଛନ୍ଦ, ବତିଶ ଅକ୍ଷର ବିଶିଷ୍ଟ। ଉକ୍ତ ଶ୍ଳୋକକୁ ତିନିଭାଗ କରିବାରୁ ପ୍ରତ୍ୟେକଙ୍କ ଭାଗରେ ଦଶ ଦଶଟି ଅକ୍ଷର ପଡ଼ି ଦୁଇଟି ମାତ୍ର ଅକ୍ଷର ଉଦ୍‌ବୃତ୍ତ ରହିଲା। ଏଥିରୁ ଗୋଟିଏ 'ରାମ' ଏବଂ ଅନ୍ୟଟି 'ମ'। ଏହି ଦୁଇଟି ଅକ୍ଷରକୁ ତିନିଭାଗ କରିବା ସମ୍ଭବପର ନୁହେଁ। ତେଣୁ ଭଗବାନ ଶଙ୍କର କହିଲେ ହେ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳବାସୀ, ତୁମ୍ଭେମାନେ ନିଜ ନିଜର ଭାଗ ନେଇ ସନ୍ତୋଷରେ ନିଜ ପୁରକୁ ଯାଅ। ଏହି ଦୁଇଟି ଅକ୍ଷର ମୋ ନିକଟରେ ଥାଉ। ସଭା ଭଙ୍ଗ ହେଲା। ସମସ୍ତେ ନିଜ ନିଜ ଲୋକକୁ ବିଦାୟ ନେଲେ। ଶେଷରେ ଭଗବାନ ନାରାୟଣ କହିଲେ - ହେ ଶଙ୍କର ! ବଣ୍ଟନରୁ ଏହି ତୁମର ଆରାଧ୍ୟ ସମ୍ପତ୍ତି ହୋଇ ତୁମ ପାଖେ ରହୁ, କିନ୍ତୁ ତୁମେ ମର୍ତ୍ତ୍ୟବାସୀମାନଙ୍କର ମୁକ୍ତି ପାଇଁ କାର୍ଯ୍ୟରେ ବିନିଯୋଗ କର। ତେଣୁ ମୁଁ କହୁଛି - 'କ୍ଷେତ୍ରେ ତେ ତବ ଦେବେଶ ! ଯତ୍ରକୁତ୍ରାପି ବା ମୃତାଃ, କୃମିକୀଟାଦୟୋପ୍ୟାଶୁ ମୁକ୍ତାଃ ସନ୍ତୁ ନ ଚାନ୍ୟଥା।। ମୁମୂର୍ଷୋଦକ୍ଷିଣେ କର୍ଣ୍ଣେ ଯସ୍ୟକସ୍ୟାପି ବା ସ୍ୱୟଂ, ଉପଦେକ୍ଷ୍ୟସି ମନ୍ତ୍ରନ୍ତଂ ସମୁକ୍ତୋଭବିତା ଶିବ।' (ରାମୋତ୍ତରାତାପିନୀ ଉପନିଷଦ) ଅର୍ଥାତ୍ ହେ ଷଡବେଶ ଶଙ୍କର ! ତୁମର କାଶୀକ୍ଷେତ୍ରରେ ଯେ କୌଣସି ସ୍ଥାନରେ ପ୍ରାଣତ୍ୟାଗ କରିବା କୃମି କୀଟ ଆଦି ସକଳ ପ୍ରାଣୀ ଶୀଘ୍ର ମୁକ୍ତ ହୋଇଯିବେ, ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ। ତୁମେ କାଶୀକ୍ଷେତ୍ରରେ ଯେକୌଣସି ମୁମୂର୍ଷୁ ଲୋକର ଦକ୍ଷିଣକର୍ଣ୍ଣରେ ମୋ ମନ୍ତ୍ର (ରାମନାମ) ଉପଦେଶ ଦେବ, ସେ ନିଶ୍ଚିୟ ମୁକ୍ତ ହୋଇଯିବ।

ନାରାୟଣଙ୍କ ଶ୍ରୀମୁଖରୁ ଏକଥା ଶୁଣି ଭଗବାନ ଶଙ୍କର ବିନମ୍ର ଭାବରେ କହିଲେ - 'ଅହଂ ଭବନ୍ନାମ୍ ଗୃଣନ୍ କୃତାର୍ଥୋ ବସାମି କାଶ୍ୟାମନିଶଂ ଭବାନ୍ୟା, ମୁମୂର୍ଷମାଣସ୍ୟ ବିମୁକ୍ତୟେହୋଂ ଦିଶାମି ମନ୍ତ୍ରଂ ତବ ରାମାନମ।।' ଅର୍ଥାତ୍ ମୁଁ ଆପଣଙ୍କର ନାମ ଉଚ୍ଚାରଣ କରି ନିଜକୁ ପରମକୃତାର୍ଥ ମନେ କରୁଛି। ପାର୍ବତୀଙ୍କ ସହିତ ମୁଁ ମଧ୍ୟ ଏହି କାଶୀନଗରୀରେ ବାସ କରୁଅଛି। ଏହି କ୍ଷେତ୍ରରେ ପ୍ରତ୍ୟେକ ମୁର୍ମୁଷୁ ପ୍ରାଣୀର ମୁକ୍ତି ପାଇଁ ତାରକ ମହାମନ୍ତ୍ରସ୍ୱରୂପ ଆପଣଙ୍କର ରାମନାମକୁ ଉପଦେଶ ଦେବି। ଏହି କଥାଟି ଏକଦା ପ୍ରସଙ୍ଗକ୍ରମେ ଭଗବାନ ଶଙ୍କର ପାର୍ବତୀଙ୍କୁ କହିଲେ, 'ଦ୍ୱେକ୍ଷରେ ଯାଜମାନାୟ ମହ୍ୟଂ ଶେତଂ ଦଦୌ ହରିଃ, ଉପଦିଶ୍ୟାମ୍ୟହଂ କାଶ୍ୟାମନ୍ତକାଳେ ନୃଣାଂ ଶ୍ରୁତୌ, ରାମେତି ତାରକଂ ମନ୍ତ୍ରଂ ତ୍ୱମେବ ବିଦ୍ଧିପାର୍ବତି।' ଅର୍ଥାତ୍ ହେ ମଙ୍ଗଳ ପାର୍ବତୀ, ପରିଶେଷରେ ମୁଁ ପ୍ରାର୍ଥୀ ହେବାରୁ ଶ୍ରୀହରି ଏହି ଦୁଇଟି ଅକ୍ଷର ବିଶିଷ୍ଟ ରାମନାମ ମୋତେ ପ୍ରଦାନ କଲେ। ଏହି ରାମନାମ ତାରକମନ୍ତ୍ର ଅଟେ। ମୁଁ କାଶୀରେ ମରଣୋନ୍ମୁଖ ଲୋକମାନଙ୍କର କର୍ଣ୍ଣରେ ଏହି ତାରକମନ୍ତ୍ର ଉପଦେଶ ଦେବି। ତେଣୁ କୁହାଯାଇଛି ଯେ 'ତେ ଧନ୍ୟାଃ ପ୍ରାଣିନଃ ସର୍ବେ ଯେ କାଶ୍ୟାଂ ମରଣଂ ଗତାଃ, ରାମେତି ତାରକଂ ମନ୍ତ୍ରଂ କର୍ଣ୍ଣେ ଶୁତ୍ୱା ମହେଶ୍ୱରାତ।।' ଅର୍ଥାତ୍ ଜଗତରେ ସେହି ପ୍ରାଣୀମାନେ ଧନ୍ୟ ଅଟନ୍ତି, ଯେଉଁମାନେ କାଶୀରେ ମରଣ ସମୟର ମହେଶ୍ୱରଙ୍କ ଠାରୁ କର୍ଣ୍ଣରେ 'ରାମ' ଏହି ତାରକମନ୍ତ୍ର ଶ୍ରବଣ କରି ପ୍ରାଣତ୍ୟାଗ କରନ୍ତି।

## ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

# ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ଉଦ୍ୟମ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକର କଲିଆ କୁଣ୍ଡଳ ଗାଁ'ର କ୍ଷେତ୍ର ଚନ୍ଦ୍ର ନାଏକଙ୍କ ପାରିବାର ଦୀର୍ଘ ଦିନରୁ ଏହି ଗାଁ'ରେ ରହି ଆସୁଥିବା ବେଳେ ପିତୃ ସଂପତ୍ତି ମଧ୍ୟରୁ ୧୭ ଏକରରୁ ଉର୍ଦ୍ଧ୍ୱ ଜମିକୁ ସେହି ଗାଁ'ର ଅନ୍ୟ ଜଣେ ଜବର ଦଖଲ କରି ଆସୁଥିଲେ ବି ଉକ୍ତ ପରିବାରକୁ ଅଣ ଦେଖା କରାଯାଉଥିବା ବେଳେ ଏନେଇ ବାରମ୍ବାର ସଂପୃକ୍ତ ତହସିଲ, ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଦ୍ୱିତୀୟ ବାର ୪ ତାରିଖ ଦିନ କ୍ଷେତ୍ରଙ୍କ ସପରିବାର ପୁଣି ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ହଠାତ ଅନଶନକାରୀଙ୍କ ମଧ୍ୟରୁ ଜଣେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ଉଦ୍ୟମ କରିବା ସମୟରେ ଘଟଣା ସ୍ଥଳରେ ଥିବା ପୋଲିସ ଉକ୍ତ ଯୁବକକୁ କାବୁ କରି ନେଇଥିଲେ। ଘଟଣାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ କାଳିଆ କୁଣ୍ଡଲ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଜମିକୁ ନେଇ ବିବାଦ ଦେଖାଦେଇଛି। କାଳିଆ କୁଣ୍ଡଲ ଗ୍ରାମର କ୍ଷେତ୍ରଚନ୍ଦ୍ର ନାଏକ, ପିତା ଦିବାକର ନାଏକଙ୍କ ୧୭ ଏକର ୮୯ ଡିସିମିଲ ମଧ୍ୟରୁ ୬ ଏକର ଜମି ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଖଇରପଦରର ପୂଜକ କୈଳାସଚନ୍ଦ୍ର ଖାନସମାଙ୍କୁ ଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ଏହି ସମ୍ପୂର୍ଣ୍ଣ ଜମିକୁ ଚଞ୍ଚକତା କରି କାଳିଆ କୁଣ୍ଡଳ ଗ୍ରାମର ଅନାମ ଚନ୍ଦ୍ର ନାଏକ, ପିତା କୃତିବାସ ନାଏକ ନିଜ ନାମରେ କରି ନେଇଥିଲେ। ଉକ୍ତ ୧୭ ଏକର ୮୯ ଡିସିମିଲ ଜମିରେ କ୍ଷେତ୍ରଚନ୍ଦ୍ର ନାଏକଙ୍କ ପରିବାର ମଧ୍ୟ ରହୁଥିଲେ। ବର୍ତ୍ତମାନ ସେମାନଙ୍କୁ ସେହି ସ୍ଥାନରୁ ଅନାମ ନାଏକ ବାହାର କରି ଦେଇଛି। ଏନେଇ ପରିବାର ଲୋକେ ବାରମ୍ବାର ଜୁନାଗଡ ତହସିଲଦାର, ଧର୍ମଗଡ ଉପଜିଲ୍ଲାପାଳ, ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପରିବାରବର୍ଗ ଜୁଲାଇ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନଶନରେ ବସିଥିଲେ। ପରେ ପୋଲିସ ଓ ଜିଲ୍ଲା ପ୍ରଶାସନ ସେମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଅନଶନ ପ୍ରତ୍ୟାହାର କରି ଘରକୁ ଫେରିଥିଲେ। କିନ୍ତୁ ସେମାନଙ୍କ ଉକ୍ତ ବିବାଦୀୟ ଜମିରେ ରହିବା ପାଇଁ ଅନାମ ନାଏକ ଦେଇ ନଥିଲେ। ମାଡ଼ଧର କରି ସେମାନଙ୍କୁ ତଡି ଦେଇଥିଲେ। ଯାହା ଫଳରେ ପୁନର୍ବାର କ୍ଷେତ୍ର ମୋହନ ଚନ୍ଦ୍ର ନାଏକ ଏବଂ ତାଙ୍କ ପରିବାର ସଦସ୍ୟ ରମାକାନ୍ତ ନାଏକ, ମଥୁରା ନାଏକ, ଜନ୍ମଜୟ ନାଏକ, ଭାଗ୍ୟବତୀ ନାଏକ, ଝାଡେଶ୍ୱର ନାଏକ, ଲଳିତା ନାଏକ, ଜୟନ୍ତୀ ନାଏକ ସମେତ ପରିବାର ପିଲା ଛୁଆଙ୍କୁ ଧରି ଭବାନୀପାଟଣା ଆସି କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ପରିବାରବର୍ଗ ଦାବି କରିଛନ୍ତି। ଯଦି ସେମାନଙ୍କ ନ୍ୟାୟ ନ ମିଳିବ ତେବେ ସେମାନେ ଆତ୍ମହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ପି. ଅନେଶ୍ୱ ରେଡ୍ଡୀ ସେମାନଙ୍କୁ ଡାକି ସେମାନଙ୍କୁ ବୁଝାସୁଝା କରିବା ସହିତଏହା ସିଭିଲ ମାମଲା ତେଣୁ କୋର୍ଟରେ ଆଇନର ସହାୟତା ନେବା ପାଇଁ କହିବା କହିଥିଲେ। ଯଦି ଆଇନକୁ ହାତକୁ ନେବା ପାଇଁ ଚେଷ୍ଟା କରିବେ ବାଧହୋଇ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଥିଲେ । ଜିଲ୍ଲାପାଳ ନ୍ୟାୟ ଦେବା ବଦଳରେ ଘରକୁ ଯିବାକୁ କହିଥିବା ଓ ଘରକୁ ନ ଗଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଧମକ ଦେବା ଘଟଣାରେ ମର୍ମାହତ ହୋଇଥିଲେ। ପୂର୍ବରୁ ସେମାନଙ୍କ ପାଖରେ ପ୍ଲାଷ୍ଟିକ ବୋତଲରେ ଲୁଚାଇ ରଖିଥିବା ପେଟ୍ରୋଲକୁ ହଠାତ କାଢି ରମାକାନ୍ତ ନାଏକ ମୁଣ୍ଡ ଓ ଦେହରେ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ଘଟଣା ସ୍ଥଳରେ ଥିବା ପୁଲିସ ତୁରନ୍ତ ରମାକାନ୍ତକୁ କାବୁ କରି ନେଇଥିଲେ। ଫଳରେ ଅଳ୍ପକେ ବଡ ଅଘଟଣାକୁ ପୋଲିସ ଏଡାଇ ଦେଇଥିଲେ। ଏହି ଘଟଣାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ରାତି ୮ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଜଣାଯାଏ। ସେମାନଙ୍କୁ ପୋଲିସ ଜଗିରହିଥିବା ଦେଖିବାକୁ ମିଳିଛି।

## ଚୋର ଭାବି ନିର୍ଦ୍ଦୋଷକୁ ପିଟିଲେ ଗ୍ରାମବାସୀ




ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଏବେ ଚୋରି ରାହାଜାନୀ ଦିନଦିନ ବୃଦ୍ଧି ପାଇଥିବା ବେଳେ ଗତ ୨ ମାସ ହେବ ବିଭିନ୍ନ ବ୍ଲକରେ ଏହି ଡକାୟତି ଗ୍ୟାଙ୍ଗମାନେ ସକ୍ରିୟ ହୋଇ ଉଠିଛନ୍ତି। ଅନେକ ଲୋକଙ୍କ ଘର ଭାଙ୍ଗି ଭିତରକୁ ପଶି ସଞ୍ଚିତ ଟଙ୍କା, ସୁନା ନେବା ସହିତ ମରଣାନ୍ତ ଆକ୍ରମଣ ମଧ୍ୟ କରୁଛନ୍ତି। ଏହି ଭୟ ଲୋକଙ୍କୁ ଏମିତି ଘାରିଛି ଯେ ଲୋକେ ଗାଁ ମାନଙ୍କରେ ରାତିରେ ଉଜାଗର ରହି ଗାଁ ଓ ପରିବାରକୁ ସୁରକ୍ଷା ଦେବା ପାଇଁ ରାତିରେ ପହରା ଦେଉଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀମାନେ ମଧ୍ୟ ସୁରକ୍ଷା ଦେବା ଆଳରେ କିଛି ନ ଜାଣି ନ ବୁଝି ଆଇନକୁ ନିଜ ହାତକୁ ନେଇ ଅକାରଣେ କିଛି ଅଚିହ୍ନା ନିର୍ଦ୍ଦୋଷ ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରି ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଜୁନାଗଡ଼ ବ୍ଲକ ଅନ୍ତର୍ଗତ ସାନଫୁର୍ଲା ଗାଁ'ରେ। ସୂଚନାନୁସାରେ ଚଳିତ ଅଗଷ୍ଟ ୨ ତାରିଖ ଦିନ ୯ଟା ସମୟରେ ବଲଧିଆମାଲ ଗ୍ରାମର ଯୁଗସନ ପରାଭୂଏ ଓ ତାଙ୍କ ନିଜ ସମ୍ପର୍କୀୟ ମଧୁ ପରାଭୂଏ ଦୁହେଁ ମିଶି କାମ କରିଥିବା ଟଙ୍କା ମାଗିବା ପାଇଁ କାଲୋପଲା ଗାଁକୁ ଯାଇଥିଲେ। ସେଠାରୁ କାମ ସାରି ଏକ କେନାଲ ରାସ୍ତା ଦେଇ ସାନଫୁର୍ଲା ଗାଁ ପଟ ହୋଇ ନିଜ ଗାଁ ବଲଧିଆମାଲକୁ ଫେରୁଥିଲେ। ଦୁହିଁଙ୍କୁ ଶୋଷ ହେବାରୁ ସାନଫୁର୍ଲା ଗାଁ ରାସ୍ତା ପାଖରେ ଥିବା ଏକ ନଳକୂପର ପାଣି ପିଉଥିବା ବେଳେ ଗାଁର ଲିଙ୍ଗରାଜ ବନ୍ଧିଛୋଡ, ସତ୍ୟରାଜ ବନ୍ଦିଛୋଡ ଦୁହେଁ ଏହି ଦୁଇ ଜଣଙ୍କୁ ଅଟକ ରଖି ଚୋର ଚୋର ବୋଲି ଗ୍ରାମବାସୀଙ୍କୁ ଡାକିଥିଲେ। ଫଳରେ ଗ୍ରାମବାସୀ ଆସି ଗାଁ'ରେ ଥିବା କ୍ଲବରେ ଦୁହିଁଙ୍କୁ ଅଟକ ରଖି ନିସ୍ତୁକ ମାଡ଼ ମାରି ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଏହି ଘୃଣ୍ୟ କାର୍ଯ୍ୟରେ ଜଣେ ନିର୍ବାଚିତ ଜନ ପ୍ରତିନିଧି ମଧ୍ୟ ସାମିଲ ଥିବା ଭିଡିଓ ଘୁରି ବୁଲୁଛି। ଗ୍ରାମବାସୀଙ୍କୁ ଆଧାର କାର୍ଡ ପରିଚୟ ଦେବା ସହିତ ନିର୍ଦ୍ଦୋଷ ବୋଲି ନେହୁରା ହୋଇଥିଲେ ସୁଦ୍ଧା ଛାଡି ନ ଥିଲେ ବୋଲି ସେମାନେ ଜୁନାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଦୁଇଜଣ ଆସୁଥିବା ବାଇକର ଡିକିରେ କାମ କରିଥିବା ୧୫ ହଜାର ଟଙ୍କାକୁ ମଧ୍ୟ ନେଇ ଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମାଡ଼ ମାରିବା ଭିଡିଓ ସୋସିଆଲ ମିଡିଆରେ ଘୁରିବୁଲୁଥିବା ବେଳେ ଥାନାରେ ଅଭିଯୋଗ ହେଲା ପରେ ମଧ୍ୟ ପୁଲିସ କାହାକୁ ଗିରଫ କରି ନ ଥିବାରୁ ବଲଦିଆମାଲ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆଜି ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବଲଧିଆମାଲ ଗ୍ରାମବାସୀ ଥାନାକୁ ଆସି ଘେରିଥିଲେ ଏବଂ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ଜୁନାଗଡ଼ ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ହୋଇଥିଲା।

## ସଡ଼କ ଦୁର୍ଘଟଣା: ୩୫ ଗୁରୁତର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଆଜି ସକାଳରେ ବିଜୁ ଏକ୍ସପ୍ରେସ ଧର୍ମଗଡ଼ ଗଡ଼ିଆଯୋର କନ୍ଧାଖାଲ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣା ହୋଇଥିବା ଜଣାପଡିଛି। ଏଥିରେ ୩୫ ଜଣ ଗୁରୁତର ହୋଇଥିବା ବେଳେ ଧର୍ମଗଡ଼ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଓଆର୍ ୦୮ ଏମ୍ ୪୭୭୧ନମ୍ବରର ଏକ ପିକ୍‌ଅପ ଭ୍ୟାନ ବେହେରା ଗୁଡା, ପଳସପାଣି ଗ୍ରାମର ୩୫ ଜଣ ଶ୍ରମିକଙ୍କୁ ଧରି ଧର୍ମଗଡ ନିକଟତମ ତେନ୍ତୁଲିଆ ଗ୍ରାମକୁ ଧାନ ରୋଇବା ପାଇଁ ଯାଉଥିବା ବେଳେ କୌଣସି କାରଣବଶତଃ ଭାରସାମ୍ୟ ହରାଇ କନ୍ଧାଖାଲ ନିକଟରେ ଓଲଟି ପଡିଥିଲା। ସ୍ଥାନୀୟ ଲୋକ ଓ ପୋଲିସର ସହାୟତାରେ ସେମାଙ୍କୁ ଉଦ୍ଧାର କରାଯାଇ ଧର୍ମଗଡ ଡାକ୍ତର ଖାନା ନିଆଯାଇଛି। ତେବେ ସେଠାରେ ୧୨ଜଣଙ୍କ ସ୍ୱାସ୍ଥ୍ୟ ସଙ୍କଟ ଦେଖା ଦେବାରୁ ସେମାନଙ୍କୁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେ ବି ସଂକଟପୂର୍ଣ୍ଣ ଥିବା ବେଳେ ଭବାନୀପାଟଣାକୁ ସ୍ଥାନାନ୍ତର କରିବା ବ୍ୟବସ୍ଥା ଡାକ୍ତର ଖାନା କର୍ତ୍ତୃପକ୍ଷ ନେଉ ଥିବା ସୂଚନା ମିଳିଛି। ତେବେ ଧର୍ମଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ଫେରାର ମାରିଥିବା ଜଣାପଡିଛି। ତେବେ ଗାଡିଟି ସେମେଲା ଗ୍ରାମର ରାମ ଚଣ୍ଡୀ ବାଗଙ୍କ ହୋଇଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଯୋଗୁ ଏଭଳି ଘଟଣା ଘଟି ଥିବା ପ୍ରତ୍ୟକ୍ଷଦର୍ଶୀ କହନ୍ତି।

## ଆରଏସ୍‌ଏସ୍ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ୱାଧୀନତାର ୭୫ବର୍ଷ ବର୍ଷ ପୂର୍ତ୍ତୀ ଉପଲକ୍ଷେ ସାରା ଦେଶରେ ବିଭିନ୍ନ ସଂଗଠନ ତରଫରୁ ବିବିଧ କାର୍ଯ୍ୟକ୍ରମ କରାଯାଉଛି। କଳାହାଣ୍ଡି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିବିଧ କ୍ଷେତ୍ରର ସ୍ୱୟଂସେବକ ଓ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଭବାନୀପାଟଣା ସହରରେ ସାଇକଲ ଓ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସଂଘ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ପ୍ରମୁଖ ଛକଗୁଡ଼ିକ ଦେଇ ଗାନ୍ଧୀଛକରେ ପହଞ୍ଚିଥିଲା। ଏହି ଅବସରରେ ସ୍ୱୟଂ ସେବକ ଓ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସାମୂହିକ ବନ୍ଦେ ମାତରଂ ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକ୍ ଓ ପ୍ରମୁଖ ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ଓ ସାମୂହିକ ବନ୍ଦେ ମାତରଂ ସଙ୍ଗୀତ ଗାନ ଆଗାମୀ ଅଗଷ୍ଟ ପନ୍ଦର ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭାପତି ଜୟନାରାୟଣ ବାବୁ ସୂଚନା ଦେଇଛନ୍ତି।

## ଜଙ୍ଗଲ ଜମି ଜବରଦଖଲ ବିରୋଧରେ ତହସିଲ୍ ଘେରାଉ




ଜୁନାଗଡ଼, (ଭାସ୍କର ନ୍ୟୁଜ୍): ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ତେନ୍ତୁଲିପଡ଼ାବାସୀ ଆଜି ତହସିଲ ଅଫିସ ଘେରାଉ କରି ସରକାରୀ ଜଙ୍ଗଲ ଓ ଜମିକୁ ବେସରକାରୀ ଲୋକଙ୍କ କବ୍‌ଜାରୁ ଉଦ୍ଧାର ଦାବି କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଡ଼ୀଦର ପଞ୍ଚାୟତର ତେନ୍ତୁଲିପଡ଼ା ଗ୍ରାମର ରୋଗବଲା ନାଳ ନିକଟ ପଡ଼ିଆରେ ଗତ ୨୦୦୭/୦୮ ମସିହାରେ ୨୦ ଏକର ଜମିରେ ବନ ବିଭାଗ ପକ୍ଷରୁ ସାବୁନ ଗଛ ସହିତ ବିଭିନ୍ନ ପ୍ରକାର ଗଛ ଲଗା ଯାଇଥିଲା। ବର୍ତ୍ତମାନ ଏହି ଗଛ ୧୫ରୁ ୨୦ ଫୁଟ ଲମ୍ବ ହେଲାଣି। ହେଲେ ବାଙ୍କପଲାସ ଗ୍ରାମର ରାମଚନ୍ଦ୍ର ମାଝୀ ଓ ତେନ୍ତୁଲିପଡ଼ା ଗ୍ରାମର ଲମ୍ବୋଦର ଶବର ଦୁଇଜଣ ମିଶି ୨ ଏକର ଜାଗାରେ ଲାଗିଥିବା ମୂଲ୍ୟବାନ ଗଛ ଗୁଡିକୁ କାଟିବା ସହିତ ଜେସିବି ମେସିନ ଲଗାଇ ଜୋର ଜବରଦସ୍ତ ନୂତନ ଜମି ତିଆରି କରୁଛନ୍ତି। ଏନେଇ ଗତ ଜୁଲାଇ ୨୩ ତାରିଖରେ ଜୁନାଗଡ଼ ଥାନା ଅଧିକାରୀ ଓ ୨୫ ତାରିଖରେ ଜୁନାଗଡ଼ ରେଞ୍ଜର ଓ ତହସିଲଦାରଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏହି ଦୁଇଜଣଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ। ତେଣୁ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଆଜି ଜବରଦଖଲ ହୋଇଥିବା ୨ ଏକର ଜମିକୁ ଫେରାଇ ଆଣିବା ସହ ସେହି ସ୍ଥାନରେ ବୃକ୍ଷ ରୋପଣ କରାଯାଇ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା କରାଯିବା ସହିତ ୨ ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ନେଇ ଆଜି ତେନ୍ତୁଲିପଡ଼ା ଗ୍ରାମବାସୀ ଆଜି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରକ୍ଷା କମିଟିର ପଦ୍ମଲୋଚନ ନାଏକ, ପ୍ରଦ୍ୟୁମ୍ନ ନାଏକ, ମାଧବ ବାଗ, ଓ ବିଭିନ୍ନ ସଙ୍ଗଠନର ବିଶ୍ୱନାଥ କର, ସୁରେଶ ମାଝୀ, ଦାମୋଦର ବେହେରା, ଅକ୍ଷୟ ମେହେର ପ୍ରମୁଖ ସାମିଲ ଥିଲେ।

## ଦେକୋଟ ଯୋଗାଶ୍ରମରେ ଚତୁର୍ମାସ୍ୟା ବ୍ରତ, ପାରାୟଣ ଅନୁଷ୍ଠିତ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଦେକୋଟ ଗ୍ରାମ ନିକଟ ଛତରପୁର ବ୍ରହ୍ମଚାରୀ ସୁଧୀର ଚୈତନ୍ୟଙ୍କର ସ୍ୱାମୀ ରାମ ହିମାଳୟ ଯୋଗାଶ୍ରମଠାରେ ଏକ ଅଭିନବ ଚତୁର୍ମାସ୍ୟା ବ୍ରତ ଅନୁଷ୍ଠିତ ହେଉଛି। ଧର୍ସସିନ୍ଧୁ ଗ୍ରନ୍ଥ ଅନୁଯାୟୀ ଚତୁର୍ମାସ୍ୟା ବ୍ରତ ଧାର୍ମିକ ମଣିଷର ବାନପ୍ରସ୍ଥ ଅଟେ। ଏହି ନିୟମନୁସାରେ ବ୍ରତୀମାନେ ଗୃହ ତ୍ୟାଗ କରି ଚାରିମାସ ଜଙ୍ଗଲରେ ନିରାଡମ୍ବର ଭାବେର ଆହାର ସଂଯମ ପୂର୍ବକ ଦେବପୂଜନ, ଭଜନ, କୀର୍ତ୍ତନ, ହବନ ଓ ସନ୍ଥ ସେବା କରି ଚାରିମାସ ପର୍ଯ୍ୟନ୍ତ ପାଳନ କରୁଛନ୍ତି। କଳାହାଣ୍ଡି ଜିଲ୍ଲାର ଧାର୍ମିକ ପରମ୍ପରାର ଏହା ଏକ ନୂତନ ଯୁଗାନ୍ତକାରୀ ପଦକ୍ଷେପ। ଜ୍ୟୋତିର୍ବିଦ ବାସ୍ତୁଶାସ୍ତ୍ର ବିଶାରଦ ବ୍ରାହ୍ମଣ୍ୟ କର୍ମକାଣ୍ଡି ପଣ୍ଡିତ ମଧୁସୂଦନ ପୁରୋହିତଙ୍କ ଗଭୀର ଇଚ୍ଛା ଶକ୍ତି ଓ ଆନ୍ତରିକ ଉଦ୍ୟମ ଫଳରେ ଆଜି ଏଠି ଚତୁର୍ମାସ୍ୟା ବ୍ରତର ଶୁଭାରମ୍ଭ ହୋଇଯାଉଛି। ଏହି ବ୍ରତ ଅନୁଯାୟୀ ଅଷ୍ଟାଦଶ ପୁରାଣ ପାରାୟଣ ପ୍ରତ୍ୟେହ ବ୍ରହ୍ମ ମୁହୂର୍ତ୍ତରେ ଭକ୍ତମାନେ ନିତ୍ୟକର୍ମ ସାରି ପ୍ରଥମେ ସୂର୍ଯ୍ୟଦେବତା, ଗୋମାତା, ଭୂମି, ଦ୍ୱାରପାଳ, ବୈଷ୍ଣବ ପୂଜନ କରାଯାଇଥାଏ। ପୁଣି ଅପରାହ୍ନରେ ପୁରାଣ ପାରାୟନ ସାରି ଲକ୍ଷ୍ମୀ ନାରାୟଣଙ୍କୁ ଚନ୍ଦନ କାଠ, ପଦ୍ମନାଭରେ ବହନ ଆହୁତି ସମାପ୍ତ ପରେ ସନ୍ଧ୍ୟାରେ ସାଧୁସନ୍ଥମାନଙ୍କ ପକ୍ଷରୁ ପ୍ରବଚନ ଶୁଣିଥାନ୍ତି। ଏମିତି ପ୍ରତ୍ୟେକ ଦିନ ଭକ୍ତମାନେ ରୀତିନୀତି ଅନୁସାରେ ଚାରିମାସ ଧରି ପୂଜାର୍ଚ୍ଚନା କରୁଛନ୍ତି। ଏଥିରେ ପୂଜକ ଭାବରେ ଗୋପାଳ ଜି ଠାକୁର ଥିବା ବେଳେ ବ୍ରହ୍ମ ଭାବରେ ନଳିନୀ କାନ୍ତ ପଡପଣ୍ଡା (ଆରଣ୍ୟକ ବ୍ରାହ୍ମଣ ସମାଜ ସ୍ଥାୟୀ ସଭାପତି ) କର୍ତ୍ତା ମଧୁସୂଦନ ପୁରୋହିତ ବ୍ୟାସ ସୁନୀଲ କୁମାର ପଣ୍ଡା, ସହ ୧୮ ଜଣ ଦମ୍ପତି ସଂକଳ୍ପ ନେଇ ବ୍ରତୀ ହୋଇଛନ୍ତି। ଏହି ଚତୁର୍ମାସ୍ୟା ବ୍ରତର ସଫଳ ଆୟୋଜନରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ସହଯୋଗ ପ୍ରଶଂସନୀୟ। ଏହି ଅନୁଷ୍ଠାନକୁ ୩ ଲକ୍ଷ ଟଙ୍କା ଦେଇ ଏକ ଅତିଥି ଗୃହ ନିର୍ମାଣ କରାଇ ଥିବାରୁ ସ୍ଥାନୀୟ ଅଞ୍ଚଳ ଓ କମିଟି ପକ୍ଷରୁ ତାଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଜୟପାଟଣା/କୋକସରା, (ଭାସ୍କର ନ୍ୟୁଜ୍): ଚଳିତ ମାଟ୍ରିକ ପରୀକ୍ଷାରେ କୋକସରା ବ୍ଲକର ୨୦୨୨ ମାଟ୍ରିକ ଟପ୍ପର ଛାତ୍ରଛାତ୍ରୀଙ୍କୁ ବୁଧବାର ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ଯୁଥ ଅର୍ଗାନାଇଜେସନ ଟ୍ରଷ୍ଟ ମୁଦ୍ରାଗୁଡା, ଦଣ୍ଡପାଟ ଯୁବ ସେବା ସଙ୍ଗଠନ ବେହେରା, ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ଧର୍ମଗଡର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପ୍ରଫେସର ଭୁବନେଶ୍ୱର ଟ୍ରଷ୍ଟର ଜିଲ୍ଲା ସଂଯୋଜକ ବସନ୍ତ ନାଏକ, ଦଣ୍ଡପାଟ ଯୁବ ସେବା ସଙ୍ଗଠନର ସଦସ୍ୟ ରଜତ କୁମାର ବଂଶଲ, କୋକସରା ବ୍ଲକ ଶିକ୍ଷା ଅଧିକାରୀ ନେମାଲ ଚନ୍ଦ୍ର ବାଗ, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଲଡୁଗାଁ ଜିତେନ୍ଦ୍ର କୁମାର ଜେନା କୋକସରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ରହି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଟପ୍ପର ୨୧ ଉଚ୍ଚ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତର କାମନା କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଶିକ୍ଷକ ବୁଦ୍ଧିରାମ ନାଏକ କରିଥିବା ବେଳେ ପ୍ରଫେସର ଭୁବନେଶ୍ୱର ବେହେରା ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦଣ୍ଡପାଟ ଯୁବ ସଙ୍ଗଠନର ଭିକାରୀ ଚରଣ ଗୋପାଳ, ଭଜବଲ ନାଏକ, ସୁଶିଳ ଚନ୍ଦ୍ର ନାଗ, ରିଙ୍କୁ ବିଶି, ସଂଜୟ ଅଗ୍ରୱାଲ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍‌ଘାଟିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲ ପରିସରରେ '୫-ଟି' ଅଧୀନରେ ରୂପାନ୍ତରିତ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ହାଇସ୍କୁଲର ଶିକ୍ଷକଙ୍କୁ ନେଇ ସପ୍ତମ ପର୍ଯ୍ୟାୟ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍ଘାଟିତ ହୋଇଛି। ପାଞ୍ଚ ଦିନିଆ ଏହି କର୍ମଶାଳାକୁ ଏଡିଇଓ ଟେମଲାଲ ଦୁବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡିଇଓ ସୁଶାନ୍ତ ଚୋପଦାର ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ନିଶଙ୍କ, ନର୍ଲା ବିଇଓ ତପିମଣି ଜାନୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଙ୍ଗୀତା ମହାନ୍ତି, ବରିଷ୍ଠ ଶିକ୍ଷକ ରବି କାନୁନଗୋ, ପେଡାଗୋଜି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ, ପ୍ରୋଗ୍ରାମର୍ ସୌମେନ୍ଦ୍ର ପଟ୍ଟନାୟକ, ପ୍ରଭାତ ସାହୁ, ଲଳିତ ମୋହନ, ସିଆରସିସି ଅଜିତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଦ ହଜାଇଛି ଅଜଣା ଭୟ

# ସୁରକ୍ଷା ପାଇଁ ଦାବିପତ୍ର ଦେଲେ ଗ୍ରାମବାସୀ




ଜୟପାଟଣା, (ଭାସ୍କର ନ୍ୟୁଜ୍): ବିଗତ କିଛିଦିନ ହେବ କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ଚୋର, ଡକାୟତ ଅଜଣା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉତ୍ପାତ ନେଇ ବିଭିନ୍ନ ଗ୍ରାମରୁ ଖବର ଆସୁଥିବା ବେଳେ ଲୋକଙ୍କ ଆଖିରୁ ନିଦ ଓ ମନରେ ଅଜଣା ଭୟ ଘର କରି ସାରିଲାଣି। ଅନ୍ୟପଟେ ପ୍ରତିଦିନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଚୋରି, ଡାକାୟତି, ପିଲାଚୋର ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଗାଁ ଗାଁ'ରେ ବୁଲୁଥିବା ଗୁଜବ କାରଣରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥିତି ଏପରି ହେଲାଣି କି ସନ୍ଧ୍ୟା ହେବା ପରେ ଗାଁ ଗାଁରେ ତାଟି କବାଟ ପଡି ଯାଉଛି। ପ୍ରତି ଗ୍ରାମାଞ୍ଚଳରେ ଅଜଣା ଭୟରେ ରାତି କାଟୁଛନ୍ତି ଗ୍ରାମବାସୀ। ପ୍ରତି ଗାଁ ଗଣ୍ଡାରେ ଯୁବକ ଓ ଗ୍ରାମବାସୀମାନେ ଠେଙ୍ଗା ବାଡ଼ି ଧରି ରାତି ରାତି ଅନିଦ୍ରା ରହି ଗାଁରେ ପହରା ଦେଉଛନ୍ତି। ତେବେ କୋକସରା ଓ ଆମପାଣି ପୋଲିସ ପକ୍ଷରୁ ମଧ୍ୟ ପେଟ୍ରୋଲିଂ ଜାରି ରହିଛି। ତେବେ ପୁଲିସ କର୍ମଚାରୀ ଅଭାବ କାରଣରୁ ସମସ୍ତ ଅଞ୍ଚଳକୁ ପୁଲିସ ପାଟ୍ରୋଲିଂ ଦେବାରେ ଅକ୍ଷମତା ଦେଖିବାକୁ ମିଳିଛି। ଯାହାକୁ ନେଇ ବର୍ତ୍ତମାନ ପରିସ୍ଥିତିରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହାକୁ ନେଇ ଗୁରବାର ମୋଟେର ଫାଣ୍ଡି ଅଧୀନରେ ଥିବା ଘୁମେରଗୁଡା ମାଝୀପଡା ଗ୍ରାମର ଚିତ୍ତରଞ୍ଜନ ମାଝୀ, ପ୍ରଦ୍ୟୁନ୍ନ ମାଝୀ, ମହାଦେବ ବାଗ, ବାଳ ମୁକୁନ୍ଦ ସିଂ, ମଧୁ ଧଙ୍ଗଡା ମାଝୀ, ଯଥାମଣି ଦୁର୍ଗା, ଗୋପବନ୍ଧୁ ସିଂ, ସଞ୍ଜୟ ସିଂ, ଆଦିତ୍ୟ ହଂସ, ରମେଶ ସିଂ, ନିଳାମ୍ବର ଚଣ୍ଡି, ରମେଶ କୁମାର ପଣ୍ଡା, ମୋହନ ବାଗ, ରାଜେନ୍ଦ୍ର ସିଂ, ପଦୁ ଗହୀର, ଦୟାନିଧି ସିଂ, ସୁଜିତ କୁମାର ସିଂ, ପବିତ୍ର ଚଣ୍ଡି, କ୍ଷୀରସିନ୍ଧୁ ହଂସ, ପିତାମ୍ବର ବିଶି ସମେତ ଶତାଧିକ ମହିଳା ପୁରୁଷମାନେ ମୋଟେର ଫାଣ୍ଡିରେ ପହଞ୍ଚି ନିଜ ଗ୍ରାମକୁ ଚୋର ଡକାୟତଙ୍କଠାରୁ ଧନ ଜୀବନକୁ ସୁରକ୍ଷା ସହ କଡାକଡି ପୁଲିସ ପାଟ୍ରୋଲିଂ କରିବା ପାଇଁ ଦାବି କରିଛନ୍ତି। ଲିଖିତ ଦାବିପତ୍ର ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟଙ୍କୁ ଦେଇଥିବା ଜଣାପଡିଛି। ଜିଲ୍ଲା ପୁଲିସ ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅଜଣା ଭୟରେ ରାତି କାଟୁଥିବା ଜନସାଧାରଣଙ୍କୁ ସୁରକ୍ଷା ଦେବାସହ ପେଟ୍ରୋଲିଂ କଡାକଡି କରିବାକୁ କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରୁ ଦାବି କରିଛନ୍ତି ଗ୍ରାମବାସୀମାନେ। ଏନେଇ ଧର୍ମଗଡ ଉପଖଣ୍ଡ ପୁଲିସ ଅଧିକାରୀ ଧିରଜ କୁମାର ଚୋପଦାରଙ୍କ ପ୍ରତିକ୍ରିୟା ନେବାରୁ ପୁଲିସ ପ୍ରଶାସନ ପକ୍ଷରୁ ପେଟ୍ରୋଲିଂ ଜାରି ରହିଛି। ଘୁମେରଗୁଡା ମାଝୀପଡା ପାଇଁ ପାଟ୍ରୋଲିଂ କରାଯିବ। କୋକସରା ଥାନା ଅଧୀନରେ ଥିବା ଗ୍ରାମ ଗୁଡିକରେ ବିଭିନ୍ନ ଟିମ କରି ପେଟ୍ରୋଲିଂ କରାଯାଉଛି। ପୁଲିସ ଅଧିକାରୀଙ୍କ ମୋବାଇଲ ନମ୍ବର ଦିଆଯାଇଛି। କୌଣସି ସନ୍ଦିଗ୍ଧଙ୍କ ଖବର ପାଇଲେ ତୁରନ୍ତ ଜଣାଇବାକୁ ସଚେତନ କରାଯାଇଛି। ପୁଲିସ ସଜାଗ ଅଛି ବୋଲି କହିଛନ୍ତି।

## ରାଶିଫଳ

ଶନିବାର, ୬ ଅଗଷ୍ଟ ୨୦୨୨



**ମେଷ:** ଶତ୍ରୁମାନେ ମୁଣ୍ଡ ନୂଆଇଁବେ। ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଆପଣଙ୍କର ଭୂଷଣହେବ। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ। ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍।



**ବୃଷ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ। ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି।



**କର୍କଟ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ହସଖୁସିରେ ସମୟ ବିତାଇବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ।



**ସିଂହ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ। ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ। ଆତ୍ମୀୟ ମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ।



**ତୁଳା:** କଳା, ସାହିତ୍ୟ, କ୍ରିଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ। କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ରତ ହେବେ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କାର୍ଯ୍ୟ କ୍ଷେତ୍ରରେ ସୁଖଶାନ୍ତି ବୃଦ୍ଧି ହେବ। ବାଦବିବାଦ, ମାଲିମୋକଦ୍ଦମା, ଖେଳ, କୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ। ରାଜନୀତିରେ ସଫଳତା ମିଳିବ, କର୍ମକ୍ଷେତ୍ରଟି ସୁଦୃଢ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ। ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ। ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସେୟାର ବଜାରରେ ମୁନାଫା ମିଳିବ ଓ ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ। ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ। ପାରିବାରିକସ୍ଥିତି ସାମାନ୍ୟ ବଦଳିବା ଯୋଗେ ଶାନ୍ତି ପାଇବେ। ଦୂରଯାତ୍ରାର ସୁଯୋଗ ମିଳିବ।



**ମକର:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଭ୍ରମଣ, ରାଜନୀତି, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ। ଉଚିତ୍ ପନ୍ଥା ଗ୍ରହଣ ନକଲେ ନିଜ ଲୋକମାନେ ମନମୋଟିଆ ହେବେ। ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅଧିନସ୍ଥ ଘୋଷଦା ପଞ୍ଚାୟତର ଚଡେଇଭୋଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ୩ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ରନାଥ ବାରିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୁରାତନ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହମ୍ମଦ ଜାହିର ଆବାସ୍ ଏବଂ ଘୋଷଦା ସର୍କଲର ସିଆର୍‌ସିସି ନିର୍ମଳ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତି ଲାଗି ସମସ୍ତଙ୍କର ସହଯୋଗ ଦରକାର ବୋଲି ମତବ୍ୟକ୍ତ ରଖିଥିଲେ। ନୂତନ ଭାବେ ନିଯୁକ୍ତି ପାଇଥିବା ହିନ୍ଦୀ ଶିକ୍ଷୟିତ୍ରୀ ଅଞ୍ଜନା ମହାନ୍ତ, ସଂସ୍କୃତ ଶିକ୍ଷୟିତ୍ରୀ କବିତା ନାଏକ ଏବଂ କ୍ରୀଡା ଶିକ୍ଷୟିତ୍ରୀ ଶ୍ୱେତପର୍ଣ୍ଣା ନାଏକ ଶିକ୍ଷାଦାନ କ୍ଷେତ୍ରରେ ନିଜ ନିଜର ମତ ପ୍ରଦାନ କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଇଂରାଜୀ ଶିକ୍ଷକ ସୁଶାନ୍ତ କୁମାର ମହାନ୍ତ ଅତିଥି ପରିଚୟ କରାଇଥିଲେ। ଉପସ୍ଥିତ ଥିବା ଅନ୍ୟ ଶିକ୍ଷୟିତ୍ରୀ ସଂଘମିତ୍ରା ଦେହୁରୀ, ସୁପ୍ରଭା ମଣ୍ଡଳ, ନଳିନୀପ୍ରଭା ପାଠୀ, ଶିକ୍ଷକ ଅରବିନ୍ଦ ଶର୍ମା ଏବଂ ଭୀଷ୍ମ ନାରାୟଣ ଗିରି ପ୍ରମୁଖ ନବାଗତଙ୍କୁ ସହଯୋଗ କରିବେ ବୋଲି ମତପ୍ରକାଶ କରିଥିଲେ।



## ଯୁବକଙ୍କୁ ଆକ୍ରମଣ: ୨ ଗିରଫ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ହରି ଡ଼ାଖଣ୍ଡି ଆନନ୍ଦମାର୍ଗ ସାହିଠାରେ ଜଗବନ୍ଧୁ ସାହିର ସୁନୀଲ ସେଠୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶାନ୍ତି ନଗର ଦ୍ୱିତୀୟ ଲାଇନର କୃଷ୍ଣ ସାହୁ ଓରଫ ଚଇ ଓ ତୃପ୍ତିନଗର ତୃତୀୟ ଲାଇନର ବାବୁଲା ବେହେରା। ସେମାନଙ୍କ ନିକଟରୁ ପୋଲିସ ମାରାଣା ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରଣ ହୋଇଥିବା ହାତ ତିଆରି ବୋମା ଟୁକୁଡ଼ା ଜବତ କରିଛି। ସୂଚନାଯୋଗ୍ୟ ଯେ ଗତ ୨ ତାରିଖ ସନ୍ଧ୍ୟାରେ ବଡ଼ ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିର ସୁନୀଲ ସେଠୀ ନିଜ କାମ ସାରି ଘରକୁ ଫେରୁଥିବା ବେଳେ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ହରିଡ଼ାଖଣ୍ଡି ଆନନ୍ଦ ମାର୍ଗ ସାହି ନିକଟରେ ଅଭିଯୁକ୍ତ ଚଇ ଏବଂ ବାବୁଲା ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ସୁନୀଲ ଓରଫ ଥାପା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ଆଖିରେ ଲଙ୍କା ଗୁଣ୍ଡ ପକାଇ ଦେଇଥିଲେ। ପରେ ଜୀବନରୁ ମାରିଦେବା ପାଇଁ ବୋମା ବିସ୍ଫୋରଣ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ବଡ ବଜାର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହାତ ସୁନୀଲଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମେଡ଼ିକାଲ ପଠାଇଥିଲା। ପରେ ତାଙ୍କ ଅଭିଯୋଗ କ୍ରମେ ପୋଲିସ କେସ ନଂ ୧୯୩ / ୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ପୁଲିସ ମାରାଣା ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରଣ ହୋଇଥିବା ହାତ ତିଆରି ବୋମା ଟୁକୁଡ଼ା ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଗତ ଜୁନ ୫ ତାରିଖରେ ଲକ୍ଷ୍ମୀନୃସିଂହ ସାହି ଚତୁର୍ଥ ଲାଇନସ୍ଥିତ ମିଟୁ ଜେନେରାଲ ଷ୍ଟୋର ପାଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୃଷ୍ଣସାହୁ ଓରଫ୍ ଚଇଙ୍କ ମୁଣ୍ଡ ଏବଂ ହାତକୁ ଖଣ୍ଡାରେ ହାଣିଥିବା ଅଭିଯୋଗରେ ଜଗବନ୍ଧୁ ସାହିର ସୁନୀଲ ସେଠୀ ଓ ଧର୍ମନଗରର ଜଗା ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ଦିନ ଜେଲରେ ରହିବା ପରେ ଉଭୟ ବେଲ ଫେରିଥିଲେ। କିନ୍ତୁ ଚଇ ଏହି ଘଟଣା ଭୁଲି ନଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ସୁନୀଲ ବେଲରେ ଆସିବା ଦିନ ଠାରୁ ଚଇ ସୁଯୋଗକୁ ଅପେକ୍ଷା କରିଥିଲା। ସୁଯୋଗ ଦେଖି ଚଇ ଏବଂ ବାବୁଲା ଅଗଷ୍ଟ ୨ତାରିଖରେ ହରିଡ଼ାଖଣ୍ଡି ଆନନ୍ଦ ମାର୍ଗ ସାହିଠାରେ ସୁନୀଲଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବା ନିମନ୍ତେ ବୋମା ବିସ୍ଫୋରଣ ମଧ କରିଥିଲେ। ଏଥିରେ ସୁନୀଲ ଆହତ ହୋଇଥିଲେ। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

## ଚୋରା କାଠ ଜବତ, ଘର ମାଲିକ ଫେରାର



ପୋଲସରା, (ଭାସ୍କର ନ୍ୟୁଜ): ବନବିଭାଗର ସ୍ଥାନୀୟ କର୍ମଚାରୀମାନେ ଆଜି ପୋଲସରା ବ୍ଲକର ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଛଞ୍ଚାଣିଆ ପଲ୍ଲୀ ଗ୍ରାମର ଗୋଟିଏ ଗୁହାଳ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରା କାଠ ପଟା ଜବତ କରିଛନ୍ତି। ବନପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୌଣସି ସୁତ୍ରରୁ ଖବର ପାଇ ଆଜି ବନ ବିଭାଗ କର୍ମଚାରୀମାନେ ଛଞ୍ଚାଣିଆ ପଲ୍ଲୀ ଗ୍ରାମର ସୁରତ ଖଣ୍ଡୁଆଳଙ୍କ ଏକ ଗୁହାଳ ଘର ଉପରେ ଚଢ଼ଉ କରିଥିଲେ। ଏବଂ ସେଠାରେ ଲୁଚାଇ ରଖିଥିବା ବିପୁଳ ପରିମାଣର ଶାଗୁଆନ, ଶାଳ ଓ ଅନ୍ୟ କାଠ ପଟା ଜବତ କରିଥିଲେ। ଜବତ କାଠ ପଟାର ପରିମାଣ ୯୬ ଘନଫୁଟ ଏବଂ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଚଢ଼ଉ ସମ୍ପର୍କରେ ସୂଚନା ପାଇବା ପରେ ଗୁହାଳ ଘର ମାଲିକ ତଥା ଚୋର କାଠ ବ୍ୟବସାୟୀ ସୁରତ ଖଣ୍ଡୁଆଳ ଫେରାର ହୋଇଯାଇଛନ୍ତି। ତାଙ୍କୁ ଯଥା ଶୀଘ୍ର ଗିରଫ କରାଯିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି।

## ପାନ ବଜାରରେ ମାନ୍ଦାବସ୍ଥା ଚିନ୍ତାରେ ବରଜି



କାକଟପୁର, (ଭାସ୍କର ନ୍ୟୁଜ): ପାନ ଏକ ଅର୍ଥକାରୀ ଫସଲ ହୋଇଥିବାରୁ କାକଟପୁର ବ୍ଲକରେ ନିମ୍ନ ମଧ୍ୟବିତ୍ତ ଓ ମୂଳିଆ ଶ୍ରେଣୀର ପରିବାର ଏହା ମାଧ୍ୟମରେ ପରିବାର ପ୍ରତିପୋଷଣ କରନ୍ତି।ପାନବରଜ ଦ୍ୱାରା ଦୈନିକ ୩/୪ଜଣ ଶ୍ରମିକ କାମଧନ୍ଦା ପାଇ ନିଜର ଗୁଜୁରାଣ ମେଣ୍ଟାନ୍ତି। କିନ୍ତୁ ଆଜି ସେଇ ପାନରେଟରେ ନିଆଁ ଲାଗି ଯିବାରୁ ବରଜି ଘରଦ୍ୱାର ପିଲାଛୁଆ ଛାଡି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାପାଇଁ ଗାଡିଭଡା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀରୁ ଋଣ ନେଇ ଘର ଛାଡିଲେଣି। ସରକାର ପାନ ବରଜ ପାଇଁ ବ୍ଲକର ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ରିହାତି ମୂଲ୍ୟରେ ଋଣ ଉପଲବ୍ଧ କରାଉଥିଲେ ମଧ ଅସମୟରେ ଷ୍ଟୋରେଜ କରିବା ପାଇଁ କୋଲଷ୍ଟୋରର ବ୍ୟବସ୍ଥା କରି ନାହାନ୍ତି।ପାନ ବେପାରୀ ମର୍ଜି ଉପରେ ପାନର ରେଟ ନିର୍ଭର କରୁଛି। ଧାନ ରେଟଭଳି ସରକାର ପାନର ରେଟ ନିର୍ଦ୍ଧାରଣ କରି ବଜାର ସୃଷ୍ଟି କଲେ ବରଜିଙ୍କୁ ଉପଯୁକ୍ତ ଦାମ ମିଳିପାରିବ ବୋଲି କେତେକ ବରଜି କହନ୍ତି। ମାନ୍ଦାବସ୍ଥା ସମୟରେ ଚାଷୀପାନ ପଣ ୧୦୦୦/-ଟଙ୍କାକୁ ୩୦ରୁ୫୦ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ରାଜ୍ୟରେ ଅନିୟମିତତା ବର୍ଷା ସାଙ୍ଗକୁ କେନାଲରେ ଚାଷ ପାଇଁ ଯେତିକି ପାଣି ଦରକାର ସେହି ପରିମାଣରେ ପାଣି ନ ଆସିବା, ଅନ୍ୟ ପଟେ ପାନର ରେଟ ନହେବା, ମହଙ୍ଗା ବଜାରରେ ପରିବାର ପ୍ରତିପୋଷଣ ନକରି ପାରି କି ବୟସ୍କ କି ଯୁବକ ସମସ୍ତେ ଘର ଛାଡି ଦାଦନ ଖଟିବାକୁ ବିଦେଶ ମୁହାଁ ହେଲେଣି।ଏଭଳି ସମସ୍ୟା ର ସମାଧାନ ପାଇଁ କାକଟପୁର ବ୍ଲକର ପାନଚାଷ ଅଞ୍ଚଳରେ ମାନ୍ଦାବସ୍ଥା ସମୟରେ ପାନକୁ ଷ୍ଟୋରେଜ କରିବା ପାଇଁ ୧/୨ଟି କୋଲଷ୍ଟରର ଆବଶ୍ୟକତାକୁ ଦୃଷ୍ଟି ଦେବା ସହ ଉପର ମୁଣ୍ଡରୁ କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ କେନାଲରେ ପର୍ଯ୍ୟପ୍ତ ପାଣି ଯୋଗାଇ ଦେବାର ବନ୍ଦୋବସ୍ତ କରିବାକୁ ସ୍ଥାନୀୟ ବରଜୀ ଓ କୃଷକ ସଙ୍ଗଠନ ଗୁଡିକ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକଙ୍କ ନିକଟରେ ଦାବି କରିଛନ୍ତି।

## ସାର ଅଭାବ ନେଇ କରଞ୍ଜିଆ ଲ୍ୟାମ୍ପରେ ଭିଡ଼



କରଞ୍ଜିଆ, (ଭାସ୍କର ନ୍ୟୁଜ):କରଞ୍ଜିଆ ବ୍ଲକରେ ଦେଖାଦେଇଛି ସାର ସଂକୋଟ ଆବଶ୍ୟକ ପରିମାଣରେ ଇୟୁରିଆ ସାର ମିଳୁ ନଥିବାରୁ ଚାଷୀ ହଇରାଣ ହେଉଥିବା ଦେଖାଦେଇଛି। ସାରର ଅଭାବ ଦେଖି କେତେକ ଓସାଧୁ ବ୍ୟବସାଇ ଏହାର ଫାଇଦା ନେବାରେ ବ୍ୟସ୍ତ। ଗୋଟିଏ ୟୁରିଆ ସାରବସ୍ତା ନେଲେ ଗୋଟିଏ ନାନ ନେବାକୁ ଚାଷୀଙ୍କୁ କୁହାଯାଉଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ତେବେ କରଞ୍ଜିଆ ଲେମ୍ପସରେ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ନିମନ୍ତେ ୨୩୭୪ ଚାଷୀ ଫୋର୍ମ ନେଇଛଅନ୍ତି ହେଲେ ଲେମ୍ପସକୁ ୧୪୧୯ ବସ୍ତା ଇୟୁରିଆ ଆସିଛି ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଇଉରୀୟ ସାରର ଦାମ ସରକାରୀ ହିସାବରେ ବସ୍ତାପ୍ରତି ୨୬୬.୫୦ ଥିବାବେଳେ ଖୋଲା ବଜାରରେ ଏହାର ମୂଲ୍ୟ ୫୦୦/୬୦୦ ପର୍ଯ୍ୟନ୍ତ ବିକ୍ରି ହେଉଛି ଯୋଉଥିରେ ଚାଷୀ ହତାଶ ହେପଡୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ନଜର ରଖି ପଦକ୍ଷେପ ନେବାକୁ ଚାଷୀ ସମାଜର ଦାବି।

## ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ହାଇକୋର୍ଟଙ୍କ ରହିତାଦେଶ

ବାଲିପାଟଣା, (ଭାସ୍କର ନ୍ୟୁଜ): ବାଲିପାଟଣା ପ୍ରଶାସନ ତରଫରୁ ଅଠାନ୍ତର ଗ୍ରାମପଞ୍ଚାୟତର କାର୍ଯ୍ୟାଳୟ ଗୃହ ଅଠାନ୍ତର ଗ୍ରାମରେ ନିର୍ମାଣ ହେବା ନିଷ୍ପତ୍ତିକୁ ନେଇ ଗତକାଲି ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ନିର୍ମାଣକୁ ବିରୋଧ କରି ନବ ନିର୍ବାଚିତ ଅଠାନ୍ତର ଗ୍ରାମପଞ୍ଚାୟତ ସରପଞ୍ଚ ଅଜିତ୍ କୁମାର ମହାନ୍ତିଙ୍କ ସହିତ ଏହି ପଞ୍ଚାୟତର ବାସିନ୍ଦା ଦୁଇ ଦୁଇଥର ବ୍ଲକ୍ ଘେରଉ କରିବା ସହିତ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସରପଞ୍ଚଙ୍କ ପକ୍ଷରୁ ଆଇନଜୀବୀ ତାପସ କୁମାର ଆଚାର୍ଯ୍ୟ କେସ୍ ଲଢୁଥିବା ସୂଚନା ମିଳିଛି। କିନ୍ତୁ ଅନ୍ୟ ପଟେ ବାଲିପାଟଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରାଙ୍କ କହିବା ମୁତାବକ ଅଠାନ୍ତର ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଧାର୍ଯ୍ୟ କରାଯାଇଥିବା ବୃହତ୍ ଜନସଂଖ୍ୟା ବିଶିଷ୍ଟ ରାଜସ୍ୱ ଗ୍ରାମର ମୌଜା ଅଠାନ୍ତର ଖାତା ନମ୍ବର ୩୨୯ ପ୍ଲଟ୍ ନଂ-୬୪ ସମସ୍ତ ସରକାରୀ ନିୟମ ଅନୁଯାଇ ଅନୁମୋଦନ କରାଯାଇଅଛି ଏଥିରେ କୌଣସି ସରକାରୀ ନିୟମ ଉଲଘଂନ କରାଯାଇ ନାହିଁ ଏବଂ ସରପଞ୍ଚଙ୍କ ଏହି ନିର୍ମାଣ ବିରୋଧୀ ଧାରଣା ଆଇନ୍ ସମ୍ମତ ନୁହେଁ। ଅନୁମୋଦନ ପ୍ରାପ୍ତ ସ୍ଥାନଟି ଉକ୍ତ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମକୁ ସଂଯୋଗ କରୁଥିବା ନେଇ ଗୋଷ୍ଠୀ ଉନୟନ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ଗାରେଡିପାଞ୍ଚଣ ଗ୍ରାମ ପଞ୍ଚାୟତରୁ ଭାଗ ହୋଇ ଅଠାନ୍ତର ଗ୍ରାମ ପଞ୍ଚାୟତ ହୋଇଥିଲେ ମଧ ଏହାର ନିଜସ୍ୱ କୌଣସି କାର୍ଯ୍ୟାଳୟ ଗୃହ ନଥିବାରୁ ଦୀର୍ଘଦିନ ଧରି ଗାରେଡିପାଞ୍ଚଣ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବରେ ଚାଲୁଅଛି ସେଥିପାଇଁ ଅଠାନ୍ତର ଗ୍ରାମ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଭିଯୋଗ ହୋଇ ଆସୁଅଛି। ହାଇକୋର୍ଟର ଏହି ରହିତାଦେଶ ଅଠାନ୍ତର ପଞ୍ଚାୟତ ଗୃହ ନିର୍ମାଣ ଅନିଶ୍ଚିତତା ଆଡକୁ ଗତି କରିପାରେ ବୋଲି ସ୍ଥାନୀୟ ବାସିନ୍ଦା ଆଶଙ୍କା ପ୍ରକାଶ କରିଛନ୍ତି।

## ଚିକିତ୍ସା ଅବହେଳାରୁ ଆଖି ବୁଜିଲା ଶିଶୁ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଢେଙ୍କାନାଳ, (ଭାସ୍କର ନ୍ୟୁଜ):ରାଜ୍ୟରେ ସ୍ୱାସ୍ଥ୍ୟର ଉନ୍ନତି ଓ ସରକାରୀ ଡାକ୍ତରଖା ମାନଙ୍କରେ ଔଷଧ ଠାରୁ ବିଭିନ୍ନ ପରୀକ୍ଷା ଆଦି ମାଗଣା କରାଇ କିପରି ଉତମ ଚିକିତ୍ସା ମିଳିବ ଏଥିପାଇଁ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ମାତ୍ର ଏପଟେ ଜିଲ୍ଲା ସ୍ତରରେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗଲେ ରୋଗୀଙ୍କୁ ଚିକିତ୍ସାତ ମିଳୁନି ରୋଗୀଟି ଚିକିତ୍ସା ଅଭାବରୁ ପ୍ରାଣ ହରାଇବାକୁ ପଡୁଛି। ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏପରି ଘଟଣା ବାରମ୍ବାର ଘଟିଚାଲିଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନର ଅଙ୍କୁଶ ନ ଲାଗିବା ଯୋଗୁ ଚିକିତ୍ସାଳୟରେ ଚିକିତ୍ସା ଅଭାବରୁ ଶିଶୁ ମୃତ୍ୟୁ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ଗତ ଦୁଇ ଦିନ ପୂର୍ବେ ଏପରି ଅଭିଯୋଗ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଣି ଚିକିତ୍ସା ଅବହେଳାରୁ ଜଣେ ଶିଶୁର ମୃତ୍ୟୁ ଘଟଣାର ପୁନରାବୃତ୍ତି ଘଟିଛି। ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଏକ ମାସର ଶିଶୁ ମିଳିଲାନି ଚିକିତ୍ସା। ଫଳରେ ଏହି ଶିଶୁଟି ପ୍ରାଣ ହରାଇଥିବା ଜଣାପଡିଛି। ମୃତ ଶିଶୁଟି ସଦର ଥାନା ଅନ୍ତର୍ଗତ ସିମିନଇ ଗ୍ରାମର ଦିଲ୍ଲୀପ ସିଂଙ୍କର ଏକ ମାସର ଶିଶୁପୁତ୍ର ବୋଲି ଜଣାପଡିଛି। ଏ ସମ୍ପର୍କରେ ଢେଙ୍କାନାଳ ଟାଉନ ଥାନାରେ ଚିକିତ୍ସା ଅବହେଳାକୁ ନେଇ ପରିବାର ପକ୍ଷରୁ ଏକ ଏତଲା ଦିଆଯାଇଥିବା ଜଣାପଡିଛି। ଗତକାଲି ସନ୍ଧ୍ୟାରେ ଏହି ଶିଶୁକୁ ଚିକିତ୍ସା ପାଇଁ ତାଙ୍କ ପରିବାର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତରଖାନାରେ ଶିଶୁ ବିଶେଷଜ୍ଞ ନ ଥିବା ଆଳରେ ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଶିଶୁକୁ ଫେରାଇ ଦେଇଥିଲେ। ପରେ ଡାକ୍ତରଖାନର ନିଯୁକ୍ତ ଡାକ୍ତର ଘରୋଇ କ୍ଲିନିକରେ ଥିବା ଖବର ପାଇ ଶିଶୁକୁ ପରିବାର ପକ୍ଷରୁ ସେଠାକୁ ନିଆ ଯାଇଥିବା ବେଳେ ସେଠାରୁ ଡାକ୍ତର ତାଙ୍କୁ ଡାକ୍ତରଖାନୀ ନିଅ କହିବାରୁ ଶିଶୁଟିର ଚିକିତ୍ସାରେ ବହୁ ବିଳମ୍ବ ହୋଇଥିଲା। ଫଳରେ ଶିଶୁର ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ତେବେ ଶିଶୁଟିକୁ ଚିକିତ୍ସା ନ ମିଳିବାରୁ ପ୍ରାଣହାନୀ ଘଟିଛି ଓ ଚିକିତ୍ସା ଅବହେଳାକୁ ଦାୟୀ କରିଛନ୍ତି ମୃତ ଶିଶୁର ପରିବାର ଓ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀମାନେ।

## ଜଳସେଚନ ସମସ୍ୟା ନେଇ ଭାଜପାର ବିକ୍ଷୋଭ



ଛତ୍ରପୁର, (ଭାସ୍କର ନ୍ୟୁଜ): ଚିକିଟି ନିର୍ବାଚମଣ୍ଡଳୀ କଳିଙ୍ଗଦୋଳା ବାହୁଦା ଆନିକଟ, ବାଘଲଟି ଓ ପୁରିଆସାହି ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀଙ୍କ ସମସ୍ୟା ବଢିଛି। ଏନେଇ ଚିକିଟି ନିର୍ବାଚମଣ୍ଡଳୀ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମୀନା ଦ୍ୟାନ ସାମନ୍ତରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କର, ପାତ୍ରପୁର ବ୍ଲକ ଅଧକ୍ଷା ସଞ୍ଜୁକ୍ତା, ପୂର୍ବତନ ବ୍ଲକ ଅଧକ୍ଷ ନରସିଂହ ମୂର୍ତି, ଜିଲ୍ଲା ଉପସଭାପତି ୱାଇ.ମୋହନ ରାଓ, ଜିଲ୍ଲା ସମ୍ପାଦକ ଡି.ନାଗମା ରାଓ, ସରପଞ୍ଚ ଗାୟତ୍ରୀ ପାଣିଗ୍ରାହୀ, ନମିତା ନାୟକ, ଏନ୍.ତ୍ରିପାଠୀ, ଭି. ଦେବୀପ୍ରସାଦ ଓ ସଦାନନ୍ଦ ନାୟକ, ସମିତିସଭ୍ୟ କେ.ସୋମେୟା ଓ ପ୍ରଶାନ୍ତ ସାହୁ, ଉପାଧକ୍ଷ ଅନାଦି ଚରଣ ପଣ୍ଡିତ, ଅପନା ପ୍ରଧାନ ପ୍ରମୁଖ ସାମିଲ ଥିଲେ ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୧୯୭୩ରେ କଳିଙ୍ଗଦୋଳା ଠାରେ ବାହୁଦା ନଦୀ ଉପରେ ଆନିକଟ ନିର୍ମାଣ ହୋଇଥିଲା। ଏବେ କଳିଙ୍ଗଦୋଳା ଆନିକଟ ଉପରମୁଣ୍ଡ ନିକଟରେ ମେଗା ଲିଫ୍ଟ ଯୋଜନା କରାଯାଇଛି। ଯାହାଫଳରେ ଚିକିଟି ଅଞ୍ଚଳର ଚାଷୀଙ୍କ ପାଇଁ ଜଳସେଚନ ସମସ୍ୟା ହୋଇଛି। ମେଗା ଲିଫ୍ଟକୁ ବନ୍ଦ କରିବା ସହ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ହୋଇଛି। ପୁରିଆ ସାହି ଜଳସେଚନ ଯୋଜନାକୁ କାର୍ଯ୍ୟକ୍ଷମ, ବାଘଲଟି ଜଳସେଚନ ଯୋଜନାରେ ଡାହାଣ କେନାଲର ସମ୍ପ୍ରସାରଣ ଲାଗି ଦାବି କରାଯାଇଥିଲା।

## ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କରଞ୍ଜିଆ, (ଭାସ୍କର ନ୍ୟୁଜ): ୭୫ତମ ସ୍ୱାଧିନତା ଦିବସ ଉପଲକ୍ଷେ ପୂର୍ବ ପ୍ରସ୍ତୁତି ବୈଠକ କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଅଧକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କରୋନା ମହାମାରୀ ଯୋଗୁଁ ଏଥର ମଧ ସ୍ୱାଧିନତା ଦିବସ ସରକାରଙ୍କ କୋଭିଡ ନିୟମ ଅନୁସାରେ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାତ୍ର ୭୫ ଜଣଙ୍କ ମଧ୍ୟରେ ସୀମିତ ରହିବ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନ୍ମଥ ନାଥ ମଲ୍ଲିକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, କରଞ୍ଜିଆ ଥାନାର ଏସ୍.ଆଇସି ସତ୍ୟନାରାୟଣ କାଲ, ଓକିଲ ସଙ୍ଘ ସଭାପତି ଦୀପକ କୁମାର ଦାସ ଅଧିକାରୀ, ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ଏନ୍.ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଦ୍ରା ହେମ୍ବ୍ରମ, ଏବିଓ ବିପିନ ବିହାରୀ ବାରିକ, କରଞ୍ଜିଆ ଉପ କାରଗାରର ଅଧକ୍ଷକ ପ୍ରଦୀପ୍ତ କୁମାର ମହାଳିକ, ପିଡବ୍ଲୁଡିର ସହକାରୀ ଯନ୍ତ୍ରୀ ଇଂ ହରିହର ବେହେରା, କରଞ୍ଜିଆ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ପ୍ରମୁଖ ଅଂଶ ଗ୍ରହଣ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସୂଚନା କେନ୍ଦ୍ର ପାଠାଗାରର ଗ୍ରନ୍ଥଗରିକ ଅରୁଣ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ମନ୍ମଥନାଥ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ୨ମୃତ

ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ପଞ୍ଚାୟତର ଶାନ୍ତିନଗର ଗ୍ରାମର ନଟବର ଦାସଙ୍କ ଗତକାଲି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଆଜି ସକାଳେ ନଟବର ଛାତଉପରେ ଫୁଲ ତୋଳୁଥିବା ସମୟରେ ୩୩କେଭି ବିଦ୍ୟୁତ୍ ଲାଗିଯାଇଥିଲା। ଘଟଣା ସ୍ଥଳରେ ନଟବରଙ୍କୁ ଆହତ ଅବସ୍ଥାରେ ଭଦ୍ରକ ନେଇଥିବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ସେହିପରି ସୋହଡ଼ା ଗ୍ରାମର ନରେସ ସାହୁ ନିଜର ବ୍ୟାଟ୍ରି ଚାଳିତ ସ୍କୁଟିକୁ ଚାର୍ଯ୍ୟ କରୁଥିବାବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଚାର୍ଯ୍ୟ ହୋଇଯାଇଥିବାରୁ ଘଟଣା ସ୍ଥଳରେ ନରେସର ମୃତ୍ୟୁ ଘଟିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ବେଳେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅଧପନ୍ତରାରେ ବରଡ଼ା ଘାଇ ଓ ବୁରାଝାଳ ଜଳସେଚନ ପ୍ରକଳ୍ପ

ଚିକିଟି/ଗଞ୍ଜାମ, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ଅନେକ ଜଳସେଚନ ପ୍ରକଳ୍ପ ଥାଇ ମଧ ଏଠାକାର ଚାଷୀ ନିଜର ଚାଷ ଜମି ସକାଶେ ଉପରଆସରାରେ ନର୍ଭର କରି ଆସୁଛନ୍ତି। ଏହି ପ୍ରକଳ୍ପ ଚିକିଟି ତହସିଲର କୃଷ୍ଣନଗରର ଉପର ମୁଣ୍ଡରେ ଅବସ୍ଥିତ ରହିଅଛି। ଗତ କିଛିବର୍ଷ ତଳେ ମାଇନର ଇରିଗସନ ତରଫରୁ କାମ ଲାଗି କିଛି କାମ ହୋଇ ସେହି ଦିନଠାରୁ କୌଣସି ବିଭାଗୀୟ ଅଧିକାରୀ କିମ୍ବା ରାକ୍ଷଣବକ୍ଷଣ ଦାୟୀତ୍ୱ ଏହି ବିଭାଗ ପାସୋରିଗଲାଣି। ଏହି ପ୍ରକଳ୍ପ ଦ୍ୱାରା ହଞ୍ଜିଲିଗାଁ, ବୈରିବାଡ, ଲିମକୁଡ଼ିଆ, ଗୋପୀନାଥପୁର, ଗିରିସୋଲା, ସୁମାଣ୍ଡି ଆହୁରି ଅନେକ ଗ୍ରାମର ସହ ସହ ହେକ୍ଟର ଜମିକୁ ଜଳସେଚନ କରିବା ସହଜ କର ହୋଇପାରିବ। ବର୍ତ୍ତମାନ ଏଠାକାର ଚାଷୀ ବର୍ଷା ଜଳକୁ ଅନାଇ ବସିଥାନ୍ତି ଏଠାରେ ବର୍ଷା ହେଲେ ଧାନପାଚେ ନହେଲେ ଜମି ପଡିଆ ପଡିଥାଏ। ଏଣୁ ଉକ୍ତ ପ୍ରକଳ୍ପର ପୁନଃ ଉନତି କରଣ କଲେ ଚାଷୀକୁଳ ଉପକୃତ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି।

## ରାଶିଫଳ

**ଶନିବାର, ୬ ଅଗଷ୍ଟ ୨୦୨୨**



**ମେଷ:** ଶତ୍ରୁମାନେ ମୁଣ୍ଡ ନୂଆଇଁବେ। ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଆପଣଙ୍କର ଭୂଷଣହେବ। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ ତାହା କୌଶଳକ୍ରମେ ସମାଧାନ କରିବେ। ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍।



**ବୃଷ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ। ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି।



**କର୍କଟ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ହସଖୁସିରେ ସମୟ ବିତାଇବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ ଶାନ୍ତି ଅନୁଭବ କରିବେ।



**ସିଂହ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ। ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ। ଆତ୍ମୀୟ ମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ।



**ତୁଳା:** କଳା, ସାହିତ୍ୟ, କ୍ରିଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ। କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ରତ ହେବେ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କାର୍ଯ୍ୟ କ୍ଷେତ୍ରରେ ସୁଖଶାନ୍ତି ବୃଦ୍ଧି ହେବ। ବାଦବିବାଦ, ମାଲିମୋକଦ୍ଦମା, ଖେଳ, କୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ। ରାଜନୀତିରେ ସଫଳତା ମିଳିବ, କର୍ମକ୍ଷେତ୍ରଟି ସୁଦୃଢ଼ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ। ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ। ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସେୟାର ବଜାରରେ ମୁନାଫା ମିଳିବ ଓ ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ। ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ। ପାରିବାରିକସ୍ଥିତି ସାମାନ୍ୟ ବଦଳିବା ଯୋଗେ ଶାନ୍ତି ପାଇବେ। ଦୂରଯାତ୍ରାର ସୁଯୋଗ ମିଳିବ।



**ମକର:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପ୍ରବାସରେ ମଧ କେତେକ କ୍ଷେତ୍ରରେ ଉନ୍ନତିକର ହେବ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଭ୍ରମଣ, ରାଜନୀତି, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ। ଉଚିତ୍ ପନ୍ଥା ଗ୍ରହଣ ନକଲେ ନିଜ ଲୋକମାନେ ମନମୋଟିଆ ହେବେ। ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ।



ଗଣନାକର୍ତ୍ତା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ବିଭାଗର ଡେପୁଟି ଡାଇରେକ୍ଟର ଜେନେରାଲ ଡ଼ଃ ରଉତ ପଣ୍ଡୁରାଙ୍ଗ କେ. ଓ ବିଭାଗୀୟ ବୈଜ୍ଞାନିକ ରବିନ୍ଦ୍ର ଆର୍. ଭଟ୍ଟେ ଶୁକ୍ରବାର ଡେଲାଙ୍ଗ ବ୍ଲକ ଗସ୍ତ କରି ସରକାରୀ ପ୍ରକଳ୍ପର ବାସ୍ତବ ରୂପରେଖ ପରିଦର୍ଶନ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ଡେଲାଙ୍ଗ ବିଡିଓ ଦିଲିପ କୁମାର ଷଡଙ୍ଗୀ, ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା, ପୁରୀ ସଦର ବିଡିଓ ସମ୍ବିତ ଶତପଥୀ ପ୍ରମୁଖଙ୍କ ସହ ଉଭୟ ଅଧିକାରୀ ଡେଲାଙ୍ଗ ବ୍ଲକର ସାଉରିଆ ପଞ୍ଚାୟତ ଅନ୍ତର୍ଗତ ଅମୃତ ସରୋବର ଯୋଜନାରେ ହୋଇଥିବା ରାମ ପୋଖରୀକୁ ପରିଦର୍ଶନ କରିଥିଲେ । ଏହି କେନ୍ଦ୍ରୀୟ ଟିମ୍‌ର ଗସ୍ତ ସମୟରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତି ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସରପଞ୍ଚ ପ୍ରଭାତୀ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଯନ୍ତ୍ରୀ ପ୍ରସନ୍ନ କୁମାର ମଲ୍ଲ, ଚିତ୍ରତୋଳା ନାୟକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଟାଟାଷ୍ଟିଲ ସହାୟତାରେ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗି ମନଧନ ଯୋଜନାର ନାମାଙ୍କନ ଅଭିଯାନ

# ଯୋଜନାରେ ୪୧୭ ଜଣଙ୍କ ନାମ ସାମିଲ

ଯୋଡ଼ା, (ଭାସ୍କର ନ୍ୟୁଜ) : ଭାରତ ସରକାରଙ୍କ ଦ୍ୱାରା ଅସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଆରମ୍ଭ କରାଯାଇଥିବା ଏକ ଭତ୍ତା ଯୋଜନା ପ୍ରଧାନମନ୍ତ୍ରୀ ଶ୍ରମଯୋଗି ମନଧନ ଯୋଜନା (ପିଏମ୍‌ଏସ୍‌ୱାଇଏମ୍) କୁ ନେଇ କେନ୍ଦୁଝର ଜିଲ୍ଲାର ଯୋଡ଼ାଠାରେ ପ୍ରବଳ ଉତ୍ସାହ ଦେଖାଯାଇଛି । ଟାଟାଷ୍ଟିଲର ସିଏସ୍‌ଆର ସଂସ୍ଥା ଟାଟାଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ସହଯୋଗରେ ଏହି ଯୋଜନା ପାଇଁ ଲୋକମାନଙ୍କୁ ସଚେତନ କରିବା ସହିତ ୪୭୧ ଜଣ ହିତାଧିକାରୀ ଏଥିରେ ପଞ୍ଜିକୃତ କରାଯାଇଛି । ଏହି ୩ ଦିନିଆ ଅଭିଯାନରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହିତ ଯୋଡ଼ା, କଲମାଙ୍ଗ ଓ ଗନ୍ଧଲପଦାର ଦୂରଦୂରାନ୍ତ ଗ୍ରାମରୁ ଅସଂଗଠିତ କ୍ଷେତ୍ରରୁ ଲୋକ ମାନେ ଏହି ଯୋଜନାର ସୁଫଳ ପାଇବା ପାଇଁ ନିଜ ନାମ ପଞ୍ଜୀକରଣ କରିଛନ୍ତି । ଯୋଡ଼ା, ଖଣ୍ଡବନ୍ଧ ଓ କଲମାଙ୍ଗରେ ପଞ୍ଜୀକରଣ କାଉଣ୍ଟର ଓ ସେବା କେନ୍ଦ୍ର ସ୍ଥାପନ ବ୍ୟତୀତ ଏହି ଯୋଜନା ଅନ୍ତର୍ଗତ ଭତ୍ତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ଟାଟାଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ଘର ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ଏହାର ସୁଫଳ ବିଷୟରେ ସଚେତନ କରାଯାଇଥିଲା । ମାସିକ ଆୟ ୧୫,୦୦୦ଟଙ୍କାରୁକମ୍ ଥିବା ବୟସ୍କ ଲୋକଙ୍କ ସୁରକ୍ଷା ଓ ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ପିଏମ୍‌ଏସ୍‌ୱାଇଏମ୍ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଗଦାନକାରୀ ଭତ୍ତା ଯୋଜନା ଅନ୍ତର୍ଗତ ହିତାଧିକାରୀମାନେ ୬୦ବର୍ଷ ବୟସ ପରେ ମାସକୁ ସର୍ବନିମ୍ନ ୩୦୦୦ ଟଙ୍କାର ଭତ୍ତା ପାଇପାରିବେ । ହିତାଧିକାରୀଙ୍କ ମତ୍ୟୁ ହେବା କ୍ଷେତ୍ରରେ ତାଙ୍କର ପତି ବା ପତ୍ନୀ ପାରିବାରିକ ଭତ୍ତା ଭାବରେ ଏହି ଭତ୍ତାର ୫୦ ପ୍ରତିଶତ ଟଙ୍କା ପାଇବାକୁ ହକଦାର ହେବେ ।




## ସୀମାନ୍ତରେ ୨ଟି କ୍ଲେମର୍ ପାଇପ୍ ବୋମା ଉଦ୍ଧାର

ମାଲକାନଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କୋହକାମେଟା ଥାନା ଅଞ୍ଚଳରେ ଆଜି ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଦୁଇଟି କ୍ଲେମର ପାଇପ ବୋମାକୁ ପୋଲିସ ଜବତ କରିଛି । ସୂଚନା ଅନୁଯାୟୀ ମାଓ ଦମନ ସର୍ଚ୍ଚ ଅପରେସନ ପାଇଁ ଆଜି ପୋଲିସ ପକ୍ଷରୁ କୋହକମେଟା ଠାରୁ କୁଣ୍ଡଲା ଗାଁକୁ ଏକ ସର୍ଚ୍ଚ ଅପରେସନ କରାଯାଉଥିବା ବେଳେ କୋହକାମେଟା ଥାନାରୁ ପ୍ରାୟ ଦେଢ଼ କିମି ଦୂରରେ ଥିବା କୋହକାମେଟା ଗାଁର ରାସ୍ତା କଡରେ ସନ୍ଦେହଜନକ ଅବସ୍ଥାରେ କିଛି କପଡା ପକା ଯାଇଥିବା ଦେଖିବାକୁ ପାଇଥିଲେ । ତେବେ ସନ୍ଦେହ ହେବାରୁ ସେଠାକୁ ବୋମା ନିଷ୍କ୍ରିୟ କାରୀ ଟିମ ପହଞ୍ଚି ଯାଞ୍ଚ କରିବାରୁ ସେଠାରେ ଦୁଇଟି ଜୀବନ୍ତ କ୍ଲେମର ପାଇପ ବୋମା ଥିବା ଦେଖିବାକୁ ପାଇଥିଲେ । ମାଓବାଦୀଙ୍କ ଦ୍ୱାରା ଯବାନଙ୍କୁ ଟାର୍ଗେଟ କାରୀ ଏହି ବୋମା ଖଞ୍ଜା ଯାଇଥିବା ବେଳେ ଏହାକୁ ସୁରକ୍ଷିତ ଉଦ୍ଧାର କାରୀ ନିଷ୍କ୍ରିୟ କରାଯାଇଥିଲା । ଜବତ ବୋମା ଗୁଡିକ ମଧ୍ୟରୁ ପ୍ରତି ବୋମାର ଓଜନ ପ୍ରାୟ ୧୦, ୧୦ କିଲୋଗ୍ରାମ ଥିଲା । ଏହାସହ ଘଟଣା ସ୍ଥଳରୁ ପ୍ରାୟ ୧୦ ମିଟର ଖୋଲା ତାର ଏବଂ ସୁଇଚ୍ ପୋଲିସ ଜବତ କରିଥିଲା ।

# ବିପୁଳ ପରିମାଣର ଗଞ୍ଜେଇ ସହ କାର୍ ଜବତ




ବଡ଼ଚଣା, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବୈରୀ ପୁଲିସ ଅଧିନ ଛତିଆ ବିଟ୍ ପୋଲିସ ୧୬ ନଂ ଜାତୀୟ ରାଜପଥ ର ଛତିଆ ନିକଟରେ ନାଇଟ୍ ପାଟ୍ରୋଲିଂ କରୁଥିବା ବେଳେ ରାତି ୯.୦୦ ରେ ଏକ ହଣ୍ଡା ଆମେଜ୍ କାର୍ ଜାତୀୟ ରାଜପଥ କଡରେ କାଚ ଭାଙ୍ଗି ଯାଇଥିବାର ଦେଖିଥିଲେ । ରାସ୍ତା କଡରେ ଭଙ୍ଗା ରୁଜା କାର୍ ଠିଆ ହୋଇଥିବା ବେଳେ ଉକ୍ତ କାର ପାଖରେ କେହି ନଥିବାନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା । ପରେ କାର (ଏପି-୨୮-ସିକେ-୪୩୩୪)କୁ ପୋଲିସ ନିଜ ହେପାଜତରେ ରଖିବା ସହ ଯାଞ୍ଚ ବେଳେ ସେହି ଗାଡି ଡିକିରୁ ପୁଳାପୁଳା ଗଞ୍ଜେଇ ପ୍ୟାକେଟ୍ ବାହାରି ଥିଲା । ସଙ୍ଗେ ସଙ୍ଗେ ଛତିଆ ବିଟ୍ ହାଉସ ଅଧିକାରୀ ଗୋବରଧନ ନାୟକ ବୈରୀ ଥାନା ଅଧିକାରୀ ଙ୍କୁ ଖବର ଦେଇଥିଲେ । ଦର୍ପଣ ମାଜିଷ୍ଟ୍ରେଟ ଅତିରିକ୍ତ ଦର୍ପଣ ତହସିଲଦାର ନିରଞ୍ଜନ ଗୁରୁ ଙ୍କ ଉପସ୍ଥିତି ରେ ଗାଡିରୁ ବାହାର କରି ସିଲ୍ ଖୋଲି ଓଜନ କରାଯାଇଥିବାବେଳେ ତାକୁ ପୁଣି ବାର ସିଲ୍ କରାଯାଇଥିଲା । ଛତିଆ ପୋଲିସ ଅଧିକ ତଦନ୍ତ ଜାରି ରହିଛି । ଜବତ ଗଞ୍ଜେଇ ହାରାହାରି ୭୧ ପ୍ୟାକେଟ୍ ଓ ଏହା ୧କୁଇଣ୍ଟାର ୨୫ କେଜିରୁ ଅଧିକ ହେବ ବୋଲି ଜଣାପଡିଛି । ଏଏସ୍‌ଆଇ ଜହର ଆବେଦିନ୍ , କନେଷ୍ଟବଳ ଦିଲ୍ଲିପ ସ୍ୱାଇଁ , କନେଷ୍ଟବଳସୁଜିତ୍ ସେ, ହୋମଗାର୍ଡ଼ ଅରୁଣ ପ୍ରଧାନ ଉପସ୍ଥିତ ଥିଲେ । ଛତିଆ ବିଟ୍ ପୁଲିସର ଏକ ବଡ ସଫଳତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଜୋର୍ ଧରିଲା ଦୋବଲ ବସଷ୍ଟାଣ୍ଡ ଜବରଦଖଲ ଉଚ୍ଛେଦ ଦାବି



ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକର ଦୋବଲ ଠାରେ ବହୁପୁରାତନ ବସଷ୍ଟାଣ୍ଡ ଧିରେ ଧିରେ ଚତୁପାର୍ଶ୍ୱ ଜବରଦଖଲକାରୀଙ୍କ କବଳରେ ରହିଥିବାବେଳେ କେତେକ ବ୍ୟକ୍ତି ସ୍ଥାୟୀ ବାଡ଼ ବୁଜିବା ଦ୍ୱାରା ଧିରେଧିରେ ବସଷ୍ଟାଣ୍ଡଟି ସଂକୁଚିତ ହୋଇପଡୁଛି । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିବାବେଳେ ଜିଲ୍ଲାପାଳ ଉକ୍ତ ବସଷ୍ଟାଣ୍ଡର ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତହସିଲଦାର ଉକ୍ତ ଜବରଦଖଲ ସ୍ଥାନକୁ ମାପିବା ପାଇଁ ଆସି ଅଧାମାପି ଫେରିଯାଇଥିବାରୁ ଅଭିଯୋଗ କାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ମାନେ ପ୍ରତିବାଦ କରିବା ସହ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିବାରୁ ଉପଜିଲ୍ଲାପାଳ ମନୋଜ ପାତ୍ର, ତହସିଲଦାର କ୍ଷୀରୋଦ ପଣ୍ଡା, ପୋଲିସ ଏସ୍‌ଡ଼ିପିଓ ବିଜୟକୃଷ୍ଣ ମହାପାତ୍ର, ପୋଲିସ ଇନିସ୍ପେକ୍ଟର ବନମାଳି ବାରିକଙ୍କ ଉପସ୍ଥିତିରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ବୈଠକ ହୋଇଥିଲା ଏବଂ ନିଷ୍ପତ୍ତି ଅନୁଯାୟୀ ଖୁବ୍ ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ଓ ବସଷ୍ଟାଣ୍ଡ ପାର୍ଶ୍ୱରେ ବେଆଇନ୍ ଭାବରେ ଉଠାଦୋକାନୀ ଓ ଟ୍ରକ୍ ରଖୁଥିବାରୁ ସେଠାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ହଟାଯାଇ ସେଠାରେ ସୂଚନାଫଳକ ମରାଯିବାପାଇଁ ନିଷ୍ପତ୍ତି ହୋଇଥିଲା । ନିଷ୍ପତ୍ତି ଅନୁଯାୟୀ ଗୋଟିଏଦିନ ପରେ ସେଠାରେ ମଧ୍ୟ ସୂଚନାଫଳକ ମରାଯାଇ ଉଠାଦୋକାନୀ ଓ ଟ୍ରକ୍ ଗୁଡ଼ିକୁ ହଟାଇ ଦିଆଯାଇଥିଲା ଏବଂ ବସଷ୍ଟାଣ୍ଡର ଜାଗା ଚିହ୍ନଟ କରାଯାଇ ଜବରଦଖଲ କାରୀଙ୍କୁ ହଟାଇବା ପାଇଁ ଦାବି ଜୋରଧରିଥିଲା । ଏନେଇ ଦୋବଲ ବସଷ୍ଟାଣ୍ଡ ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଜନସାଧାରଣ ମାନଙ୍କୁ ସଚେତନ କରାଇବା ସହ ଚଳିତ ମାସ ୧୫ତାରିଖ ସୁଦ୍ଧା ଜାଗା ଚିହ୍ନଟ କରାନଗଲେ ୧୬ତାରିଖ ଦିନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବବୋଲି ଘନ ଘନ ବୈଠକ ଚାଲିଛି । ଆଜି ମଧ୍ୟ ସୋହଡ଼ା ପଂଚାୟତ ଅଫିସ ପରିସରରେ ବସଷ୍ଟାଣ୍ଡ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ଅମିୟ ମହାନ୍ତିଙ୍କ ସଭାପତିତ୍ୱରେ ପଞ୍ଚାୟତର ସତାଧିକ ବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ମତାମତ ଦେବା ସହ ଚଳିତ ମାସ ଅଗଷ୍ଟ ୧୫ତାରିଖ ଦିନ ବସଷ୍ଟାଣ୍ଡରେ ପତାକା ଉତ୍ତୋଳନ କରାଯିବ ସହ ୧୬ତାରିଖ ଦିନ ପ୍ରତିବାଦ ସଭା ଓ ଆନ୍ଦୋଳ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

# ନଦୀତୁଠରେ ଚାଲିଛି ଜୁଆଖେଳ ସାଙ୍ଗକୁ ଧଳାଜହରର ବ୍ୟବସାୟ

ନିମାପଡ଼ା, (ଭାସ୍କର ନ୍ୟୁଜ) : ନିମାପଡା ଅଞ୍ଚଳରେ ଜୁଆଖେଳ ସାଙ୍ଗକୁ ଧଳାଜହର କାରବାର ବୃଦ୍ଧି ବାଇବାରେ ଲାଗିଛି । କୁଶଭଦ୍ରା ନଦୀ ତୁଠ ପାଲଟିଛି ଧଳାଜହର ଜୁଆଡିଙ୍କ ନିରାପଦ ସ୍ଥାନ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କଣ ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ, ତାହା ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ସ୍ଥାନୀୟ ଗ୍ରାମ ଲୋକମାନେ ଗଣମାଧ୍ୟମରେ ଖବର କରି ତାତିଲେଣି । କୌଣସି ମୁହୂର୍ତ୍ତରେ ଜୁଆଡିଙ୍କ ଉପରେ ବାଜିବ ମାଡ । ଏହାକୁ ନେଇ ଆରମ୍ଭ ହୋଇଛି ଗ୍ରାମବାସୀଙ୍କ ସଜବାଜ । ଏପଟେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଜୁଆଖେଳ ପରିଚାଳନା କରି ମାଲମାଲ ହେବାରେ ଲାଗିଛନ୍ତି । ମାତ୍ର ଆଇନର ଦିଗ ବାଟବଣା ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା କୁଶଭଦ୍ରା ନଦୀ ତୁଠରେ ଜୁଆଖେଳ ଚାଲିଥିବା ବେଳେ ଜୁଆଡିମାନେ କାହାକୁ ନମାନି ଆତଙ୍କ ସୃଷ୍ଟି କରିଚାଲିଛନ୍ତି । ଏହି ଆତଙ୍କ କାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଥିବା ବେଳେ ଜାଣିଶୁଣି ପ୍ରଶାସନ ଜୁଆଖେଳକୁ ପ୍ରୋତ୍ସାହନ ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଜୁଆଡିମାନେ ବାହାର ଜିଲ୍ଲାରୁ ଆସିଥିବାବେଳେ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି । ଜୁଆଡିମାନେ ମଧ୍ୟ ଜୁଆ ଖେଳ ସାଙ୍ଗକୁ ଧଳାଜହର ବ୍ୟବସାୟ କରୁଛନ୍ତି । କୁଶଭଦ୍ରା ନଦୀପୋଲ ତଳୁ ସିଦ୍ଧେଶ୍ୱର ମନ୍ଦିର ରାସ୍ତା ତ୍ରିନାଥ ମାର୍ଗ ଠାରୁ ଡେଣୁଆଁ ରାସ୍ତା ପାଟପୁର ନଦୀବନ୍ଧ ରାସ୍ତା ମାନଙ୍କରେ ରାତ୍ରଦିନ ଗହଳି ଲାଗିଛି । ଏହି ଘଟଣା ପ୍ରତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବର୍ଷିଆନ ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନଟବର ସାହୁଙ୍କ ଲଣ୍ଡେଇସାହି ସ୍ଥିତ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି । ସ୍ୱର୍ଗତ ସାହୁଙ୍କୁ ମୃତ୍ୟୁ ବେଳକୁ ୯୦ ବର୍ଷ ହୋଇଥିଲା । ସ୍ୱର୍ଗତ ସାହୁଙ୍କ ଶବଧାରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅବସରପ୍ରାପ୍ତ ପ୍ରଫେସର୍ କୃତ୍ତିବାସ ବିଶ୍ୱାଳ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ, ଆନନ୍ଦ ସଂଗୀତାୟନ ସଭାପତି କବି ପ୍ରଶାନ୍ତ କୁମାର ମହାନ୍ତି, ପ୍ରାକ୍ତନ ବନଖଣ୍ଡ ଅଧିକାରୀ ଅନୁପମ ବାନାର୍ଜୀ, ପ୍ରଫେସର ଡକ୍ଟର କମ୍ବୁପାଣିସାମନ୍ତ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ଥାନୀୟ ବେଲେଶ୍ୱର ଶ୍ମଶାନରେ ସ୍ୱର୍ଗତ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

### ତିହିଡି ରୋଗୀ କଲ୍ୟାଣ ସମିତି ବୈଠକ

# ଆମ୍ବୁଲାନ୍ସ ସେବା ଉପରେ ଗୁରୁତ୍ୱ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ଆମ୍ବୁଲାନ୍ସ ସେବା ନଥିଲା । ଯେଉଁଥି ପାଇଁ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏହାକୁ ଲକ୍ଷ୍ୟ କରି ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ତାଙ୍କ ନିଜସ୍ୱ ପାଣ୍ଠିରୁ ତିହିଡି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି । ଏହି ଆମ୍ବୁଲାନ୍ସ ସେବାକୁ କାର୍ଯ୍ୟକ୍ଷମ କରିବା ପାଇଁ ରୋଗୀ କଲ୍ୟାଣ ସମିତିରେ ଗୁରୁତ୍ୱ ଦିଆଯାଇଥିଲା । ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀକଲ୍ୟାଣ ସମିତି ଅଧ୍ୟକ୍ଷ ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆମ୍ବୁଲାନ୍ସ ସେବାକୁ ତ୍ୱରାନିତ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଆମ୍ବୁଲାନ୍ସକୁ କେବଳ ଜରୁରୀକାଳୀନ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରୋଗୀମାନଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର, କଟକ ମେଡିକାଲ, ବାଲେଶ୍ୱର ମେଡିକାଲ ଏବଂ ଭୁବନେଶ୍ୱର ଏମ୍‌ସ ମେଡିକାଲ ପର୍ଯ୍ୟନ୍ତ ନିର୍ଦ୍ଧାରିତ ମୂଲ୍ୟରେ ରୋଗୀମାନଙ୍କୁ ଯୋଗାଇ ଦିଆଯିବ । ରୋଗୀଙ୍କୁ ନେଇ ଭଦ୍ରକ ମେଡିକାଲ ଯିବା ପାଇଁ ୧୦୦୦ ଟଙ୍କା, ବାଲେଶ୍ୱର ମେଡିକାଲ ଯିବା ପାଇଁ ୩୦୦୦ ଟଙ୍କା, କଟକ ମେଡିକାଲ ଯିବା ପାଇଁ ୪୦୦୦ ଟଙ୍କା ଓ ଭୁବନେଶ୍ୱର ମେଡିକାଲ ଯିବା ପାଇଁ ୫୦୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଅନ୍ତେବାସୀ ବିଭାଗର ଷ୍ଟାଫ ନର୍ସଙ୍କ ନିକଟରେ ନିର୍ଦ୍ଧାରିତ ଶୁଳ୍କ ପୈଠ କରି ରସିଦ୍ ଗ୍ରହଣ କରିବା ପରେ ଏହି ସେବା ଉପଲବ୍ଧ ହେବ । ଏହି ଆମ୍ବୁଲାନ୍ସରେ ଜଣେ ଫାର୍ମାସିଷ୍ଟ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ଦୈନିକ ଦରମା ଭିତିରେ ରୋଗୀଙ୍କ ସହ ଯିବା ପାଇଁ ନିଯୁକ୍ତି କରିବାକୁ ପଦକ୍ଷେପ ଗ୍ରହଣ କରାଯିବ । ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହାର ଆୟବ୍ୟୟ ହିସାବ ରଖାଯିବ ବୋଲି ଆଲୋଚନା କରାଯାଇଥିଲା । ଏଥିସହିତ ଡାକ୍ତରଖାନାର ପ୍ରାଚୀର ପାଚେରୀ ଓ ଡ୍ରେନେଜ ନିର୍ମାଣ, ପରିତ୍ୟକ୍ତ ଗୃହକୁ ଭଙ୍ଗାଯାଇ ମୂଖ୍ୟ ଫାଟକ ଠାରୁ ଅନ୍ତେବାସୀଙ୍କ ଠାରୁ ବିଭାଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ମୁଖ୍ୟ ଫାଟକରେ ଗେଟ୍ ନିର୍ମାଣ, ମଙ୍ଗରାଜପୁର ରେ ଜବରଦଖଲରେ ଥିବା ସରକାରୀ କ୍ୱାର୍ଟର ଏବ ଜମିର ପୁନରୋଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯିବା, ପଶୁ ଡାକ୍ତରଖାନା ପାଖରେ ଥିବା ଜମି ଚାରିପାଖରେ ପାଚେରୀ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା, ଡାକ୍ତରଖାନାର ପଶ୍ଚିମ ପାର୍ଶ୍ୱରେ ରୋଗୀଙ୍କ ପାଇଁ କ୍ୟାବିନ, କ୍ୟାଂଟିନ ଓ ଛୋଟ ପାର୍କ ନିର୍ମାଣ କରାଯିବା, ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଅଲଟ୍ରାସାଉଣ୍ଡ ମେସିନ ଯୋଗାଇ ଦେବା ପାଇଁ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ମାତୃ ଶିଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ସରକାରୀ ବ୍ୟବସ୍ଥା ପାଇଁ ପ୍ରୟାସ କରାଯିବା ସହିତ ସିକ୍ୟୁରିଟି ବ୍ୟବସ୍ଥା ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ । ଏହି ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡା. ନିରାକାର ମାଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି ପୂର୍ବ ବିବରଣୀ ପାଠ କରିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତି, ତିହିଡି ଥାନାଧିକାରୀ ତପନ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ, ସିଡିପିଓ ରୀତା ମାଝୀ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା, ଡା. ଲକ୍ଷ୍ମୀକାନ୍ତ ପଣ୍ଡା, ବିପିଏମ ଶାନ୍ତିଲତା ମିଶ୍ର ସଦସ୍ୟ ବାପୁଜି ନାୟକ ଓ ରଘୁନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ନଗୁଆଁ ସମିତି ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ନଗୁଆଁ ପ୍ରାଥମିକ କୃଷି ସମବାୟ ସମିତିର ନବନିର୍ବାଚିତ ସଭାପତି ରମେଶ ଚନ୍ଦ୍ର ଭାରତୀ ଶୁକ୍ରବାର ଦାଇତ୍ୱ ଗ୍ରହଣ କରିଛନ୍ତି । ନେଣହା ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା, ସମିତି ସମ୍ପାଦକ ସଞ୍ଜୟ ମଲ୍ଲିକ, ସହସମ୍ପାଦକ ହିମାଦ୍ରୀ ନନ୍ଦିନୀ ସାହୁ, ପ୍ରମୋଦ କୁମାର ଜେନା, କର୍ମଚାରୀ ମାନସ ରଞ୍ଜନ ଚକ୍ରବର୍ତ୍ତୀ, ଦେବାଶିଷ ଚନ୍ଦ, କାମପାଳ ବାରିକ ପ୍ରମୁଖ ସଭାପତି ଶ୍ରୀ ଭାରତୀ ଓ ଉପସଭାନେତ୍ରୀ ଅବନ୍ତି ସାହୁଙ୍କୁ ସ୍ୱାଗତ କରି ଶପଥପାଠ କରାଇଥିଲେ । ଏହି ଅବସରରେ ଏ.ଆର.ସି.ଏସ. ସଦାନନ୍ଦ ବେହେରା, ସମବାୟ ବ୍ୟାଙ୍କ ପରିଚାଳକ ମାନସ ରଞ୍ଜନ ମହାପାତ୍ର, ବୟାବନାପୁର ସରପ☐ ମିନତୀ ସାହୁ, ସମିତି ସଭ୍ୟ ଗୁରୁପ୍ରସାଦ ଗିରି, ପ୍ରତାପ ଦ୍ୱିବେଦୀ, ସରସଦା ସମିତି ସଭାପତି ଅବିନାଶ ରାଉତ, ସମାଜସେବୀ ଅଜିତ ଦାସ, ବିଜୟ ଶଙ୍କର ମହାନ୍ତି, ପୂର୍ବତନ ପ☐ାୟତ ସମିତି ଅଧ୍ୟକ୍ଷ ପିତାମ୍ବର ନାୟକ, ମୁରଲିଧର ଦାସ, ମାଧବ ଚନ୍ଦ୍ର ପାଲ, ଶଙ୍କର୍ଷଣ ପଣ୍ଡା, ଭାସ୍କର ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଞ୍ଚଳିକ ମେଧା ସମ୍ମାନ-୨୦୨୨ ପ୍ରଦାନ



ସାଲେପୁର, (ଭାସ୍କର ନ୍ୟୁଜ୍) : ସାଲେପୁର ବ୍ଲକ୍ ଗୋପିନାଥପୁର ସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିଜୟାନନ୍ଦ ଯୁବପରିଷଦ ଓ ରୋଟାକ୍ଟ କ୍ଲବ୍ ଅଫ୍ ବିରୂପା ଅନୁକୂଲ୍ୟରେ ଗୋପିନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ ଗୋପିନାଥପୁରର ୨୨ ରେ ମାଟ୍ରିକ୍ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ଆଞ୍ଚଳିକ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା । ବାଲୁଙ୍କେଶ୍ୱର ମନ୍ଦିରର ମ୍ୟାନେଜିଙ୍ଗ ଟ୍ରଷ୍ଟୀ ବିରଞ୍ଚି ନାରାୟଣ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଡ଼ମୟନ୍ତୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣ ସାହୁ ମହାବଦ୍ୟାଳୟର ଅଧାପକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ଉକ୍ତ ପଞ୍ଚାୟତର ସମିତି ସଭ୍ୟ ହୃଷିକେଶ କାନୁନଗୋ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠର ସଂପାଦକ ବିରବର ସାହୁ, ସାହିତ୍ୟିକ ପରମାନନ୍ଦ ସ୍ୱାଇଁ, ହରେକୃଷ୍ଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଉଭୟ ଅନୁଷ୍ଠାନର ଏ ୧ ସ୍ଥାନ ଅଧିକାର କରିଥିବା ଦିବ୍ୟଜ୍ୟୋତି ସ୍ୱାଇଁ, ଜୟସ୍ମିତ ଦଳାଇ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଅଭିଲିପ୍ସା ସାମଲ, ଅନୁରାଧା ରାଉତ, ରାଜନନ୍ଦିନୀ ସାହୁ, ଶ୍ୱାତିସ୍ୱାଗତିକା ବିଶ୍ୱାଳ, ସନ୍ଦିପ୍ତା ପ୍ରିୟଦର୍ଶିନୀ, ସ୍ମୃତିଆରାଧନା ସାହୁ, ହୃଦୟ ପ୍ରିୟଦର୍ଶିନୀ ନାଥ ଆଦି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟାନନ୍ଦ ଯୁବପରିଷଦର ସଂପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମକୁ ରୋଟାକ୍ଟ କ୍ଲବ୍ ଅଫ୍ ବିରୂପା ତରଫରୁ ସଭାପତି ମନୋରଞ୍ଜନ ସାହୁ, ଦେବବ୍ରତ ଜେନା, ବିଶ୍ୱରଞ୍ଜନ ନାଥ, ରାଜକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ଆଧୁନିକ ରେଳ ସେବାରୁ ବଞ୍ଚିତ ତାଳଚେର-ଅନୁଗୁଳ ଶିଳ୍ପାଞ୍ଚଳ

# ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ନୂତନ ରେଳ ଚଳାଚଳ ସହ ସମ୍ପ୍ରସାରଣ ଦାବି

ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଅନ୍ତର୍ଭୁକ୍ତ ତାଳଚେର-ଅନୁଗୁଳ ଶିଳ୍ପାଞ୍ଚଳ ବହୁ କେନ୍ଦ୍ରୀୟ ଓ ଘରୋଇ ବୃହତ ଶିଳ୍ପକୁ ନେଇ ସମୃଦ୍ଧ । କିନ୍ତୁ ଏହି ଅଞ୍ଚଳ ଆଧୁନିକ ରେଳ ସେବାରୁ ବଞ୍ଚିତ ହେଉଥିବାରୁ ଢେଙ୍କାନାଳ ସାଂସଦ ମହେଶ ସାହୁ ଏହାର ପ୍ରତିକାର ଲୋଡି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ସଂପ୍ରତି ଅନୁଗୁଳ-ତାଳଚେର ଶିଳ୍ପାଞ୍ଚଳରେ ନାଲ୍‌କୋ, ଏନ୍‌ଟିପିସି, ଜିନ୍ଦଲ୍ ଓ ଟାଟା ଷ୍ଟିଲ୍, ଜି.ଏମ୍.ଆର୍. କମଳାଙ୍ଗ ତାପଜ ବିଦ୍ୟୁତ୍ କେନ୍ଦ୍ର, ସାରକାରଖାନା, ଭାରିଜଳ ପ୍ରକଳ୍ପ ଓ ମହାନଦୀ କୋଲ୍ ଫିଲ୍ଡ ଅନ୍ତର୍ଭୁକ୍ତ ଏକାଧିକ କୋଇଲାଖଣି ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଥିବାବେଳେ ବର୍ଦ୍ଧିତ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ରେଳ ଚଳାଚଳର ସୁବିଧା ପାଇଁ ସାଂସଦ ଶ୍ରୀ ସାହୁ ରେଳ ମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି । ପୂର୍ବାଞ୍ଚଳ ରାଜଧାନୀ କୋଲକତା ସହର ସହ ସିଧାସଳଖ ସଂଯୋଗୀକରଣ ପାଇଁ ସପ୍ତାହକୁ ଥରେ ସମ୍ବଲପୁରରୁ ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦେଇ ଚାଲୁଥିବା ସମ୍ବଲପୁର-ହାଓଡା ଏକ୍ସପ୍ରେସ୍‌କୁ ନିୟମିତ କରାଗଲେ ଲକ୍ଷ ଲକ୍ଷ ରେଳଯାତ୍ରୀ ଉପକୃତ ହେବେ । ପ୍ରତ୍ୟହ ସର୍ବାଧିକ କୋଇଲା ଟ୍ରେନ୍ ତାଳଚେରରୁ ପାରାଦ୍ୱୀପ ଯାଉଥିବାବେଳେ ଅନୁଗୁଳ-ତାଳଚେରରୁ କଟକ ଦେଇ ପାରାଦ୍ୱୀପ ବନ୍ଦରକୁ ଗୋଟିଏ ବି ଯାତ୍ରୀବାହୀ ରେଳ ଚଳାଚଳ କରୁନଥିବା ଦୁଃଖଦାୟକ ବୋଲି ଶ୍ରୀ ସାହୁ କହିଛନ୍ତି । ମନ୍ତ୍ରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

ସେହିପରି ସମ୍ବଲପୁର-ଶାଲିମାର ଟ୍ରେନ୍ ନଂ-୨୨୮୦୩/୮୦୪କୁ ସାପ୍ତାହିକ ପରିବର୍ତ୍ତେ ସପ୍ତାହକୁ ତିନିଦିନ ଚାଲିବା, ଟ୍ରେନ୍ ନଂ-୨୦୮୦୭/୮୦୮ ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ୍‌କୁ ସପ୍ତାହରେ ତିନିଦିନ ପରିବର୍ତ୍ତେ ପ୍ରତିଦିନ ଚଳାଚଳର ସୁବିଧା କରାଯିବା, ଟ୍ରେନ୍ ନଂ-୧୨୮୭୯/୮୮୦ ଭୁବନେଶ୍ୱର-ଲୋକମାନ୍ୟ ତିଳକ ଟର୍ମିନସ୍ ମୁମ୍ବାଇ ସପ୍ତାହକୁ ଦଇଥର ପରିବର୍ତ୍ତେ ପ୍ରତ୍ୟହ ଚଳାଚଳ କରିବା ଏବଂ ସପ୍ତାହକୁ ଥରେ ଚାଲୁଥିବା ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ୍‌କୁ ସପ୍ତାହକୁ ତିନିଦିନ ଚଳାଯିବା ପାଇଁ ସାଂସଦ ଶ୍ରୀ ସାହୁ ଦାବୀ କରିଛନ୍ତି । ଟ୍ରେନ୍ ନଂ-୧୨୮୪୫/୮୪୬ ଭୁବନେଶ୍ୱର-ବେଙ୍ଗାଲୁରୁ ସାପ୍ତାହିକ ଏକ୍ସପ୍ରେସ୍‌କୁ ତିନିଦିନ ଚଳାଚଳ ପାଇଁ ମଧ୍ୟ ସାଂସଦ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି । ଅନୁଗୁଳ ଠାରେ ପଶ୍ଚିମ ଓଡିଶା ଓ ପୂର୍ବ ଉପକୂଳ ଓଡିଶା ମଧ୍ୟରେ ଏକ ପାସେଞ୍ଜର୍ ଟ୍ରେନ୍ ଟର୍ମିନାଲ୍‌ରେ ପରିଣତ କରିବାକୁ ଦୃଢ ଦାବୀ ରଖିଛନ୍ତି । ସମ୍ବଲପୁର, ଦେବଗଡ, ସୋନପୁର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାବାସୀଙ୍କ ସୁବିଧା ପାଇଁ ୫ଟି ଟ୍ରେନ୍‌ର ସଂପ୍ରସାରଣ ଭୁବନେଶ୍ୱରରୁ ଅନୁଗୁଳଯାଏ କରିବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେଗୁଡିକ ହେଲା ଟ୍ରେନ୍ ନଂ-୧୨୮୨୯/୮୩୦ ଭୁବନେଶ୍ୱର-ଚେନ୍ନାଇ ସେଂଟ୍ରାଲ୍ ଏକ୍ସପ୍ରେସ୍, ଟ୍ରେନ୍ ନଂ-୧୨୮୯୭/୮୯୮ ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍, ଟ୍ରେନ୍ ନଂ-୨୦୮୯୫/୮୯୬ ଭୁବନେଶ୍ୱର-ରାମେଶ୍ୱରମ୍ ଏକ୍ସପ୍ରେସ୍ ଓ ୧୭୦୧୫/୦୧୬ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ । ଏହି ସାକ୍ଷାତକାର ସମୟରେ ମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଅନୁଗୁଳ-ଢେଙ୍କାନାଳ ରେଳ ରାସ୍ତା ସଂପର୍କରେ ସେ ସଂପୂର୍ଣ୍ଣ ଭାବେ ଅବଗତ ଅଛନ୍ତି ଏବଂ ରେଳବାଇ ଟ୍ରାଫିକ୍ ସର୍ଭେ ଓ ଆନୁସଙ୍ଗିକ ବିଭାଗୀୟ ସମୀକ୍ଷା ପରେ ଅନୁଗୁଳରୁ ଢେଙ୍କାନାଳ ଦେଇ ସାଂସଦଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବିତ ଚେନ୍ନାଇ ଏକ୍ସପ୍ରେସ୍ ଚଳାଚଳ ସଂପର୍କରେ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ ଓ ସାଂସଦଙ୍କ ଏହି ଆଲୋଚନା ସମୟରେ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ୍ ମାତୃପ୍ରସାଦ ମିଶ୍ର ଉପସ୍ଥିତ ରହି ସୂଚନା ଦେଇଥିଲେ ।





ନୂଆଦିଲ୍ଲୀ: ଗୋଟିଏ ଦିନରେ ଭାରତରେ ୨୦,୫୫୧ ଟି ନୂଆ କରୋନା ଭୂତାଣୁ ସଂକ୍ରମଣ ରିପୋର୍ଟ ହେବା ପରେ ଦେଶରେ ସଂକ୍ରମିତ ଲୋକଙ୍କ ସଂଖ୍ୟା ୪,୪୧,୦୭,୫୮୮କୁ ବୃଦ୍ଧି ପାଇଛି। ଏଥିସହିତ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା ୧,୩୫,୩୬୪ କୁ ହ୍ରାସ ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ସଂକ୍ରମଣ ଯୋଗୁଁ ୭୦ ଜଣଙ୍କର ମୃତ୍ୟୁ ହେବା ପରେ ମୃତ୍ୟୁ ସଂଖ୍ୟା ୫,୨୬,୬୦୦କୁ ବୃଦ୍ଧି ପାଇଛି ।



## ପ୍ରଧାନମନ୍ତ୍ରୀଙ୍କୁ ଭେଟି ଜିଏସଟି ବକେୟା ଦାବିକଲେ ମମତା

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଚାରି ଦିନିଆ ଦିଲ୍ଲୀ ଗସ୍ତରେ ଥିବା ତୃଣମୂଳ କଂଗ୍ରେସ ସୁପ୍ରିମୋ ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ରାଜ୍ୟ ପାଇଁ ଜିଏସଟି ବକେୟା ପରି ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ମମତା ଶୁକ୍ରବାର ସନ୍ଧ୍ୟାରେ ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଭେଟିଛନ୍ତି। ମମତା ବାନାର୍ଜୀଙ୍କ ଏହି ଗସ୍ତ ଏକ ବଡ ବିବାଦ ମଧ୍ୟରେ ଆସିଛି କାରଣ ଶିକ୍ଷକ ନିଯୁକ୍ତି ସ୍କାମରେ ଇଡି ନିକଟରେ ମମତା ସରକାରରେ ବରିଷ୍ଠ ନେତା ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିଛି।

## ମଦ ପରେ ପାଣି: ମୁଖ୍ୟମନ୍ତ୍ରୀଙ୍କୁ ଉପରାଜ୍ୟପାଳଙ୍କ ଚିଠି

ନୂଆଦିଲ୍ଲୀ : ଦିଲ୍ଲୀରେ ମଦ ପ୍ରସଙ୍ଗରେ ଅରବିନ୍ଦ କେଜ୍ରିୱାଲ ସରକାରଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସାକସେନା ବର୍ତ୍ତମାନ ପାଣିକୁ ନେଇ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପାଣି ସମସ୍ୟା ସମ୍ପର୍କରେ ଏକ ଅଭିଯୋଗ ପାଇବା ପରେ ଲେଫ୍ଟନାଣ୍ଟ ଗଭର୍ଣ୍ଣର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ କହିଛନ୍ତି। ସେ ଏପରି ଘଟଣା ଦେଶ ପାଇଁ ଖରାପ ବୋଲି ସେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କହିଛନ୍ତି। ଶୁକ୍ରବାର ଏଲଜି କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୋଣ୍ଟେନେଗ୍ରୋ କନସୁଲେଟରୁ ପ୍ରାପ୍ତ ଅଭିଯୋଗର ଏକ ନକଲ ମଧ୍ୟ ସେୟାର କରାଯାଇଛି। ଏଲଜି କାର୍ଯ୍ୟାଳୟ କହିଛି, "ମୋଣ୍ଟେନେଗ୍ରୋ କନସୁଲେଟରୁ ପାଣି ଯୋଗାଣ ନହେବା, ଟ୍ୟାଙ୍କର୍ ଗ୍ରହଣ ନକରିବା ଏବଂ ଦିଲ୍ଲୀ ଜଳ୍ ବୋର୍ଡର ଚାପରେ ମଇଳା ପାଣି ପାଇବା ନେଇ ଅଭିଯୋଗ ଆସିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କୁହାଯାଇଛି। ବିଶ୍ୱରେ ଭାରତର ଭାବମୂର୍ତ୍ତିକୁ ଅପମାନିତ କରୁଥିବା ଏଭଳି ପ୍ରସଙ୍ଗ ଉପରେ ଦୃଷ୍ଟି ଦେବାକୁ ସିଏମ୍ ଅରବିନ୍ଦ କେଜ୍ରିୱାଲଙ୍କୁ କି ଛି ପରାମର୍ଶ ଦିଆଯାଇଛି। ମୋଣ୍ଟେନେଗ୍ରୋ କନସୁଲେଟରୁ ପଠାଯାଇଥିବା ଅଭିଯୋଗରେ କୁହାଯାଇଛି ଯେ ଦୁଇ ଦିନ ଧରି କନସୁଲେଟରେ ପାଣି ନ ଥିବାରୁ ଆମେ ଆପଣଙ୍କୁ ନମ୍ର ଅନୁରୋଧ କରୁଛୁ। ଦିଲ୍ଲୀ ଜଳ ବୋର୍ଡ କହିଛି ଯେ ସେମାନେ ପାଣି ଟାଙ୍କି ପଠାଇବେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।





## ତେଜସ ଉପରେ ୬ ଦେଶଙ୍କ ନଜର

ନୂଆଦିଲ୍ଲୀ : ଆମେରିକା, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ସମେତ ଅନେକ ଦେଶ ଭାରତର ତେଜସ୍ ବିମାନ ପ୍ରତି ଆଗ୍ରହ ଦେଖାଇଥିବାବେଳେ ମାଲେସିଆ ଏହି ବିମାନ କିଣିବାକୁ ଯୋଜନା କରିସାରିଛି। ଏହି କ୍ରମରେ ଭାରତ ୧୮ ଟି ହାଲୁକା ଯୁଦ୍ଧ ବିମାନ 'ତେଜସ' ମାଲେସିଆକୁ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି । ଭାରତ ସରକାର ଗତ ବର୍ଷ ରାଷ୍ଟ୍ରାୟତ୍ତ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ ସହିତ ଏକ ଚୁକ୍ତି କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଗତ ବର୍ଷ ଫେବୃଆରୀରେ ଭାରତୀୟ ବାୟୁସେନା ପାଇଁ ୮୩ ତେଜସ ଲାଇଟ୍ କମ୍ବାଟ୍ ବିମାନ କିଣିବା ପାଇଁ ଏଚଏଏଲ ସହିତ ୪୮,୦୦୦ କୋଟି ଟଙ୍କା ମୂଲ୍ୟର ଚୁକ୍ତି ସ୍ୱାକ୍ଷର କରିଥିଲା। ୨୦୨୩ ରୁ କମ୍ପାନୀ ଏହି ବିମାନଗୁଡ଼ିକର ବିତରଣ ଆରମ୍ଭ କରିବ। । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବୈଦେଶିକ ପ୍ରତିରକ୍ଷା ଉପକରଣ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବାକୁ ଆଗ୍ରହୀ ଅଛନ୍ତି। ଏହା ବ୍ୟତୀତ ସରକାର ଭାରତରେ ନିର୍ମିତ ଜେଟ୍ ରପ୍ତାନି ପାଇଁ କୂଟନୈତିକ ପ୍ରୟାସ କରୁଛନ୍ତି। ତେଜସ୍ ଏକ ସ୍ୱତନ୍ତ୍ର ବିମାନ । ତଥାପି, ଏହାର ଡିଜାଇନ୍ ଠାରୁ ଅନ୍ୟ ଆହ୍ୱାନ ମଧ୍ୟ ଅଛି । ବିମାନଟି ଅତ୍ୟଧିକ ଭାରୀ ଥିବାରୁ ଏହାକୁ ଥରେ ଭାରତୀୟ ନୌସେନା ପ୍ରତ୍ୟାଖ୍ୟାନ କରିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ସଂସଦକୁ କହିଛି ଯେ ହିନ୍ଦୁସ୍ତାନ ଏରୋନେଟିକ୍ସ ଗତ ବର୍ଷ ଅକ୍ଟୋବରରେ ରୟାଲ ମାଲେସିଆ ବାୟୁସେନା ପକ୍ଷରୁ ଏକ ପ୍ରସ୍ତାବ ଗ୍ରହଣ କରିଥିଲା। ଏହାର ପ୍ରତିକ୍ରିୟାରେ ହିନ୍ଦୁସ୍ତାନ ଏରୋନେଟିକ୍ସ ତେଜସର ଦୁଇ ସିଟ୍ ବିଶିଷ୍ଟ ସଂସ୍କରଣ ସମେତ ୧୮ ଟି ଜେଟ୍ ବିକ୍ରି କରିବ।



## ଅଧିବେଶନ ସମୟରେ ବି ଗିରଫ ହୋଇପାରିବେ ସାଂସଦ: ନାଇଡୁ



ନୂଆଦିଲ୍ଲୀ : ରାଜ୍ୟସଭା ଅଧ୍ୟକ୍ଷ ଏମ ଭେଙ୍କୟା ନାଇଡୁ ଶୁକ୍ରବାର ଗୃହରେ ସ୍ପଷ୍ଟ କରିଛନ୍ତି ଯେ ଅଧିବେଶନ ସମୟରେ କିମ୍ବା ଅନ୍ୟତ୍ର ଅପରାଧିକ ମାମଲାରେ ସାଂସଦମାନଙ୍କୁ ଗିରଫରୁ ରକ୍ଷା ପାଇପାରିବେ ନାହିଁ। ସଂସଦର ସଦସ୍ୟମାନେ ଅର୍ଥାତ୍ ସାଂସଦମାନେ ସାଧାରଣ ନାଗରିକଙ୍କଠାରୁ ଭିନ୍ନ ନୁହଁନ୍ତି । ରାଜ୍ୟସଭାର କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାଡଗେ ଗୃହରେ ଏହି ପ୍ରସଙ୍ଗ ଉଠାଇବାର ଗୋଟିଏ ଦିନ ପରେ ଏମ ଭେଙ୍କୟା ନାଇଡୁ କହିଛନ୍ତି ଯେ ସଦସ୍ୟମାନଙ୍କ ମଧ୍ୟରେ ଏକ ଭୁଲ ଧାରଣା ରହିଛି ଯେ ଅଧିବେଶନ ସମୟରେ ଏଜେନ୍ସିଗୁଡିକ ଦ୍ୱାରା କାର୍ଯ୍ୟ ନକରିବା ସେମାନଙ୍କର ଅଧିକାର ରହିଛି, କିନ୍ତୁ ସେପରି କିଛି ନାହିଁ। ସେ କହିଛନ୍ତି ଯେ ସମ୍ବିଧାନର ଧାରା ୧୦୫ ଅନୁଯାୟୀ, ସଂସଦର ସଦସ୍ୟମାନେ କିଛି ବିଶେଷ ସୁବିଧା ଉପଭୋଗ କରନ୍ତି । ସୁବିଧା ମଧ୍ୟରେ ଏହା ହେଉଛି ଯେ ଅଧିବେଶନ କିମ୍ବା କମିଟି ବୈଠକ ଆରମ୍ଭ ହେବାର ୪୦ ଦିନ ପୂର୍ବରୁ ଏବଂ ନାଗରିକ ମାମଲା ଆରମ୍ଭ ହେବାର ୪୦ ଦିନ ପରେ ସଂସଦର ଜଣେ ସଦସ୍ୟଙ୍କୁ ଗିରଫ କରାଯାଇ ପାରିବ ନାହିଁ। ଏହା ହେଉଛି ଯେ ସେମାନେ କୌଣସି ପ୍ରତିବନ୍ଧକ ବିନା ସେମାନଙ୍କର ସଂସଦୀୟ କାର୍ଯ୍ୟ ସମ୍ପାଦନ କରିପାରିବେ। ଏହି ଅଧିକାରଗୁଡିକ ପୂର୍ବରୁ ସିଭିଲ୍ ପ୍ରୋସେସ୍, ୧୯୦୮ର ଧାରା ୧୩୫ଇ ଅଧୀନରେ ଅନ୍ତର୍ଭୁକ୍ତ । ନାଇଡୁ ଆହୁରି ମଧ୍ୟ କହିଛନ୍ତି ଯେ ଆଇନ ନିର୍ମାତା ଭାବରେ ଆଇନ ଏବଂ ଆଇନଗତ ପ୍ରକ୍ରିୟାକୁ ସମ୍ମାନ ଦେବା ଆମର ବାଧ୍ୟତାମୂଳକ କର୍ତ୍ତବ୍ୟ। ଏହା ସମସ୍ତ କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ।

## ଚୀନ୍ ସାମରିକ ଡ୍ରିଲ୍ସ ବାତିଲ୍ ପାଇଁ ଜାପାନର ଆହ୍ୱାନ

ଟୋକିଓ: ଜାପାନର ପ୍ରଧାନମନ୍ତ୍ରୀ ଶୁକ୍ରବାର ତାଇୱାନର ଚାରିପାଖରେ ସାମରିକ ଡ୍ରିଲ ସମୟରେ ଚୀନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପକୁ ନିନ୍ଦାକରି ତୁରନ୍ତ ଏହା ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଟୋକିଓ କହିଛି ଯେ ଚୀନର ପାଞ୍ଚଟି କ୍ଷେପଣାସ୍ତ୍ର ଦେଶର ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ପଡିଛି। ସୂଚନାଯୋଗ୍ୟ ଯେ ଟୋକିଓ ଏବଂ ବେଜିଂ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ବିବାଦର କେନ୍ଦ୍ରରେ ଥିବା ଦ୍ୱୀପପୁଞ୍ଜ ଭଳି ଜାପାନର ଦକ୍ଷିଣରେ ଥିବା ଓକିନାୱା ଅଞ୍ଚଳର କିଛି ଅଂଶ ତାଇୱାନର ନିକଟବର୍ତ୍ତୀ । ଜାପାନର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଏହାର ଉପକୂଳବର୍ତ୍ତୀ ଅଞ୍ଚଳରୁ ୨୦୦ ନଟିକାଲ୍ ମାଇଲ୍ ପର୍ଯ୍ୟନ୍ତ ଏହାର ଆଞ୍ଚଳିକ ଜଳର ସୀମା ଅତିକ୍ରମ କରିଛି । ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଆମେରିକାର ବାଚସ୍ପତି ନାନସୀ ପେଲୋସିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି ଯେ ଚୀନ୍‌ର କାର୍ଯ୍ୟକଳାପ ଏଥର ଆମ ଅଞ୍ଚଳ ତଥା ଆନ୍ତର୍ଜାତୀୟ ସମ୍ପ୍ରଦାୟର ଶାନ୍ତି ଏବଂ ସ୍ଥିରତା ଉପରେ ଗୁରୁତର ପ୍ରଭାବ ପକାଉଛି। ପେଲୋସି ଏସୀୟ ଭ୍ରମଣର ଅନ୍ତିମ ଚରଣରେ ଟୋକିଓରେ ଅଛନ୍ତି, ଯାହା ବେଜିଂକୁ କ୍ରୋଧିତ କରିଛି, ଯାହା ପ୍ରତିକ୍ରିୟାରେ ସ୍ୱ-ଶାସିତ ଦ୍ୱୀପ ଚାରିପାଖରେ ସର୍ବ ବୃହତ ସାମରିକ ଡ୍ରିଲ୍ ଆରମ୍ଭ କରିଛି । କିଶିଡା କହିଛନ୍ତି ଯେ ସେ ଏବଂ ପେଲୋସି ଉତ୍ତର କୋରିଆ, ଚୀନ୍ ଏବଂ ରୁଷ ସହ ଜଡିତ ରାଜନୈତିକ ପ୍ରସଙ୍ଗ ତଥା ଆଣବିକ ମୁକ୍ତ ବିଶ୍ୱ ପ୍ରତି ଉଦ୍ୟମ ବିଷୟରେ ଆଲୋଚନା କରିଛନ୍ତି।



## ୟୁରୋପୀୟ କୂଟନୀତିଜ୍ଞଙ୍କୁ ଚୀନ୍‌ର ସମନ

ବେଜିଂ : ଚାଇନା କହିଛି ଯେ ଜି -୭ ଦ୍ୱାରା ଜାରି ବିବୃତ୍ତି ତଥା ତାଇୱାନରେ ଏହାର ସାମରିକ ଅଭ୍ୟାସକୁ ୟୁରୋପୀୟ ୟୁନିଅନର ସମାଲୋଚନାକୁ ବିରୋଧ କରିବା କାରଣରୁ ୟୁରୋପୀୟ କୂଟନୀତିଜ୍ଞଙ୍କୁ ଡକାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ଶୁକ୍ରବାର କହିଛି ଯେ ଚୀନ୍‌ର ଆଭ୍ୟନ୍ତରୀଣ ବ୍ୟାପାରରେ ଅବାଞ୍ଛିତ ହସ୍ତକ୍ଷେପକୁ ନେଇ ବିରୋଧ କରାଯାଉଛି। ତାଇୱାନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଶୁକ୍ରବାର ସକାଳେ ଚୀନ୍ ତାଇୱାନ ଷ୍ଟ୍ରାଇଟକୁ ସାମରିକ ଜାହାଜ ଏବଂ ଯୁଦ୍ଧ ବିମାନ ପଠାଇଛି। ଦଶନ୍ଧି ଧରି ଚୀନ୍ ଏବଂ ତାଇୱାନ ମଧ୍ୟରେ ଏହା ଏକ ଅନଧିକୃତ 'ବଫର୍ ଜୋନ୍' ହୋଇଆସୁଛି । ଡେଙ୍ଗ କହିଛନ୍ତି ଯେ ଚୀନ୍ "ସମସ୍ତ ଉପାୟରେ ଏବଂ ଯେ କୌଣସି ମୂଲ୍ୟରେ ଦେଶକୁ ବିଭାଜନରୁ ନିବୃତ୍ତ କରିବ।" ଏହାପୂର୍ବରୁ ଗୁରୁବାର ଜି -୭ ଦେଶର ବିବୃତ୍ତିକୁ ବିରୋଧ କରି ଚୀନ୍ ଜାପାନ ସହିତ ବୈଦେଶିକ ମନ୍ତ୍ରୀଙ୍କ ବୈଠକକୁ ବାତିଲ କରିଦେଇଛି।

## ନାନସୀଙ୍କ ଉପରେ ପ୍ରତିବନ୍ଧ ଲଗାଇଲା ଚୀନ୍

ବେଜିଂ : ତାଇୱାନ ଗସ୍ତ ପାଇଁ ଚୀନ୍ ଆମେରିକାର ବାଚସ୍ପତି ନାନସୀ ପେଲୋସିଙ୍କ ଉପରେ ପ୍ରତିବନ୍ଧ ଘୋଷଣା କରିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଶୁକ୍ରବାର ଏକ ବିବୃତ୍ତିରେ କହିଛି ଯେ ବେଜିଂ ଦାବି କରୁଥିବା ସ୍ୱୟଂ ଶାସକ ଦ୍ୱୀପ ଗସ୍ତକୁ ନେଇ ପେଲୋସି ଚୀନର ଚିନ୍ତା ଏବଂ ବିରୋଧକୁ ଅଣଦେଖା କରିଛନ୍ତି। ଏହାପୂର୍ବରୁ ପେଲୋସି କହିଥିଲେ ଯେ ଚୀନ୍ ଆମେରିକାର ଅଧିକାରୀମାନଙ୍କୁ ତାଇୱାନ ଯାତ୍ରାକୁ ରୋକିପାରିବ ନାହିଁ। ଗତ ୨୫ ବର୍ଷ ମଧ୍ୟରେ ତାଇୱାନ ଗସ୍ତରେ ଆସିଥିବା ପେଲୋସି ଆମେରିକାର ସର୍ବୋଚ୍ଚ ଅଧିକାରୀ। ଚାଇନା ତାଇୱାନକୁ ଏହାର ଅଞ୍ଚଳ ବୋଲି ଦାବି କରିଛି ଏବଂ ବୈଦେଶିକ ସରକାର ସହ ଏହାର ସମ୍ପର୍କକୁ ବିରୋଧ କରୁଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଏକ ବିବୃତ୍ତିରେ ପେଲୋସିଙ୍କ ତାଇୱାନ ଗସ୍ତକୁ ଏକ ଉତ୍ତେଜନାମୂଳକ କାର୍ଯ୍ୟ ବୋଲି କୁହାଯାଇଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାନମାଇ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ସମୀର ମହତ୍ରେଙ୍କ ୬୪.୬୭ କୋଟି ଟଙ୍କାର ବ୍ୟାଙ୍କ ସଂପତ୍ତିକୁ ଅଚଳ କରିଦେଇଛି। କ୍ରିପ୍ଟୋ ଏକ୍ସଚେଞ୍ଜ ୱାଜିର୍‌ଏକ୍ସର ମାଲିକାନା ହକ୍ ଜାନମାଇ ଲ୍ୟାବ୍ ପାଖରେ ରହିଛି। ଇଡି ସମୀରଙ୍କ ଠିକଣାରେ ଚଢ଼ାଉ କରି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ସେହିପରି ଏବେ ଇଡି କିଛି ଇଣ୍ଡିଆନ୍ ନନ୍ ବ୍ୟାଙ୍କିଂ ଫାଇନାନ୍ସିଆଲ୍ କମ୍ପାନୀ ଓ ସେମାନଙ୍କ ଫିନ୍‌ଟେକ୍ ପାଟନର୍ସଙ୍କ ବିରୋଧରେ ମନି ଲଣ୍ଡ୍ରିଂ ମାମଲାର ଯାଞ୍ଚ କରୁଛି। ଏମାନେ ଗାଇଡ୍‌ଲାଇନ୍ ଉଲ୍ଲଂଘନ ସହ ବ୍ୟକ୍ତିଗତ ବିବରଣୀର ଦୁରୁପଯୋଗ କରିବା ଅଭିଯୋଗ ରହିଛି।

## ମିଳିତ ଗବେଷଣା ନିମନ୍ତେ ସୋଆ ଏବଂ ଆର୍‌ଏଫ୍‌ଆର୍‌ଏଫ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିବିଧ ବିଷୟରେ ଗବେଷଣା ଏବଂ ଶୈକ୍ଷିକ ସହଭାଗିତା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଓ ରିସର୍ଚ୍ଚ ଫର୍ ରିସର୍ଜେନ୍ସ ଫାଉଣ୍ଡେସନ୍ (ଆର୍‌ଏଫ୍‌ଆର୍‌ଏଫ୍) ମଧ୍ୟରେ ଏଠାରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ସ୍ୱେଚ୍ଛାସେବୀ ସଂଗଠନ ଭାରତୀୟ ଶିକ୍ଷଣ ମଣ୍ଡଳ ଦ୍ୱାରା ପ୍ରତିଷ୍ଠିତ ଆର୍‌ଏଫ୍‌ଆର୍‌ଏଫ୍‌ର ମୂଳ ଲକ୍ଷ୍ୟ ରହିଛି ଭାରତୀୟ ତତ୍ତ୍ୱକୁ ଗୁରୁତ୍ୱ ଦେଇ ଗବେଷଣା, ପ୍ରକ୍ରିୟା ଏବଂ ନୂତନ ଜ୍ଞାନକୌଶଳକୁ ଏକାଠି କରିବା। ସୋଆର ଉପକୁଳପତି ପ୍ରଫେସର (ଡ) ପ୍ରଦୀପ୍ତ କୁମାର ନନ୍ଦ ଓ ଭାରତୀୟ ଶିକ୍ଷଣ ମଣ୍ଡଳର ଜାତୀୟ ସାଂଗଠନିକ ସଚିବ ଶ୍ରୀ ମୁକୁଳ କାନିଟ୍‌କର୍ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ସୋଆ ସହ ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ଶ୍ରୀ କାନିଟ୍‌କର୍ କହିଛନ୍ତି ଯେ ଆର୍‌ଏଫ୍‌ଆର୍‌ଏଫ୍ ସୋଆକୁ ମିଶାଇ ଏ ପର୍ଯ୍ୟନ୍ତ ୧୯୪ଟି ବିଶ୍ୱବିଦ୍ୟାଳୟ ସହ ଚୁକ୍ତି କରି ସାରିଛି। ସେହିପରି ବିଭିନ୍ନ ଆଇଆଇଟି ସହ ମଧ୍ୟ ସହଯୋଗିତା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଗବେଷଣା କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନ ସହିତ ସହଯୋଗିତା କରାଯାଉଛି ବୋଲି ସେ କହିଛନ୍ତି । ସେ କହିଥିଲେ ଯେ ପରିବେଶ ଏବଂ କୃଷି କ୍ଷେତ୍ରରେ କୃଷକମାନେ ସାମ୍ନା କରୁଥିବା ବିପର୍ଯ୍ୟୟକୁ ଗୁରୁତ୍ୱ ଦିଆଯାଇ ଗବେଷଣା କରାଯିବ। ସେହିପରି ନିଜ ନଦୀକୁ ଜାଣନ୍ତୁ (ନୋ ୟୁଓର ରିଭର୍ସ) କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ଲକ୍ଷ ୪୦ ହଜାର ଛାତ୍ରଛାତ୍ରୀ ସାମିଲ ହୋଇଥିବା ବେଳେ ସେମାନେ ଦେଶର ନଦୀଗୁଡ଼ିକ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ସେ କହିଥିଲେ। ଇଞ୍ଜିନିୟରିଂ ଓ ମେଡିସିନ୍ ଠାରୁ ଆରମ୍ଭ କରି କୃଷି କ୍ଷେତ୍ର ପର୍ଯ୍ୟନ୍ତ ସୋଆରେ ବ୍ୟାପକ କ୍ଷେତ୍ରରେ ଶିକ୍ଷା ପ୍ରଦାନ କରାଯାଉଥିବାରୁ ବିବିଧ ବିଷୟକୁ ନେଇ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସୋଆ ଏକ ପ୍ରକୃଷ୍ଟ ସ୍ଥଳ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଫେସର ନନ୍ଦ ସୋଆ ପରିଚାଳିତ ୧୬ ଟି ଗବେଷଣା କେନ୍ଦ୍ର ଏବଂ ୫୮ ଟି ରିସର୍ଚ୍ଚ ଲାବୋରେଟୋରୀ ସମ୍ପର୍କରେ ତଥ୍ୟ ରଖିଥିଲେ। ବିଶେଷ କରି ସେ ନାନୋଟେକ୍ନୋଲୋଜି, ବାୟୋମେକାନିକ୍ସ ଏବଂ ବାୟୋ ମେଡିକାଲ୍ ରିସର୍ଚ୍ଚ ସମେତ କୃଷି କ୍ଷେତ୍ରରେ ପରିବେଶ କୈନ୍ଦ୍ରିକ ପରୀକ୍ଷଣ ସମ୍ପର୍କରେ ତଥ୍ୟ ରଖିଥିଲେ। ଶ୍ରୀ କାନିଟ୍‌କର୍ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ନନ୍ଦଙ୍କ ସମେତ ପ୍ରଫେସର ବସନ୍ତ କୁମାର ପତି ମଧ୍ୟ ବକ୍ତବ୍ୟ ରଖିଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଦିତ୍ୟବିର୍ଲା ପବ୍ଲିକ ସ୍କୁଲ, ଭୁବନେଶ୍ୱରର ନୂଆ ପ୍ରିନ୍ସିପାଲ ହେଲେ ଏଲ.ଏନ.ଦାଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଦିତ୍ୟବିର୍ଲା ପବ୍ଲିକ ସ୍କୁଲ, ଭୁବନେଶ୍ୱରର ପ୍ରିନ୍ସିପାଲ ଭାବେ ଶ୍ରୀ ଏଲ.ଏନ.ଦାଶ ନୂଆ ଯୋଗଦେଲେ। ଶ୍ରୀ ଦାଶ ଏବିପିଏସ୍ ରାୟଗଡାର ପୂର୍ବତନ ପ୍ରିନ୍ସିପାଲ ଏବଂ ଜଣେ ଶିକ୍ଷକ ଏବଂ ପ୍ରିନ୍ସିପାଲ ଭାବରେ ତାଙ୍କର ୨୫ ବର୍ଷର ସମୃଦ୍ଧ ଅଭିଜ୍ଞତା ରହିଛି। ଶ୍ରୀ ଦାଶ ତାଙ୍କ ସ୍ନାତକୋତ୍ତର ଶିକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ଇତିହାସରେ ସମାପ୍ତ କରିଥିଲେ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ.ଇଡି. ଯୋଗ୍ୟତା ହାସଲ କରିଥିଲେ। ତାଙ୍କ କ୍ୟାରିୟର ଏସସିବି ମେଡିକାଲ ପବ୍ଲିକ ସ୍କୁଲ, କଟକରେ ଇତିହାସ ବିଭାଗର ଜଣେ ଶିକ୍ଷକ ଭାବରେ ଆରମ୍ଭ ହୋଇଥିଲା ଏବଂ ପରେ ସେ ଡିଏଭି ସିନିୟର ସେକେଣ୍ଡାରୀ ସ୍କୁଲ, ରାଞ୍ଚି ଏବଂ ଡିପିଏସ୍ ନିଗାହି, ମଧ୍ୟପ୍ରଦେଶରେ ଶିକ୍ଷାଦାନ ଜାରି ରଖିଥିଲେ। ସେ ଏବିପିଏସ୍ ରାୟଗଡାରେ ୨୦୧୧ରେ ପ୍ରତିଷ୍ଠାତା ପ୍ରିନ୍ସିପାଲ ଭାବରେ ଯୋଗଦେଇଥିଲେ ଏବଂ ଅତ୍ୟନ୍ତ ଉତ୍କର୍ଷର ସହିତ କାର୍ଯ୍ୟକରି ସ୍କୁଲ ପାଇଁ ବହୁ ପ୍ରଶଂସା ଆଣିଥିଲେ। ଏବିପିଏସ୍ ରାୟଗଡାରେ ତାଙ୍କ କାର୍ଯ୍ୟକାଳ ସମୟରେ ସ୍କୁଲ କ୍ରୀଡାରେ ଜିଲ୍ଲା ଏବଂ ଜାତୀୟ ସ୍ତରରେ ବହୁ ପୁରସ୍କାର ଲାଭ କରିଥିଲା। ପ୍ରତିଷ୍ଠାତା ପ୍ରିନ୍ସିପାଲ ଭାବରେ ଶ୍ରୀ ଦାଶ ଦାୟିତ୍ୱନିଷ୍ଠ ଭାବରେ କାର୍ଯ୍ୟ କରିବା ସହିତ ସ୍କୁଲ ସିବିଏସ୍‌ଇ ବୋର୍ଡ ସହିତ ଅନୁବନ୍ଧିତ ହୋଇଥିଲା। ଶିକ୍ଷାର ବିକାଶ ନିମନ୍ତେ ଯୁଗାନ୍ତକାରୀ ପ୍ରୟାସ ନିମନ୍ତେ ସେ ୨୦୧୯-୨୦ ବର୍ଷରେ ଏସଓଏଫ୍‌ର ଦି ଏକାଡେମିକ କାଉନସିଲ ନିକଟରୁ ଶ୍ରେଷ୍ଠ ପ୍ରିନ୍ସିପାଲ ପୁରସ୍କାର ଗ୍ରହଣ କରିଥିଲେ।

## ଯୋଡାରେ ଏୟାରଟେଲ ଏକ୍ସଟ୍ରିମ୍ ନେଟ୍‌ର ଶୁଭାରମ୍ଭ

ଯୋଡା, (ଭାସ୍କର ନ୍ୟୁଜ୍) : ପୂର୍ବ ଯୋଡା ଠାରେ ଶୁକ୍ରବାର ପୂର୍ବାହ୍ନରେ ଏୟାରଟେଲ ଏକ୍ସଟ୍ରିମ୍ ନେଟର ଶୁଭାରମ୍ଭ ହୋଇଯାଇଛି । ଏହାକୁ ଯୋଡା ନଗରପାଳ ଡଃ ଜଗଦିଶ ପ୍ରସାଦ ସାହୁ ଆନୁଷ୍ଠାନୀକ ଭାବେ ଫିତା କାଟି ଶୁଭାରମ୍ଭ କରିଛନ୍ତି । ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେପି ନଗର ସଭାପତି ସୁଶାନ୍ତ କୁମାର ବେବର୍ତ୍ତା, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ପ୍ରମୁଖ ଯୋଗଦେଇଥିଲେ । ପ୍ରଥମ ଥର ପାଇଁ ଯୋଡା ସହରରେ ଏହି ନେଟୱାର୍କର ପ୍ରସାର ଅପ୍ଟିକାଲ ଫାଇବର କେବୁଲ ଯୋଗେ କରାଯାଇଛି । ଅନ୍ୟ ନେଟୱାର୍କ ତୁଳନାରେ ଏହାର ବେଗ ସର୍ବାଧିକ ୩ଶହ ଏମ୍‌ବିପିଏସ୍ ରହିବ ବୋଲି ଏହି ସଂସ୍ଥାର ଯାନ୍ତ୍ରୀକ ପରାମର୍ଶଦାତା ସୂଚନା ଦେଇଛନ୍ତି। ଏହା କାର୍ଯ୍ୟକାରି ହେଲେ ଅନଲାଇନ ପାଠପଢା, ଅନଲାଇନ ବୈଠକ ବିନା ବାଧକରେ ଚାଲିପାରିବା ସହ ଏହାର ଡାଟା ସମ୍ପୂର୍ଣ୍ଣ ଭାବେ ଅସୀମ ରହିବ ବୋଲି ସୂଚନା ମିଳିଛି।

## ଟିଭିଏସ୍ ରୋନିନ୍ ଉନ୍ମୋଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱସ୍ତରରେ ଦୁଇ ଚକିଆ ଓ ତିନି ଚକିଆ ଯାନର ଲୋକପ୍ରିୟ ନିର୍ମାତା ଟିଭିଏସ୍ ମୋଟର କଂପାନି ପକ୍ଷରୁ ଶିଳ୍ପ ପ୍ରଥମ ଆଧୁନିକ-ରେଟ୍ରୋ ମୋଟରସାଇକଲ-ଟିଭିଏସ୍ ରୋନିନ୍‌କୁ ଭୁବନେଶ୍ୱରରେ ଉନ୍ମୋଚନ କରି କଂପାନି ପ୍ରିମିୟମ୍ ଲାଇଫଷ୍ଟାଇଲ୍ କ୍ଷେତ୍ରରେ ପ୍ରବେଶ କରିଛି। ମୂଳରୁ ଡିଜାଇନ୍ କରାଯାଇଥିବା ଟିଭିଏସ୍ ରୋନିନ୍ ହେଉଛି ଏକ ଲାଇଫଷ୍ଟାଇଲ୍ ଷ୍ଟେଟମେଂଟ୍ ଯାହା ଆଧୁନିକ ଓ ନୂଆ ପିଢ଼ିର ଚାଳକଙ୍କଠାରୁ ପ୍ରେରଣା ହାସଲ କରିଛି। ଏକ ଅଲିଖିତ ଜୀବନଶୈଳୀର ପ୍ରସାର କରିବା ଲାଗି ଟିଭିଏସ୍ ରୋନିନ୍‌କୁ ଷ୍ଟାଇଲ, ପ୍ରଯୁକ୍ତି ଓ ଗାଡ଼ି ଚାଳନା ଅନୁଭୂତି ସହ ଡିଜାଇନ୍ କରାଯାଇଛି। ଟିଭିଏସ୍ ରୋନିନ୍‌ର ବିବିଧ ସୁବିଧା ସୁଯୋଗ ସହିତ ସ୍ୱତନ୍ତ୍ର ଡିଜାଇନ୍ ଓ ଆଧୁନିକ ପ୍ରଯୁକ୍ତି ସବୁ ପ୍ରକାର ରାସ୍ତାରେ ଚାପ ମୁକ୍ତ ଗାଡ଼ି ଚାଳନା ଅନୁଭୂତିକୁ ନିଶ୍ଚିତ କରିବ। ଆକର୍ଷଣୀୟ ପ୍ରଯୁକ୍ତି ଓ ଡୁଆଲ ଚ୍ୟାନେଲ୍ ଏବିଏସ୍., ଭଏସ୍ ଆସିଷ୍ଟାଂଟ୍ ଓ ଉନ୍ନତ କେନକ୍ଟିଭିଟି (ସଂଯୋଗ) ଭଳି ସୁବିଧା ସୁଯୋଗ ସହ ଏହି ମୋଟରସାଇକଲରେ ବହୁ କିଛି ସୁବିଧା ପ୍ରଥମ ଥର ବ୍ୟବହାର କରାଯାଇଛି। ଟିଭିଏସ୍ ମୋଟର କଂପାନିର ପ୍ରିମିୟମ୍ ବ୍ୟବସାୟ ମୁଖ୍ୟ ଶ୍ରୀ ବିମଳ ସୁମ୍ବଲି କହିଛନ୍ତି ଯେ, "ବିଶ୍ୱ ସ୍ତରରେ ମୋଟରସାଇକଲ୍ ଚାଳନା ବଦଳୁଛି। ଏହା କାର୍ଯ୍ୟର ଉଦ୍ଦେଶ୍ୟ ସାଧନ କରିବା ଠାରୁ ଆଗକୁ ବଢ଼ି ଆତ୍ମ ପ୍ରକାଶ, ସ୍ୱାଧୀନତା ଓ ଅନୁସନ୍ଧାନ ପାଇଁ ଆଗ୍ରହ ପର୍ଯ୍ୟନ୍ତ ପହଂଚିଛି। ଅଲିଖିତ ଯାତ୍ରା ଆରମ୍ଭ କରିବା ଲାଗି ଆମ ଗ୍ରାହକମାନଙ୍କ ଆବଶ୍ୟକତା ଦ୍ୱାରା ଅନୁପ୍ରାଣିତ ହୋଇ ଟିଭିଏସ୍ ରୋନିନ୍ ଚିରାଚରିତ ଢ଼ାଂଚା, ଡେଟେଡ୍ କୋଡ୍ ଓ ଲିଗାସି ବ୍ୟାଗେଜ୍ ମୁକ୍ତ ଏକ ଉଦୀୟମାନ ଜୀବନଶୈଳୀ ଭିତିକ ନୂଆ କ୍ଷେତ୍ର ସୃଷ୍ଟି କରିବ।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଶୁଭ୍ରକାନ୍ତ ପଣ୍ଡାଙ୍କ ସାକ୍ଷାତ



ନୂଆଦିଲ୍ଲୀ: ଫିକି ଇଣ୍ଡିଆର ସିନିଅର ଭାଇସ୍ ପ୍ରେସିଡେଣ୍ଟ ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ନୂଆଦିଲ୍ଲୀଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରିଛନ୍ତି। ଉକ୍ତ ବୈଠକରେ ବିଶିଷ୍ଟ ଶିଳ୍ପପତି ସନ୍ଦୀପ ସୋମାନି, ହର୍ଷପତି ସିଂଘାଣିଆ ଏବଂ ଫିକିର ଡିରେକ୍ଟର ଜେନେରାଲ ଅରୁଣ ଚାୱ୍‌ଲା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କଠିନ ସମୟ ମଧ୍ୟରେ ଅର୍ଥନୀତିର ସଫଳ ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ରମନ୍ତ୍ରୀ ସୀତାରମଣଙ୍କୁ ପ୍ରଶଂସା କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରସ୍ତାବ ରଖିଥିଲେ।

## ଟିପିଏସ୍‌ଓଡିଏଲ୍ କଲ୍ ସେଣ୍ଟର୍ ଗ୍ରାହକ ସେବାରେ ଉନ୍ନତି



ବ୍ରହ୍ମପୁର(ଭାସ୍କର ନ୍ୟୁଜ୍) : ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ୨୦୨୧ ଏପ୍ରିଲ୍ ୧ରେ ଏକ କଲ୍ ସେଂଟର୍ ସ୍ଥାପନ କରାଯାଇଥିଲା ଓ ତାହା ବର୍ତ୍ତମାନ ୨୪ ଘଂଟା କାର୍ଯ୍ୟ କରୁଛି। ଏହା ଗ୍ରାହକମାନଙ୍କ ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟ କରିଛି। ଏହି କ୍ଲାଉଡ୍ ଭିତିକ କଲ୍ ସେଂଟର୍‌ରେ ସାମିଲ ରହିଛି ଆଇଭିଆର୍, କଲ୍ ରେକର୍ଡିଂ, କନଫରେନ୍ସିଂ ଓ ଜିଏସ୍‌ଏମ୍ ଓ୍ୟାରଲେସ୍ / ଆଇପି ଫୋନ୍ ସହିତ ହେଡ୍‌ସେଟ୍। ଏହା ଶୁଭାରମ୍ଭ ହେବା ପରଠାରୁ କଲ୍ ସେଂଟରଟି ୬ ଲକ୍ଷରୁ ଅଧିକ କଲ୍ ଗ୍ରହଣ ଓ ପରିଚାଳନା କରିଛି । ସମସ୍ତ ବାଧ୍ୟତାମୂଳକ ବିବରଣୀ ସହିତ ସିଆର୍‌ଏମ୍ ଆପ୍ଲିକେସନ ଜରିଆରେ ଗ୍ରାହକଙ୍କ ଅଭିଯୋଗ ଓ ପ୍ରଶ୍ନକୁ ରେକର୍ଡ କରାଯାଉଛି। ଗ୍ରାହକମାନଙ୍କ ଭାଷା ଅଗ୍ରାଧିକାର ଅନୁସାରେ ଏହି କଲ୍ ସେଂଟର୍‌ରେ ବିବିଧ ଭାଷା ଆଇଭିଆର୍ (ଓଡ଼ିଆ, ଇଂରାଜି ଓ ହିନ୍ଦୀ) ରହିଛି। ୨୦୨୧ ଏପ୍ରିଲ୍‌ରେ ଏହି କଲ୍ ସେଂଟର୍ ୨୫ ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିଲା ବେଳେ କଲ୍ ସଂଖ୍ୟାର ଅନୁଶୀଳନ ପରେ ଆବଶ୍ୟକତା ଯୋଗୁଁ ସେହି ସଂଖ୍ୟା ଏବେ ୯୦କୁ ବୃଦ୍ଧି ପାଇଛି।

ଭୁବନେଶ୍ୱର, (ଭାସ୍କର ନ୍ୟୁଜ) : ଅଲ୍ଟିମେଟ୍ ଖୋ ଖୋ ସିଜନ-୧ର ଉଦ୍‌ଘାଟନୀ ମ୍ୟାଚ୍ ଚଳିତ ମାସ ୧୪ ତାରିଖରେ ଆୟୋଜିତ ହେବ। ଏହି ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଖିଲାଡିସ୍-ଗୁଜରାଟ ଜାଏଣ୍ଟସ୍ ଖେଳିବେ। ଏହାପରେ ଚେନ୍ନାଇ କ୍ୱିକ୍ ଗନ୍‌ସ-ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ଦିବସ ଅର୍ଥାତ୍ ସ୍ୱାଧୀନତା ଦିବସରେ ଦର୍ଶକମାନେ ରାଜସ୍ଥାନ ୱାରିଅର୍ସ-ଓଡିଶା ଜଗର୍ନଟ୍‌ସ ମଧ୍ୟରେ ଏବଂ ମୁମ୍ବାଇ ଖିଲାଡିସ୍-ଚେନ୍ନାଇ କ୍ୱିକ୍ ଗନ୍‌ସ ମଧ୍ୟରେ ମ୍ୟାଚ୍ ଦେଖିପାରିବେ। ଖୋଖୋ ଫେଡେରେସନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଡାବର ଇଣ୍ଡିଆର ଅଧ୍ୟକ୍ଷ ଅମିତ୍ ବର୍ମନ୍ ?ଙ୍କ ଦ୍ୱାରା ଅଲ୍ଟିମେଟ୍ ଖୋଖୋ ପରିଚାଳିତ ହେଉଛି। ୬ ଦଳକୁ ନେଇ ଏହି ପ୍ରତିଯୋଗିତାର ପ୍ରଥମ ସିଜନ୍ ମହାରାଷ୍ଟ୍ରର ପୁନେସ୍ଥିତ ମହାଲୁଙ୍ଗେର ଶିବ୍ ଛତ୍ରପତି ସ୍ପୋର୍ଟସ୍ କଂପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ୍ ହଲ୍‌ରେ ଅନୁଷ୍ଠିତ ହେବ।

## ରୋପ୍ୟ ଜିତିଲେ ଅଂଶୁ ମଲ୍ଲିକ



ବର୍ମିଂହାମ: ଏଠାରେ ଚାଲିଥିବା ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଶୁକ୍ରବାର ଅକ୍ତିଆର କରିଛି ଆଉ ୨ ପଦକ। ପୁରୁଷ ୬୫ କେଜି ବର୍ଗରେ ବଜରଙ୍ଗ ପୁନିଆ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ମହିଳା ୫୭ କେଜି ବର୍ଗରେ ଅଂଶୁ ମଲ୍ଲିକ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଭାରତର ଅନ୍ୟତମ ରେସଲର ଦୀପକ ପୁନିଆ ଓ ସାକ୍ଷୀ ମଲ୍ଲିକ ମଧ୍ୟ ଭାରତ ପାଇଁ ପଦକ ଆଣିବା ସୁନିଶ୍ଚିତ କରିଛନ୍ତି। ଭାରତ ଏ ପର୍ଯ୍ୟନ୍ତ ୭ ସ୍ୱର୍ଣ୍ଣ, ୮ ରୋପ୍ୟ ଏବଂ ୭ କାଂସ୍ୟ ପଦକ ହାସଲ କରିଛି।

## ସାଫ୍ ଫୁଟବଲ୍: ଭାରତ ଚାମ୍ପିୟନ୍

ଭୁବନେଶ୍ୱର, (ଭାସ୍କର ନ୍ୟୁଜ) : କଳିଂଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ ଫୁଟବଲ ଚାମ୍ପିୟାନସିପର ଫାଇନାଲ୍‌ରେ ବାଂଲାଦେଶକୁ ୫-୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି ଭାରତ। ଭାରତ ପକ୍ଷରୁ ଗୁରକିରତ ସିଂ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିବା ସହ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ହିମାଂଶୁ ଜାଙ୍ଗରା ମଧ ଗୋଟିଏ ଗୋଲ ସ୍କୋର କରିଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମ୍ୟାଚକୁ ଶୁଭାରମ୍ଭ କରି ମ୍ୟାଚ୍‌କୁ ଉପଭୋଗ କରିଥିଲେ।

ପ୍ରଥମ ହାଫ ସୁଦ୍ଧା ଭାରତ ଓ ବାଂଲାଦେଶ ୧-୧ରେ ସମାନ ସ୍ଥିତିରେ ଥିଲେ। ସେହିପରି ଦ୍ୱିତୀୟ ହାଫରେ ମଧ ଉଭୟ ଟିମ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ରେ ରହିଥିଲେ। ଫଳରେ ଆଉ ୩୦ ମିନିଟ ଅଧିକ ସମୟ ମିଳିଥିଲା।



ସାଫ୍ ଫୁଟବଲ୍ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ତେବେ ଭାରତ ପକ୍ଷରୁ ଲଗାତର ଆଟାକିଙ୍ଗ ଖେଳ ଦେଖିବାକୁ ମିଳିଥିଲା ଏବଂ ଏକ୍‌ଷ୍ଟ୍ରା ଟାଇମରେ ଭାରତ ୩ଟି ଗୋଲ ସ୍କୋର କରି ୫-୨ରେ ବିଜୟ ହାସଲ କରିଛି। ଚଳିତ ବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଟ୍ରଫି ହାତେଇବା ସହ ଲଗାତର ଦ୍ୱିତୀୟ ସାଫ ଚାମ୍ପିୟାନସିପ ଟ୍ରଫି ଅକ୍ତିଆର କରିଛି। ୨୦୧୯ରେ ସାଫ ଚାମ୍ପିୟାନସିପରେ ମଧ ଭାରତ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା।

## ଐତିହାସିକ ସ୍ୱର୍ଣ୍ଣ ଜିତିଲେ ସୁଧୀର

ବର୍ମିଂହାମ: ଭାରତୀୟ ପାରା ୱେଟଲିଫ୍ଟର ସୁଧୀର ଏଠାରେ ଚାଲି ଥିବା ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ଜିତିଲେ ଐତିହାସିକ ସ୍ୱର୍ଣ୍ଣ ପଦକ। ଗତକାଲି ଅନୁଷ୍ଠିତ ପୁରୁଷ ପାରା ହେଭିୱେଟ କ୍ୟାଟେଗୋରୀ ଫାଇନାଲରେ ସୁଧୀର ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ମୋଟ ୨୧୨ କେଜି ଓଜନ ଉତ୍ତୋଳନ କରି ଏହି ସଫଳତା ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡାରେ ସୁଧୀର ଭାରତ ପାଇଁ ପ୍ରଥମ ତଥା ଐତିହାସିକ ସ୍ୱର୍ଣ ପଦକ ଜିତି ଥିବାରୁ କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ଅଭିନନ୍ଦନ ଜଣାଇଛନ୍ତି। ଫାଇନାଲରେ ସୁଧୀର ଗେମ୍ସ ରେକର୍ଡ ୧୩୪,୫ ପଏଣ୍ଟ ହାସଲ ସହିତ ସ୍ୱର୍ଣ୍ଣ ପାଇଥିବା ବେଳେ ନାଇଜେରିଆର ଇକେଚୁକୱୁ ଓବିଚୁକୱୁ ୧୩୩.୬ ପଏଣ୍ଟ ସହିତ ରୌପ୍ୟ ପଦକ ପାଇଛନ୍ତି। ଏହା ସହିତ ଭାରତୀୟ ମହିଳା ପାରା ଆଥଲେଟ ଭାବିନା ପଟେଲ ଭାରତ ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ହାସଲ ନିଶ୍ଚିତ କରିଛନ୍ତି। ପାରା ଟେବୁଲ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଭାବିନା ପଟେଲ ଇଂଲଣ୍ଡର ସ୍ୟୁଏ ବେଲୟେଙ୍କୁ ୧୧-୬,୧୧-୬,୧୧-୬ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଭାରତର ଅନ୍ୟ ସମସ୍ତ ପାରା ଆଥଲେଟ ଏହି ଇଭେଣ୍ଟର ଅନ୍ୟ ମ୍ୟାଚରେ ପରାଜୟ ସ୍ୱୀକାର କରିଛନ୍ତି।



## ମୁରଲୀ ଶ୍ରୀଶଙ୍କର ଓ ସୁଧୀରଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇଂଲଣ୍ଡର ବର୍ମିଂହାମ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡାର ଲଙ୍ଗଜମ୍ପରେ ରୌପ୍ୟପଦକ ବିଜୟୀ ହୋଇଥିବା ମୁରଲୀ ଶ୍ରୀଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ସେ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି କାମନା କରିଛନ୍ତି। ସେହିପରି ରାଜ୍ୟ ଗୋଷ୍ଠୀ କ୍ରୀଡାର ପୁରୁଷ ପାରା ପାୱାର ଲିଫ୍ଟିଂରେ ସ୍ୱର୍ଣ୍ଣ ପଦକ ବିଜୟୀ ସୁଧୀରଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କର ସଫଳତା କାମନା କରିଛନ୍ତି।

## ଇତିହାସ ରଚିଲେ କୃଷକଙ୍କ ଝିଅ ରୁପାଲ

କେଲି: ଭାରତୀୟ ମହିଳା ଆଥଲେଟ ରୁପାଲ ଚୌଧୁରୀ ଏଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ ବିଶ୍ୱ ଆଥଲେଟିକ ଚାମ୍ପିଅନଶିପରେ ରଚିଲେ ନୂଆ ଇତିହାସ। ପ୍ରଥମ ଭାରତୀୟ ଆଥଲେଟ ଭାବେ ଏହି ବିଶ୍ୱ ଚାମ୍ପିଅନଶିପରେ ଜିତିଲେ ଦୁଇ ପଦକ। ପୂର୍ବରୁ ଅନ୍ୟ କୌଣସି ଭାରତୀୟ ଆଥଲେଟ ଏହି ଚାମ୍ପିଅନଶିପରେ ଦୁଇ ପଦକ ଜିତି ପାରି ନ ଥିଲେ। ରୁପାଲ ପ୍ରଥମ ଭାରତୀୟ ଆଥଲେଟ ଭାବେ ମହିଳା ୪ଗୁଣା ୪୦୦ ମିଟର ରିଲେ ଇଭେଣ୍ଟରେ ରୌପ୍ୟ ଓ ୪୦୦ ମିଟର ରେସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଦୂରତ୍ୱକୁ ରୁପାଲ ୫୧.୮୫ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ପାଇ ଥିବା ବେଳେ ଗ୍ରେଟ ବ୍ରିଟେନର ୟେମି ମେରୀ ଜନ ୫୧.୫୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ସହିତ ସ୍ୱର୍ଣ୍ଣ ପଦକ ହାସଲ କରି ଥିବା ବେଳେ କେନିୟାର ଡାମାରିସ ମୁତୁଙ୍ଗା ୫୧.୭୧ ସେକେଣ୍ଡରେ ଏହି ଦୂରତ୍ୱ ଅତିକ୍ରମ କରିବା ସହ ରୌପ୍ୟ ପଦକ ପାଇଛନ୍ତି। ସୂଚନା ଯୋଗ୍ୟ ଯେ ଭାରତର ଅନ୍ୟତମ ମହିଳା ଆଥଲେଟ ହୀମା ଦାସ ୨୦୧୮ରେ ଫନଲାଣ୍ଡରେ ଅନୁଷ୍ଠିତ ୨୦ ବର୍ଷ;ରୁ କମ ବିଶ୍ୱ ଆଥଲେଟିକ୍ ଚାମ୍ପିଅନଶିପରେ ପ୍ରଥମ ଭାରତୀୟ ମହିଳା ଆଥଲେଟ ଭାବେ ୪୦୦ ମିଟର ରେସକୁ ୫୧.୪୬ ସେକେଣ୍ଡ ସମୟରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। ସେହିପରି ଚଳିତ ବିଶ୍ୱ ଚାମ୍ପିଅନଶିପର ମହିଳା ୪ଗୁଣା ୪୦୦ମିଟର ରିଲେରେ ଭାରତୀୟ ଦଳ ଏସିଆ ଜୁନିୟର ରେକର୍ଡ ସହିତ ୩ ମିନିଟ ୧୭.୭୬ ସେକେଣ୍ଡ ସମୟ ନେଇ ଥିବା ବେଳେ ଆମେରିକା ଏହି ଇଭେଣ୍ଟରେ ପ୍ରଥମ ସ୍ଥାନ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସୂଚନା ଯୋଗ୍ୟ ଯେ ୧୭ ବର୍ଷୀୟା ରୁପାଲ ଚୌଧୁରୀ ଉତ୍ତର ପ୍ରଦେଶର ଶାହପୁର ଜୈନପୁର ଗ୍ରାମର ଏକ କୃଷକ ପରିବାରରେ ଜନ୍ମ ହୋଇ ନିଜର ନିଷ୍ଠା ବଳରେ ଆଜି ଜୁନିୟର ବିଶ୍ୱ ଆଥଲେଟିକ ଚାମ୍ପିଅନଶିପରେ ପ୍ରଥମ ଭାରତୀୟ ଆଥଲେଟ ଭାବେ ଦୁଇ ପଦକ ହାସଲ କରିଛନ୍ତି। ଚଳିତ ବର୍ଷ ଏଠାରେ ଅନୁଷ୍ଠିତ ଜାତୀୟ ୨୦ ବର୍ଷରୁ କମ ଫେଡେରେସନ କପ ଆଥଲେଟିକ ଚାମ୍ପିଅନଶିପର ମହିଳା ୪୦୦ ମିଟର ଇଭେଣ୍ଟରେ କର୍ଣ୍ଣାଟକର ପ୍ରି-ରେସ ଫେବରିଟ୍ ପ୍ରିୟା ମୋହନଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଅକ୍ତିଆର କରି ଥିଲେ। ରେସ ଇଣ୍ଟେରେ ଉଲ୍ଲେଖ ଯୋଗ୍ୟ ଯେ ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ତଥା ନିକଟରେ ଆମେରିକାରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ ଚାମ୍ପିଅନଶିପର ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ଜିତି ଥିବା ନିରଜ ଚୋପ୍ରା ୨୦୧୬ରେ ପୋଲାଣ୍ଡରେ ଅନୁଷ୍ଠିତ ୨୦ ବର୍ଷରୁ କମ ବିଶ୍ୱ ଆଥଲେଟିକ ଚାମ୍ପିଅନଶିପରେ ପ୍ରଥମ ଭାରତୀୟ ଆଥଲେଟ ଭାବେ ସ୍ୱର୍ଣ୍ଣ ପଦକ ଜିତି ଥିଲେ। ତେବେ ୨୦୨୧ରେ କେନିଆର ନାଇରୋବିରେ ଅନୁଷ୍ଠିତ ଜୁନିୟର ବିଶ୍ୱ ଆଥଲେଟିକ୍ ଚାମ୍ପିଅନଶିପରେ ଭାରତ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇ ଥିବା ବେଳେ ୨୦ ବର୍ଷରୁ କମ ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିଅନଶିପରେ ଭାରତ ଆଜି ପର୍ଯ୍ୟନ୍ତ ମୋଟ ୯ ପଦକ ହାସଲ କରିଛି।



## ଶ୍ରେୟସ ଆୟାରଙ୍କ ଉପରେ ଅଧିକ ନଜର

ଭାରତୀୟ ଟି-୨୦ ଦଳର ଯୁବ ବ୍ୟାଟର ଶେୟସ ଆୟାରଙ୍କୁ ନେଇ ଚୟନକର୍ତ୍ତା ବିଶେଷ ଚିନ୍ତାରେ ଅଛନ୍ତି। କାରଣ ଦିନିକିଆ ଫର୍ମାଟରେ ତାଙ୍କର ପ୍ରଦର୍ଶନ ସନ୍ତୋଷ ଜନକ ହୋଇ ପାରୁ ଥିବା ବେଳେ ଟି-୨୦ ଫର୍ମାଟରେ ସଫଳ ହୋଇ ପାରୁ ନାହାନ୍ତି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଟି-୨୦ ବିଶ୍ୱକପ ପାଇଁ ଗଠିତ ହେବାକୁ ଥିବା ଭାରତୀୟ ଦଳରେ ଆୟାରଙ୍କୁ ନେବା ପାଇଁ ଆଗ୍ରହୀ ଥିଲେ ହେଁ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ତାଙ୍କର ପ୍ରଦର୍ଶନ ଏ ପର୍ଯ୍ୟନ୍ତ ଆଖି ଦୃଶିଆ ହୋଇ ପାରିନି। ପ୍ରଥମ ତିନି ମ୍ୟାଚରେ ସେ ୦,୧୦(୧୧ ବଲ) ଓ ୨୪(୨୭ ବଲ)ରନ କରିଛନ୍ତି। ମୁଖ୍ୟତଃ ସେ ଫାଷ୍ଟ ଆଣ୍ଡ ରାଇଜିଂ ଡେଲିଭରି ବଲକୁ ଠିକରେ ଖେଳି ପାରୁ ନାହାନ୍ତି। ସେହିପରି ସଟ୍ ପିଚ ବଲ ଖେଳିବାରେ ସେ ମଧ୍ୟ ସମସ୍ୟାରେ ପଡୁଛନ୍ତି। ତଥାପି ମୁଖ୍ୟ କୋଚ ତାଙ୍କୁ ଏକାଧିକ ସୁଯୋଗ ଦେଇ ଚାଲିଛନ୍ତି। କାରଣ କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ ମ୍ୟାଚରେ କୌଣସି ଖେଳାଳିଙ୍କ ଖରାପ ପ୍ରଦର୍ଶନକୁ ନେଇ କୋଚ ଦ୍ରାବିଡ ବିଶେଷ କଠୋର ପଦକ୍ଷେପ ନେଉ ନାହାନ୍ତି। ତେଣୁ ଖରାପ ପ୍ରଦର୍ଶନ ସତ୍ତ୍ୱେ ଆୟାରଙ୍କୁ ଗତ ଅଢ଼େଇ ମାସ ମଧ୍ୟରେ ୯ ଟି-୨୦ ମ୍ୟାଚ ଖେଳିବା ସୁଯୋଗ ଦେଇଛନ୍ତି। ତଥାପି ଫର୍ମକୁ ଫେରି ପାରୁ ନାହାନ୍ତି। ଏହି ୯ ମ୍ୟାଚ ମଧ୍ୟରେ ଆୟାର ଗୋଟିଏ ଅର୍ଦ୍ଧଶତକ ମଧ୍ୟ ହାସଲ କରି ପାରି ନାହାନ୍ତି। ତେଣୁ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜର ଶେଷ ଦୁଇ ମ୍ୟାଚ ଆୟାରଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ନଚେତ ଆଉ ଅଳ୍ପ ଦିନ ପରେ ଅନୁଷ୍ଠିତ ହେବାକୁ ଥିବା ଏସିଆ କପରେ ଆୟାର ନିଜର ଦକ୍ଷତା ପ୍ରତିପାଦନ କରିବାକୁ ପଡିବ। ନଚେତ ଆଗାମୀ ଟି-୨୦ ବିଶ୍ୱକପ ଖେଳିବା ତାଙ୍କ ପାଇଁ କଷ୍ଟକର ହୋଇ ପଡିବ ବୋଲି ଚୟନକର୍ତ୍ତା ଅନୁମାନ କରୁଛନ୍ତି।



### ୱେଷ୍ଟଇଣ୍ଡିଜ ବିପକ୍ଷ ଚତୁର୍ଥ ଟି-୨୦ ମ୍ୟାଚ

## ବିଜୟ ସହ ସିରିଜ ଜିତିବା ଲକ୍ଷ୍ୟରେ ଭାରତ

ଲାଉଡେରହିଲ(ଫ୍ଲୋରିଡା): ଭାରତ-ୱେଷ୍ଟଇଣ୍ଡିଜ ଚଳିତ ଟି-୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚ ଶନିବାର ଦିନ ଏଠାରେ ଅନୁଷ୍ଠିତ ହେବ। ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜର ତିନି ମ୍ୟାଚ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇ ସାରିଛି। ଏଥିରେ ଭାରତ ୨-୧ରେ ଆଗୁଆ ରହିଛି। ତେଣୁ ଆଉ ଗୋଟିଏ ମ୍ୟାଚ ଜିତିଲେ ଭାରତ ସିରିଜ କବଜା କରିବ। ତେବେ ସିରିଜ ବିଜୟ ଅପେକ୍ଷା ସବୁ ମ୍ୟାଚରେ ଭାରତର ପ୍ରଦର୍ଶନ ଉପରେ ବିସିସିଆଇ ଚୟନ କର୍ତ୍ତା ନଜୀ ରଖିଛନ୍ତି। କାରଣ ଏହି ସିରିଜ ସମାପ୍ତ ହେବା ପରେ ଚେତନ ଶର୍ମାଙ୍କ ନେତୃତ୍ୱରେ ପରିଚାଳିତ ଖେଳାଳି ଚୟନକମିଟି ଆଗାମୀ ଟି-୨୦ ବିଶ୍ୱକପ ପାଇଁ ଦଳ ଗଠନ ପ୍ରକ୍ରିୟା ଆରମ୍ଭ କରିବେ। ତେଣୁ ଏହି ସିରିଜର ଫଳାଫଳ ଓ ସମସ୍ତ ଖେଳାଳିଙ୍କର ପ୍ରଦର୍ଶନକୁ ବିଚାର କରି ଚୟନକମିଟି ବିଶ୍ୱକପ ଦଳ ଗଠନ ନେଇ ପ୍ରସ୍ତୁତି ଆରମ୍ଭ କରିବେ। ତେବେ ଆମେରିକାରେ ଏହି ସିରିଜର ଅବଶିଷ୍ଟ ଦୁଇ ମ୍ୟାଚ ଅନୁଷ୍ଠିତ ହେବା ପାଇଁ ଥିବାରୁ ଏଠାକାର ପ୍ରବାସୀ ଭାରତୀୟ ମାନେ ସୀମିତ ଓଭର ସିରିଜର ମଜା ଉଠାଇବା ଲକ୍ଷ୍ୟରେ ରହିଛନ୍ତି।

## ନିଖିଳ ଓଡିଶା ଗୋଲଡେନ କିଙ୍ଗ୍ ସ୍ନୁକର ଚାମ୍ପିଅନଶିପ ଉଦ୍‌ଯାପିତ




କଟକ(ଭାସ୍କର ନ୍ୟୁଜ): ସ୍ଥାନୀୟ ଗୋଲଡେନ କିଙ୍ଗ ସ୍ନୁକର ସେଣ୍ଟର ପକ୍ଷରୁ ଚଳିତ ବର୍ଷ ଅନୁଷ୍ଠିତ ହୋଇ ଯାଇଛି ସ୍ନୁକର ଚାମ୍ପିଅନଶିପ। ଗୋଲଡେନ କିଙ୍ଗ ଟାଇଟଲ ପାଇଁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୨ ପ୍ରତିଯୋଗୀ ଅଂଶ ଗ୍ରହଣ କରି ଥିବା ବେଳେ ଏହି ଚାମ୍ପିଅନଶତନର ଟପ୍ ସିଡେଡ୍ ଖେଳାଳି ଭାବେ ବିବେଚିତ ହୋଇଛନ୍ତି ସୁବ୍ରତ ଦାସ, ସୌଭାଗ୍ୟ ବେହେରା, ରାକେଶ ରୋଶନ ପ୍ରଧାନ ଓ ଅବିନାଶ ମହାପାତ୍ର। ସୂଚନା ଯୋଗ୍ୟ ଯେ ଜ୍ଞାନ ରଞ୍ଜନ ବେହେରା (ଗୋଲଡେନ କିଙ୍ଗ କର୍ପୋରେସନର ପ୍ରୋପାଇଟର) ୨୦୧୫ରେ ପ୍ରତିଷ୍ଠା କରି ଥିଲେ ଗୋଲଡେନ କିଙ୍ଗ୍ ସ୍ନୁକର ସେଣ୍ଟର। ୨୦୧୪ରେ ଅନୁଷ୍ଠିତ ଜାତୀୟ ରେସଲିଂ ଚାମ୍ପିଅନଶିପରେ ରୌପ୍ୟ ପଦକ ବିଜେତା ଜ୍ଞାନ ରଞ୍ଜନ ବେହେରା ରାଜ୍ୟ ସ୍ତରୀୟ ସ୍ନୁକର ଓ ବିଲିୟାର୍ଡ୍ସ ଚାମ୍ପିଅନଶିପରେ ପ୍ରମୁଖ ଖେଳାଳିଙ୍କ ପ୍ରଦର୍ଶନ ଦେଖି ବିଶେଷ ଉତ୍ସାହିତ ହେବା ସହିତ ୨୦୧୫ରେ କଟକରେ ପ୍ରତିଷ୍ଠା କରିଥିଲେ ଗୋଲଡେନ କିଙ୍ଗ୍ ସ୍ନୁକର ସେଣ୍ଟର। ଉକ୍ତ ବର୍ଷ ସେ ନିଜ ପ୍ରଚେଷ୍ଟାରେ ଏହି ସେଣ୍ଟର ପରିସରରେ ଆୟୋଜନ କରି ଥିଲେ ନିଖିଳ ଓଡିଶା ସ୍ନୁକର ଚାମ୍ପିଅନଶିପ। ଆଜି ପର୍ଯ୍ୟନ୍ତ ଏହା ଜାରି ରଖିଥିବା ବେଳେ କରୋନା ଯୋଗୁଁ ୨୦୨୦ ଓ ୨୦୨୧ରେ ଏହା ଆୟୋଜନ କରିବା ସମ୍ଭବ ହୋଇ ପାରି ନ ଥିଲା। ତେବେ ଚଳିତ ବର୍ଷ ଏହି ଚାମ୍ପିଅନଶିପ ସଫଳତାର ସହିତ ଆୟୋଜନ କରିଛନ୍ତି।

### ବାଇଜୁ ଓଡିଶା ମହିଳା ଟି-୨୦ ଲିଗ୍ କ୍ରିକେଟ

## ଓଡିଶା ରେଡ୍ ଓ ଓଡିଶା ଗ୍ରୀନ ବିଜୟୀ





କଟକ(ଭାସ୍କର ନ୍ୟୁଜ): ସ୍ଥାନୀୟ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲି ଥିବା ବାଇଜୁ ଓଡିଶା ମହିଳା ଟି-୨୦ କ୍ରିକେଟ ଲିଗର ଶୁକ୍ରବାର ଅନୁଷ୍ଠିତ ଦୁଇ ପୃଥକ ମ୍ୟାଚରେ ବିଜୟୀ ହୋଇଛନ୍ତି ଓଡିଶା ରେଡ ଓ ଓଡିଶା ଗ୍ରୀନ। ପ୍ରଥମ ମ୍ୟାଚରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ଓଡିଶା ପର୍ପଲ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ କରିଥିଲା ୮୧ ରନ। ଦଳ ପକ୍ଷରୁ ପୁନମ ନାୟକ ସର୍ବାଧିକ ୩୦ ବଲରୁ ୨୦ ଓ ପ୍ରଜ୍ଞାନ ପି ୩୦ ବଲରୁ ୧୮ ରନ କରି ଥିବା ବେଳେ ପ୍ରତିପକ୍ଷ ଓଡିଶା ରେଡ ପକ୍ଷରୁ ସଫଳ ବୋଲର ଭାବେ ଶ୍ରେୟା ପ୍ରିୟଦର୍ଶିନୀ ଓ ଅଞ୍ଜଳୀ ସିଂ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରି ଥିଲେ। ପଛରେ ବ୍ୟାଟିଂ କରି ଓଡିଶା ରେଡ ୧୬.୫ ଓଭରରେ କେବଳ ୨ ୱିକେଟ ହରାଇ ୮୨ ରନ କରିବା ସହିତ ୮ ୱିକେଟରେ ବିଜୟୀ ହୋଇ ଥିଲା। ଅଞ୍ଜଳୀ ସିଂ ଦଳ ପକ୍ଷରୁ ସର୍ବାଧିକ ୨୮ ବଲରୁ ଅପରାଜିତ ୨୪ ଓ ମାଧୁରୀ ମେହଟ୍ଟା ୨୩ ବଲରୁ ୨୨ ରନ କରି ଥିବା ବେଳେ ଓଡିଶା ପର୍ପଲ ପକ୍ଷରୁ ଜାହ୍ନବୀ ଷଡଙ୍ଗୀ ଗୋଟିଏ ୱିକେଟ ଅକ୍ତିଆର କରି ଥିଲେ। ମ୍ୟାନ ଅଫ ଦି ମ୍ୟାଚ ଅଞ୍ଜଳୀ ସିଂଙ୍କୁ ପୁରସ୍କାର ପ୍ରଦାନ କରି ଥିଲେ ଯୁଗଳ କିଶୋର କୁମାର ବାନୋଥ (ଏସପି ,କଟ.ଜିଲ୍ଲା ରୁରାଲ) ସେହିପରି ଅନ୍ୟ ମ୍ୟାଚରେ ଓଡିଶା ଭାଓଲେଟକୁ ୯ ୱିକେଟରେ ପରାସ୍ତ କରିଛି ଓଡିଶା ଗ୍ରୀନ। ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ଓଡିଶା ଭାଓଲେଟ ପ୍ରତିପକ୍ଷ ଦଳର ବୋଲିଂକୁ ସଠିକ ମୁକାବିଲା କରି ନ ପାରି ୧୯.୨ ଓଭରରେ କେବଳ ୪୭ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଲିପ୍ସା ବିଶ୍ୱାଳ ୨୧ ବଲ ଖେଳି ୧୨ ଓ ସୁଶ୍ରୀ ୧୭ ବଲରୁ ୧୦ ରନ ସଂଗ୍ରହ କରି ଥିବା ବେଳେ ପ୍ରତିପକ୍ଷ ଓଡିଶା ଗ୍ରୀନ ପକ୍ଷରୁ ସଫଳ ବୋଲର ଭାବେ ଜିଏମ ଅଲକାନନ୍ଦ ୮ ରନ ବିନିମୟରେ ୪ ଓ ରସନାରା ପରଭିନ ୭ ରନରେ ୩ ୱିକେଟ ଅକ୍ତିଆର କରି ଥିଲେ। ପଛରେ ବ୍ୟାଟିଂ କରି ରଶ୍ମିତା ଚିନ୍ନାରାଙ୍କ ୪୧ ବଲରୁ ଅପରାଜିତ ୩୧ ରନ ବଳରେ ଓଡିଶା ଗ୍ରୀନ ୧୦.୪ ଓଭରରେ ଗୋଟିଏ ୱିକେଟ ହରାଇ ୪୮ ରନ ସଂଗ୍ରହ ସହିତ ସହଜ ବିଜୟ ହାସଲ କରିଥିଲା। ପ୍ରତିପକ୍ଷ ଦଳ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଓିକେଟ ଅକ୍ତିଆର କରିବାରେ ସଫଳ ହୋଇ ଥିଲେ। ମ୍ୟାନ ଅଫ ଦି ମ୍ୟାଚ ଜିଏମ ଅଲକାନନ୍ଦଙ୍କୁ ପୁରସ୍କାର ପ୍ରଦାନ କରି ଥିଲେ ଆର ଶ୍ରୀକାନ୍ତ (ଟେକନିକାଲ ଡାଇରେକ୍ଟର ,ଓଡିଶା କ୍ରିକେଟ ଏକାଡେମୀ ତଥା ଲିଡ କୋଚ , ସିନିୟର ,ପୁରୁଷ ଓସିଏ)।

## ସବୁ ଫର୍ମାଟ କ୍ରିକେଟ ଜାରି ରହିବ: ଅଲାରଡାଇସ୍

ଦୁବାଇ: ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଓଫ ଆଲାରଡାଇସ କହିଛନ୍ତି ଯେ ଆଗାମୀ ଦିନରେ ସବୁ ଫର୍ମାଟ କ୍ରିକେଟ ଜାରି ରଖିବା ପାଇଁ ବରାବର ପଦକ୍ଷେପ ନିଆଯିବ। ଟି-୨୦ ଫର୍ମାଟ ଲିଗ ପ୍ରତି ବର୍ତ୍ତମାନ ଅଧିକ ଚାହିଦା ବୃଦ୍ଧି ପାଉଥିବା ଦୃଷ୍ଟିରୁ ଦିନିକିଆ କ୍ରିକେଟର ସ୍ଥିତାବସ୍ଥା ନେଇ କେତେକ ପ୍ରଶ୍ନ କରିବା ଘଟଣା ଉପରେ ଦୃଷ୍ଟିପାତ କରି ଆଲାରଡାଇସ କହିଛନ୍ତି ଯେ ନିକଟରେ ଇଂଲଣ୍ଡ ଦଳର ଅଲରାଉଣ୍ଡର ବେନ ଷ୍ଟୋକ୍ସ ଅତ୍ୟଧିକ ୱାର୍କଲୋଡ କାରଣ ନେଇ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରି ଥିଲେ। ଏହି ଘଟଣା ନେଇ ଅନେକ ଦିନିକିଆ କ୍ରିକେଟ ଉପରେ ଭିନ୍ନ ଟିପ୍ପଣୀ ଦେଇ ଥିଲେ । ମାତ୍ର ଆଇସିସି ମୁଖ୍ୟ କାର୍ଯ୍ୟନିର୍ବହୀ ଜିଓଫ ଆଲରଡାଇସ କହିଛନ୍ତି ଯେ ଖେଳାଳିଙ୍କ ୱାର୍କ ଲୋଡ ନେଇ ସଂପୃକ୍ତ ଦେଶର କ୍ରିକେଟ ବୋର୍ଡ ବିଚାର କରିବା ଉଚିତ। ସବୁ ଫର୍ମାଟ ପ୍ରତି ନଜର ଦେଇ ଖେଳାଳିଙ୍କୁ ବିଶ୍ରାମ ଦେବା ଉପରେ ସଂପୃକ୍ତ ଦେଶ କ୍ରିକେଟ ବୋର୍ଡ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ। ସେହିପରି ଖେଳାଳି ମାନେ ମଧ୍ୟ ଏଥିପ୍ରତି ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଧ୍ୟାନ ଦେବା ଠିକ ହେବ।

## ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବ ୬ଟି-୨୦

ନୂଆଦିଲ୍ଲୀ: ଆଗାମୀ ଅକ୍ଟୋବର-ନଭେମ୍ବର ମାସରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପ ପୂର୍ବରୁ ଭାରତ ଦୁଇ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ ଦୁଇ ପୃଥକ ଘରୋଇ ସୀମିତ୍ ଓଭର ସିରିଜ। ତେବେ ଉଭୟ ଦଳ ବିପକ୍ଷରେ ଭାରତ ଖେଳିବା ପାଇଁ ଥିବା ୬ ଟି-୨୦ ମ୍ୟାଚ ବିଶ୍ୱକପ ପାଇଁ ବଡ ଅଭ୍ୟାସ ସୁଯୋଗ ମିଳିବ। ଅବଶ୍ୟ ଭାରତ ଓ ଅଷ୍ଟ୍ରେଲିଆ ପିଚ ମଧ୍ୟରେ ଯଥେଷ୍ଟ ତଫାତ ଥିଲେ ହେଁ ଭାରତୀୟ ଖେଳାଳିଙ୍କ ଅସଲ ଶକ୍ତି ଏହି ଦୁଇ ସିରିଜରେ ପରୀକ୍ଷା ହେବା ପାଇଁ ନିଶ୍ଚିତ ସୁଯୋଗ ସୃଷ୍ଟି କରିବ। ପ୍ରଥମେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ସେପ୍ଟେମ୍ବର ୨୦(ମୋହାଲି)୨୩(ନାଗପୁର) ଓ ୨୫ (ହାଇଦ୍ରାବାଦ)ଟି-୨୦ ମ୍ୟାଚ ଖେଳିବ। ଏହା ପରେ ସେପ୍ଟେମ୍ବର ୨୮ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବ ତିନି ଟି-୨୦ ମ୍ୟାଚ। ଏହି ସିରିଜର ପ୍ରଥମ ମ୍ୟାଚ ତିରୁବନନ୍ତପୁରମ ଓ ଅକ୍ଟୋବର ୨ ତାରିଖ ଦିନ ଗୌହାଟୀ ଓ ଅକ୍ଟୋବର ୪ ତାରିଖ ଦିନ ଇନ୍ଦୋରରେ ତୃତୀୟ ତଥା ଶେଷ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୬,୯ ଓ ୧୧ ତାରିଖ ଦିନ ଲକ୍ଷ୍ନୌ,ରାଞ୍ଚି ଓ ଦିଲ୍ଲୀରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ପାଇଁ ଏକ ପୃଥକ ଦଳ ଗଠନ ହେବା ପାଇଁ ଥିବା ବେଳେ ଓପନର ଶିଖର ଧାୱନ ଏହି ଦଳର ନେତୃତ୍ୱ ନେବେ ବୋଲି ବିସିସିଆଇ ସମ୍ପାଦକ ଜୟନ୍ତ ଶାହ ସୂଚନା ଦେଇଛନ୍ତି।

## ଓଡ଼ିଆ ଟେନିସ୍ ଖେଳାଳି ଶିବରାମ ସ୍ୱାଇଁଙ୍କ ପୋଲାଣ୍ଡ ଗସ୍ତ

ବୋଲଗଡ, (ଭାସ୍କର ନ୍ୟୁଜ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡ଼ା ଗ୍ରାମର ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର କୋଷାଧକ୍ଷ ବିଶ୍ୱଜିତ୍ ସ୍ୱାଇଁଙ୍କ ପୁତ୍ର ଶିବରାମ ସ୍ୱାଇଁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏସନ୍ ତରଫରୁ ଆଠ ଦିନ ଧରି ଅନୁଷ୍ଠିତ ହେବ। ଭାରତର ଆମେଚର୍ ସଫ୍ଟ ଟେନିସ୍ ଫେଡେରେଶନ ଆନୁକୂଲ୍ୟରେ ଏହି ଆନ୍ତର୍ଜାତିକ ୧୫ତମ ପୋଲାଣ୍ଡ କପ୍ ଅନୁଷ୍ଠିତ ହେଉଅଛି। ଓଡ଼ିଶାର ଟେନିସ୍ ଖେଳାଳି ଶିବରାମ



୧୫ତମ ଆନ୍ତର୍ଜାତିକ ପୋଲାଣ୍ଡ କପ୍ ସଫ୍ଟ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଆଜି ଦିଲ୍ଲୀ ଏୟାରପୋର୍ଟରୁ ପୋଲାଣ୍ଡ ସ୍ଥିତ ଗ୍ରୋଡ଼ିଜିଷ ମାଜୋୱିକ୍ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସଫ୍ଟ ଟେନିସ୍ ଟୁର୍ଣ୍ଣାମେଣ୍ଟ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ରାଜ୍ୟର ଟେନିସ୍ ଖେଳାଳିମାନଙ୍କୁ ଦିଲ୍ଲୀ ବିମାନବନ୍ଦର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ କରି ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଅଛନ୍ତି ।



ଆମେ ସମସ୍ତେ ଜାଣୁ କ୍ଷୀର ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କାରଣ ଏଥିରେ କ୍ୟାଲସିୟମ ବ୍ୟତୀତ ଏପରି ଅନେକ ପୋଷକ ତତ୍ତ୍ୱ ମଧ୍ୟ ମିଳିଥାଏ, ଯାହା ଆମ ହାଡ ସହିତ ସମଗ୍ର ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କ୍ଷୀରକୁ ଆମେ ଅନେକ ଉପାୟରେ ପିଇଥାଉ। ଯେପରି ଛୋଟ ପିଲା ଏବଂ ନବଜାତ ଶିଶୁକୁ ଉଷୁମ କିମ୍ବା ହାଲୁକା ଉଷୁମ କ୍ଷୀର ଦେବା ଅଧିକ ଲାଭଦାୟକ ବୋଲି ବିବେଚନା କରାଯାଏ। ସେହିପରି ବଡମାନଙ୍କୁ ଗରମ କ୍ଷୀର ପିଇବାକୁ ପରାମର୍ଶ ଦିଆଯାଏ। କିନ୍ତୁ କେତେକ ପରିସ୍ଥିତିରେ ଥଣ୍ଡା କ୍ଷୀର ପିଇବା ଆପଣଙ୍କ ପାଇଁ ଲାଭଦାୟକ ମଧ୍ୟ ହୋଇଥାଏ। ଥଣ୍ଡା କ୍ଷୀରକୁ ଆପଣ ମିଲ୍କ ସ୍ମୁଦି, ମିଲ୍କ ସେକ୍, କୋଲ୍ଡ କଫି ଭାବରେ ପିଇଥିବେ, କିନ୍ତୁ ଆପଣ ଜାଣନ୍ତି କି ଥଣ୍ଡା କ୍ଷୀର ପିଇବା ଆପଣଙ୍କ ପାଇଁ କେତେ ଲାଭଦାୟକ ହୋଇପାରେ। ବିଶେଷଜ୍ଞଙ୍କ ଅନୁଯାୟୀ, ଥଣ୍ଡା କ୍ଷୀରରେ ପୋଟାସିୟମ୍, ଫସଫରସ୍, ଭିଟାମିନ୍ ଏବଂ କ୍ୟାଲସିୟମ୍ ଭଳି ଅନେକ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ଆମ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଥଣ୍ଡା କ୍ଷୀର ପିଇବାଦ୍ୱାରା ଆପଣଙ୍କ ଶରୀର ହାଇଡ୍ରେଟ୍ ରହିଥାଏ। ଏହା ସହିତ, ଆପଣ ଅନେକ ହଜମ ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ପାଆନ୍ତି। ଥଣ୍ଡା କ୍ଷୀର ପିଇବା ଦ୍ୱାରା ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ କରନ୍ତି ନାହିଁ ଏବଂ ଆପଣ ଦିନସାରା ସତେଜ ଅନୁଭବ କରନ୍ତି। ଥଣ୍ଡା କ୍ଷୀର ପିଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। ଯଦି ଆପଣ କମ୍ ଚର୍ବି ଥଣ୍ଡା କ୍ଷୀର ପିଅନ୍ତି, ତେବେ ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ କରିବେ ନାହିଁ।





## ଆଗକୁ ଆହୁରି ବ୍ୟସ୍ତ ରହିବି: ହୁମା

ମ୍ୟାଡ୍ଡକ୍ ଫିଲ୍ମସର ଅପକମିଙ୍ଗ ଫିଲ୍ମ 'ପୂଜା ମେରି ଜାନ୍' ରେ ନଜର ଆସିବେ ଅଭିନେତ୍ରୀ ହୁମା କୁରେଶୀ। ବରୁଣ ଧୱନଙ୍କ 'ବଦ୍‌ଲାପୁର' ପରେ ଏହି ମଜାଦାର ଫିଲ୍ମ ଜରିଆରେ ହୁମା ୨ୟ ଥର ପ୍ରଯୋଜକ ଦିନେଶ ଭିଜନଙ୍କ ସହ କାମ କରିବାକୁ ଯାଉଛନ୍ତି। ଫିଲ୍ମର ଘୋଷଣା ବିଷୟରେ ହୁମା କୁହନ୍ତି 'ଆସନ୍ତା ୨୮ ତାରିଖରେ ମୋର ଜନ୍ମଦିନ। ମୁଁ ବହୁତ ଖୁସି ଯେ ଏଥର ମୋ ଜନ୍ମଦିନ କାମରେ କାମରେ ବିତିବ। ଏହି ଫିଲ୍ମକୁ ନେଇ ଗତ ବର୍ଷସାରା ମୁଁ କାମରେ ବ୍ୟସ୍ତ ଥିଲି, ଯେଉଁଥିପାଇଁ ମୁଁ କୃତଜ୍ଞ। ଆଗକୁ ଆହୁରି ବ୍ୟସ୍ତ ରହିବାକୁ ଚାହୁଁଛି।' 'ପୂଜା ମେରି ଜାନ୍'ରେ ମୃଣାଳ ଠାକୁର, ବିକ୍ରମ ସିଂହ ଚୌହାନ ଓ ବିଜୟ ରାଜ୍ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମର ସୁଟିଂ ନିକଟରେ ଶେଷ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ନବଜୋତ ଗୁଲାଟି। କାହାଣୀ ଉଭୟ କନିଷ୍କା ଓ ନବଜୋତ ଗୁଲାଟି ଲେଖିଛନ୍ତି। ଏହି ମାସ ଆରମ୍ଭରେ 'ମହାରାନୀ'ସିଜନ୍-୨ର ଟିଜର୍ ଜରିଆରେ ହୁମା ଇଣ୍ଡଷ୍ଟ୍ରି ଓ ଦର୍ଶକଙ୍କ ଉପରେ ବଡ଼ ପ୍ରଭାବ ପକାଇଥିଲେ। ଏଥିରେ ସେ ଅଭିନେତା ସୋହୁମ ଶାହ ଓ ଅମିତ ସିଆଲଙ୍କ ସହ ନଜର ଆସିଛନ୍ତି। ରାଜନୈତିକ ଓ ଡ୍ରାମାଟିକ୍ ଥିମ୍ ପାଇଁ 'ମହାରାନୀ'ର ସିଜନ୍-୧ ଖୁବ୍ ପ୍ରଶଂସିତ ହୋଇଥିଲା। ତେଣୁ ସିଜନ୍-୨ରେ ମଧ୍ୟ ସେହି ଦବ୍‌ଦବା ବଜାୟ ରଖିବ ବୋଲି ଆଶା କରାଯାଉଛି । ଉପରୋକ୍ତ ଦୁଇଟି ପ୍ରୋଜେକ୍ଟ ସହିତ ହୁମାଙ୍କ ଅଭିନୀତ 'ଡବଲ୍ ଏକ୍ସଏଲ୍', 'ମୋନିକା ଓ ମାଇଁ ଡାର୍ଲିଙ୍ଗ' ଓ 'ତର୍ଲା ଦଲାଲ' ଭଳି ପ୍ରୋଜେକ୍ଟ ଚଳିତ ବର୍ଷ ମୁକ୍ତିଲାଭ କରିବ।

## ବାଇସେପ୍ ବଢ଼ାଇବା ନିଶା ନେଲା ଜୀବନ



ଆଜିକାଲି ଜିମ୍‌ରେ ଝାଳ ବୁହାଇ ବଡି ବନାଇବା ଏକ ପ୍ରକାର ଫ୍ୟାଶନ ପାଲଟି ଗଲାଣି। ସିକ୍ସ ପ୍ୟାକ୍ ଆବ୍ସ ଓ ବାଇସେପ୍ ବଢ଼ାଇବା ନିଶା ଯୁବପିଢ଼ୀଙ୍କୁ ଘାରିଛି। କେବଳ ଯୁବପିଢ଼ୀ ନୁହନ୍ତି ଏଥିରୁ ବୟସ୍କମାନେ ମଧ୍ୟ ବାଦ୍ ପଡୁନାହାନ୍ତି। କିଏ ଏଥିପାଇଁ ଲଗାତର ଜିମ୍ ଯାଇ ପରିଶ୍ରମ କରୁଛି ତ ଆଉ କିଏ ଆପଣାଉଛି ସଟ୍ କଟ୍ ରାସ୍ତା। ତେବେ ଏହି ସଟ୍ କଟ୍ ରାସ୍ତା ବେଳେ ବେଳେ କିଛି ଲୋକଙ୍କ ପାଇଁ ଘାତକ ହେଉଛି ଏପରିକି ଲୋକଙ୍କ ଜୀବନ ମଧ୍ୟ ଚାଲିଯାଉଛି। ଏଭଳି ହିଁ କିଛି ଘଟଣା ଘଟିଛି ବ୍ରାଜିଲର ଜଣେ ବ୍ୟକ୍ତିଙ୍କ ସହ। ସେ ହେଲେ ଭାଲ୍‌ଦିର ସେଗାତୋ। ସେ ଜଣେ ବଡିବିଲ୍ଡର ଓ ଟିକ୍‌ଟକ୍ ଷ୍ଟାର। ୫୫ ବର୍ଷୀୟ ଏହି ବଡିବିଲ୍ଡର ଜଣକ 'ହଲ୍କ' ନାମରେ ପରିଚିତ। ତାଙ୍କୁ କେହି କେହି 'ହି-ମ୍ୟାନ୍' ମଧ୍ୟ କହି ଡାକୁଥିଲେ। ତାଙ୍କର ବଡ ବଡ ବାଇସେପ୍ ଲୋକଙ୍କୁ ଆକୃଷ୍ଟ କରୁଥିଲା। ହେଲେ ନିଜ ବାଇସେପ୍‌କୁ ଆହୁରି ବଢ଼ାଇବା ପାଇଁ ଲାଗି ପଡିଥିଲେ ଭାଲ୍‌ଦିର। ୨୩ ଇଞ୍ଚର ବାଇସେପ୍ ବନାଇବା ପାଇଁ ଭାଲ୍‌ଦିର ଆପଣାଇଥିଲେ ସଟ୍‌କଟ୍ ରାସ୍ତା। ଆଉ ନେଇଥିଲେ ବିପଦପୂର୍ଣ୍ଣ ଇଞ୍ଜେକସନ୍। ଘାତକ ବୋଲି ଜାଣିବା ପରେ ମଧ୍ୟ ବାଇସେପ୍ ଓ ବ୍ୟାକ୍ ମସଲ୍ସ ବଢ଼ାଇବା ପାଇଁ ସିନ୍ଥଲ ନାମକ ଇଞ୍ଜେକସନ୍ ନେଉଥିଲେ ଭାଲଦିର। ୬ ବର୍ଷ ପୂର୍ବେ ଡାକ୍ତର ତାଙ୍କୁ ଏଥିପାଇଁ ଚେତାବନୀ ମଧ୍ୟ ଦେଇଥିଲେ। ଯଦି ସେ ଏଭଳି ଲଗାତର ବଡି ବନାଇବା ପାଇଁ ଇଞ୍ଜେକସନ ବ୍ୟବହାର କରନ୍ତି ତେବେ ତାଙ୍କ ନର୍ଭସ ସିଷ୍ଟମ ନଷ୍ଟ ହେବା ସହ ଅନେକ ବିପଦର ସାମ୍ନାକୁ କରିବାକୁ ପଡିପାରେ ବୋଲି ଡାକ୍ତର କହିଥିଲେ। କିନ୍ତୁ ଡାକ୍ତରଙ୍କ କଥାକୁ ସେ ଖାତିର କରି ନେଇଥିଲେ। ତେଣୁ ଏପରି ଖୁସି ଆଗରେ ମୃତ୍ୟୁର ସମ୍ଭାବନା ତାଙ୍କୁ କିଛି ବି ଲାଗୁନଥିଲା ବୋଲି ୨୦୧୬ରେ ଏକ ସାକ୍ଷାତକାରରେ ଭାଲଦିର କହିଥିଲେ। ଶେଷରେ ଡାକ୍ତରଙ୍କ ଚେତାବନୀ ସତ ପ୍ରମାଣିତ ହୋଇଥିଲା। ନିଜ ଜନ୍ମଦିନରେ ହିଁ ପ୍ରାଣ ହରାଇଛନ୍ତି ଭାଲ୍‌ଦିର। ୫୫ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଦିନ ସକାଳୁ ଭାଲ୍‌ଦିରଙ୍କୁ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା। ଏହାପରେ ସେ ସହାୟତା ପାଇଁ ନିଜ ମା'ଙ୍କୁ ଡାକିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ତେବେ ହସ୍ପିଟାଲ ରିସେପ୍‌ସନରେ ପହଞ୍ଚିବା ପରେ ତାଙ୍କର ହୃଦ୍‌ଘାତ ଘଟିଥିଲା ଓ ଘଟଣାସ୍ଥଳରେ ସେ ଟଳି ପଡିଥିବା ତାଙ୍କ ପଡୋଶୀ କହିଛନ୍ତି।



## ସୁନ୍ଦରୀ ମଶା 'ସାବେଥେସ୍ ସ୍ୟାନ୍ୟୁଅସ୍'

ମଶା ହେଉଛି ମଣିଷର ବଡ଼ ଶତ୍ରୁ। କିନ୍ତୁ ଏମିତି ଗୋଟେ ପ୍ରଜାତିର ମଶା ଅଛି ଯାହାକି ଦେଖିବାକୁ ଖୁବ୍ ସୁନ୍ଦର। ଆଉ ସବୁଠାରୁ ସୁନ୍ଦରୀ ମଶାର ମାନ୍ୟତା ବି ପାଇଛି। ଏହି ମଶାର ନାଁ 'ସାବେଥେସ୍ ସ୍ୟାନ୍ୟୁଅସ୍'। ଏହାର ରଙ୍ଗ ଓ ରୂପ ଏପରି ହୋଇଥାଏ ଯେ ତା'କୁ ମାରିବାକୁ ହାତ ଯାଏନାହିଁ। ଦକ୍ଷିଣ ଆମେରିକାର ଉଷ୍ମ ଜଙ୍ଗଲରେ ଦେଖାଯାଉଥିବା ଏ ମଶା ନିଜର ସୌନ୍ଦର୍ଯ୍ୟ ପାଇଁ ପରିଚିତି ପାଇଛି। ସାଧାରଣତଃ ମଶାମାନଙ୍କ ରଙ୍ଗ କଳା, ମାଟିଆ ଓ ଧୂସର ହୋଇଥାଏ। କିନ୍ତୁ ଏହାର ରଙ୍ଗ ନୀଳ। ତା'ର ଗୋଡ଼ରେ ଛୋଟ ଛୋଟ ପର ବି ଥାଏ। ଏହା ଚଞ୍ଚଳ ପ୍ରକୃତିର। ମଶାଟିର ଫଟୋ ଉଠାଇବା ବା ଧରିବା ଏତେ ସହଜ ହୋଇନଥାଏ।



## ବିଶ୍ୱର ଡେଙ୍ଗା ପୋଲିସ

ବିଶ୍ୱରେ ଅନେକ ଡେଙ୍ଗା ମଣିଷ ଅଛନ୍ତି ହେଲେ କେବେ ଡେଙ୍ଗା ପୋଲିସ ଅଫିସର ଥିବା ଦେଖିଛନ୍ତି କି ? ଆଜ୍ଞା ହଁ ଏପରି ଏକ ଡେଙ୍ଗା ବ୍ୟକ୍ତି ଅଛନ୍ତି ଯେ ସାଧାରଣ ଡେଙ୍ଗା ମଣିଷ ନୁହଁନ୍ତି ବିଶ୍ୱର ସବୁଠାରୁ ଡେଙ୍ଗା ପୋଲିସ କର୍ମଚାରୀ। ଏହି ଡେଙ୍ଗା ବ୍ୟକ୍ତି ହେଉଛନ୍ତି ପଞ୍ଜାବର ଜଗଦୀପ୍ ସିଂ। ବର୍ତ୍ତମାନ ସେ ଅମୃତସରର ଟ୍ରାଫିକ୍ କର୍ମଚାରୀ ଭାବେ କାମ କରିବା ସହ ସେହି ଅଞ୍ଚଳର ଜଣେ ଲୋକାଲ ସେଲିବ୍ରେଟି ଏବଂ ସେ ୨୦ ବର୍ଷ ଧରି ପୋଲିସ ଅଫିସର ଭାବେ କାର୍ଯ୍ୟରତ। କାନୁନର ହାତ ଲମ୍ବା କଥାଟି ତାଙ୍କ ପାଖରେ ପ୍ରଜୁର୍ଯ୍ୟ ବୋଲି କହିଲେ ଭୁଲ୍ ହେବ ନାହିଁ। ଏଠାରେ କାନୁନର ଉଭୟ ହାତ ଏବଂ ଗୋଡ଼ ଲମ୍ବା। ଏହା କଥା ଶୁଣିବାକୁ ମଜା ଲାଗିଲେ ବି ସତ। ଯେହେତୁ ସେ ଡେଙ୍ଗା ସେଥିପାଇଁ ତାଙ୍କୁ ଦେଖି ସବୁ ଅପରାଧୀ ଭୟରେ ଥରି ଉଠନ୍ତି। ଯଦି ଆପଣ ଜଗଦୀପଙ୍କ ସହ ସେଲଫି ଉଠାଇବାକୁ ଚାହିଁବେ ତାହେଲେ ଆପଣଙ୍କୁ ଏକ ସିଡ଼ିର ଆବଶ୍ୟକତା ପଡିବ। ତାଙ୍କୁ ପିଲା ଦିନରୁ ହିଁ ତାଙ୍କ ଉଚ୍ଚତା ଡେଙ୍ଗା କାରଣରୁ ତାଙ୍କୁ ସମସ୍ତେ ଟିଭି ଟାୱାର ବୋଲି ଡାକୁଥିଲେ। ତାଙ୍କ ଉଚ୍ଚତାରେ ଏତେ ଲମ୍ବା ଯେ, ତାଙ୍କୁ ଦେଖି ଯେକେହି ଅପରାଧୀ ଭୟ କରିଯିବେ। ମୁଖ୍ୟତଃ ସେ ରୋଡରେ ନିଜର ଡ୍ୟୁଟି କରିଥାନ୍ତି କାରଣ ତାଙ୍କ ଉଚ୍ଚତା ଦେଖି ଭୟରେ ଲୋକେ କୌଣସି ପ୍ରକାର ଗଣ୍ଡଗୋଳ କରିନଥାନ୍ତି। ସବୁ ମୁଦ୍ରାର ୨ଟି ପାର୍ଶ୍ୱ ଥାଏ। ସେହିପରି ଜଗଦୀପଙ୍କ ଉଚ୍ଚତାର ମଧ୍ୟ ଉଭୟ ଭଲ ଏବଂ ଖରାପ ପାର୍ଶ୍ୱ ରହିଛି। ସକରାତ୍ମକ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଡେଙ୍ଗା ମଣିଷ ହୋଇଥିବା ଯୋଗୁଁ ପଞ୍ଜାବରେ ତାଙ୍କର ଏକ ଭିନ୍ନ ପରିଚୟ ରହିଛି। ସବୁଠି ତାଙ୍କୁ ସେଲିବ୍ରେଟି ପରି ବ୍ୟବହାର କରାଯାଏ ଏବଂ ସମସ୍ତେ ତାଙ୍କ ସହ ଫୋଟୋ ଉଠାନ୍ତି ଏବଂ ଭିଡ଼ ଭିତରେ ସେ ପାଲଟି ଯାଆନ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ। କିନ୍ତୁ ସେହି ଲମ୍ବା ଉଚ୍ଚତା ହିଁ ଅନେକ ସମୟରେ ତାଙ୍କୁ ଅସୁବିଧାରେ ପକାଇଥାଏ। ଦୈନନ୍ଦିନ ଜୀବନରେ ପୋଷାକ ଠାରୁ ଆରମ୍ଭ କରି ବାଇକ ଚଲାଇବାରେ ଆଦି କାର୍ଯ୍ୟରେ ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସବୁ ଜିନିଷ ପାଇଁ ତାଙ୍କୁ ସ୍ୱତନ୍ତ୍ର ଡିଜାଇନ ତିଆରି କରିବାକୁ ପଡେ। ଏପରି ତାଙ୍କ ଡେଙ୍ଗାପଣ ଯୋଗୁଁ ଏଯାଏଁ ତାଙ୍କ ବିବାହ ହୋଇପାରୁ ନାହିଁ ଏବଂ କେହି ତାଙ୍କୁ ବାହା ହେବାକୁ ପସନ୍ଦ କରୁନାହାନ୍ତି ବୋଲି ସେ କହିଛନ୍ତି।



## ଘୁଙ୍ଗୁଡ଼ି, ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରିବ ସ୍ମାର୍ଟ ବେଡ୍

ବଜାରକୁ ଆସିଛି ଏହି ସ୍ମାର୍ଟ ବେଡ୍। କିନ୍ତୁ ଖୁବ୍ କମ୍ ସମୟରେ ବେଶ ଲୋକପ୍ରିୟ ହୋଇଛି। ସ୍ମାର୍ଟ ବେଡ୍ ଆପଣଙ୍କୁ ଠିକ୍ ସମୟରେ ଉଠାଇବା ସହିତ ଅନେକ ପ୍ରକାର କାମ କରିଥାଏ। ଏଥିରେ ଆଡ୍‌ଜଷ୍ଟେବଲ୍ ରେକଲାଇନର୍ସ ଦିଆଯାଇଛି। ଭବିଷ୍ୟତ ଟେକ୍ନୋଲୋଜି ଆଧାରିତ ଏହି ବେଡ୍‌ରେ ଶୂନ୍ୟ ମାଧ୍ୟାକର୍ଷଣ ଭଳି ଅନେକ ମୋଡ୍ ରହିଛି। ଏହି ବୈଶିଷ୍ଟ୍ୟ ଜରିଆରେ ଆପଣ କୌଣସି ସମସ୍ୟା ବିନା ଶୋଇପାରିବେ। କୌଣସି ପ୍ରକାର ଭାରିପଣ ଅନୁଭୂତ ହେବ ନାହିଁ। ଘୁଙ୍ଗୁଡ଼ି ବିରୋଧୀ ବୈଶିଷ୍ଟ୍ୟ ମଧ୍ୟ ଏଥିରେ ରହିଛି। ଏହା ଆପଣଙ୍କ ଘୁଙ୍ଗୁଡ଼ି କମ୍ କରିବାରେ ସହାୟକ ହେବ। ଏହା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନରେ ମଧ୍ୟ ସୁଧାର ଆସିବ। ବିଭିନ୍ନ ପ୍ରକାର କାର୍ଯ୍ୟଦକ୍ଷତା ସହିତ ଏହା ଉପଲବ୍ଧ ହେଉଛି। ସବୁଠୁ ଖାସ୍ କଥା ହେଉଛି ଏ ପ୍ରକାର ଖଟ ପ୍ରାୟ ୫ ବର୍ଷର ୱାରେଣ୍ଟି ସହିତ ମିଳୁଛି। ୨ ବର୍ଷର ମୋଟର ଓ ବର୍ଷକର ୱେୟାରଲେସ୍ ରିମୋଟ୍ ୱାରେଣ୍ଟି ସହ ଏହି ସ୍ମାର୍ଟ ବେଡ୍ ଆସିଛି। ଆମାଜନ୍ ଭଳି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ବିଭିନ୍ନ କମ୍ପାନିର ସ୍ମାର୍ଟ ଖଟ ମିଳୁଛି।





## ଗୋଟିଏ ଲିଟର ଡିଜେଲରେ କେତେ କି.ମି. ଗଡ଼େ ଟ୍ରେନ ?

ଭାରତୀୟ ରେଳ ହେଉଛି ବିଶ୍ୱର ଚତୁର୍ଥ ବୃହତ୍ତମ ରେଳ ନେଟୱାର୍କ। ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ଟ୍ରେନରେ ଯାତ୍ରା କରନ୍ତି। ଭାରତୀୟ ରେଳବାଇରେ ଥିବା ଟ୍ରେନ୍ ଗୁଡିକ ଇଲେକ୍ଟ୍ରିକ୍, ଡିଜେଲ ଇଞ୍ଜିନରେ ଚାଲିଥାଏ । ତେବେ ଡିଜେଲ ଟ୍ରେନର ମାଇଲେଜ୍ କେତେ ଆପଣ ଜାଣନ୍ତି କି ? ଡିଜେଲ ଟ୍ରେନ ଇଞ୍ଜିନ୍‌ର ମାଇଲେଜ୍ ଅନେକ କାରଣ ଉପରେ ନିର୍ଭର କରିଥାଏ। ଡିଜେଲ ଇଞ୍ଜିନରେ ଚାଲୁଥିବା ୧୨ ଟି କୋଚ୍‌ର ଏକ ଯାତ୍ରୀବାହୀ ଟ୍ରେନ୍ ୬ ଲିଟରରେ ଏକ କିଲୋମିଟର ମାଇଲେଜ୍ ଦେଇଥାଏ। ୨୪ କୋଚ୍ ଏକ୍ସପ୍ରେସ ଟ୍ରେନ୍ ମଧ୍ୟ ୬ ଲିଟରରେ ଏକ କିଲୋମିଟର ମାଇଲେଜ୍ ଦେଇଥାଏ। ପ୍ରାୟତଃ ଷ୍ଟେସନରେ ଛିଡ଼ା ହୋଇଥିବା ଟ୍ରେନ୍‌ର ଇଞ୍ଜିନ୍ ଚାଲୁ ରହିଥାଏ। ଡିଜେଲ ଇଞ୍ଜିନ୍ ଚାଲିବା ପଛରେ ଦୁଇଟି ବଡ଼ କାରଣ ରହିଛି। ପ୍ରଥମ କାରଣଟି ହେଉଛି ଡିଜେଲ ଇଞ୍ଜିନ୍ ବନ୍ଦ କରିବା ପରେ ବ୍ରେକ ପାଇପ୍‌ର ଚାପ ବହୁତ କମ୍ ହୋଇଯାଏ, ଯାହା ସମାନ କ୍ଷମତାକୁ ଫେରିବା ପାଇଁ ବହୁତ ସମୟ ଲାଗିଥାଏ। ଦ୍ୱିତୀୟ କାରଣ ଟି ହେଉଛି ଯେ, ଡିଜେଲ ଇଞ୍ଜିନ୍ ଆରମ୍ଭ କରିବା ପାଇଁ ସାଧାରଣତଃ ୨୦ ରୁ ୨୫ ମିନିଟ୍ ସମୟ ଲାଗିଥାଏ। ତେଣୁ, ଡିଜେଲ ଇଞ୍ଜିନକୁ ବନ୍ଦ କରିବା ପରିବର୍ତ୍ତେ ଚାଲିବା ଠିକ୍ ବୋଲି ବିବେଚନା କରାଯାଏ ।

## ଆଖିବୁଜିଲେ ବର୍ଷିଆନ୍ ଅଭିନେତା ମିଥିଲେଶ

ପୁଣି ଫିଲ୍ମ ଜଗତରୁ ଆସିଲା ଦୁଃଖଦ ଖବର। ଆଖି ବୁଜିଲେ ଆଉ ଜଣେ ବଲିଉଡର ବରିଷ୍ଠ ଅଭିନେତା। ହିନ୍ଦୀ ଫିଲ୍ମ ଜଗତର ଜଣାଶୁଣା ଅଭିନେତା ମିଥିଲେଶ ଚର୍ତୁବେଦୀଙ୍କ ଦେହାନ୍ତ ହୋଇଛି। ବୁଧବାର ରାତିରେ ମିଥିଲେଶଙ୍କ ମୃତୢ୍ୟ ହୋଇଛି। ସେ ଦୀର୍ଘଦିନ ହେବ ହୃଦୟ ଜନିତ ରୋଗ ସହ ଲଢେଇ କରୁଥିଲେ। ତେବେ ସେ ଲକ୍ଷ୍ମୌରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବର ଅନୁଯାୟୀ ବୁଧବାର ତାଙ୍କର ହୃଦଘାତ ଘଟିଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ହୃଦଘାତ ଯୋଗୁ ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଏନେଇ ତାଙ୍କ ଜ୍ୱାଇଁ ଆଶୀଷ ଚର୍ତୁବେଦୀ ସୂଚନା ଦେଇଛନ୍ତି। ମିଥିଲେଶଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଲହରି ଖେଳିଯାଇଛି। ମିଥିଲେଶ ଚତୁର୍ବେଦୀ ତାଙ୍କ କ୍ୟାରିୟରରେ ଅନେକ ବଡ ବଡ ଏବଂ ସୁପରହିଟ୍ ବଲିଉଡ ଫିଲ୍ମରେ ଅଭିନୟ କରିଛନ୍ତି। ସନ୍ନି ଦେଓଲଙ୍କ 'ଗଦର: ଏକ ପ୍ରେମ କଥା', ମନୋଜ ବାଜପେୟୀଙ୍କ 'ସତ୍ୟା', ଶାହରୁଖ ଖାନଙ୍କ 'ଅଶୋକା', 'ତାଲ', 'ବଣ୍ଟି ଅର ବବଲି'ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି ମିଥିଲେଶ। କିନ୍ତୁ କୋଇ ମିଲଗୟାରେ ତାଙ୍କ ଅଭିନୟ ଥିଲା ବେଶ ବଳିଷ୍ଠ। ସୂଚନା ମୁତାବକ, ମିଥିଲେଶଙ୍କୁ କିଛି ଦିନ ପୂର୍ବେ 'ଟଲ୍ଲି ଯୋଡି' ନାମକ ଏକ ୱେବ୍ ସିରିଜ୍‌ରେ କାମ ମିଳିଥିଲା। ବଲିଉଡ ଫିଲ୍ମ ସମେତ ମିଥିଲେଶ ଥିଏଟରରେ ମଧ୍ୟ କାମ କରିଛନ୍ତି।



ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୨
ନୀଳାଚଳ ଅର୍ବାନ ହାଟ, ପୁରୀ
ତାରିଖ : ୦୧.୦୮.୨୦୨୨ ଠାରୁ ୧୫.୦୮.୨୦୨୨
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ
ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ
ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.
ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ବାଲେଶ୍ୱର, (ଭାସ୍କର ନ୍ୟୁଜ) : ରାଜ୍ୟରେ ସମ୍ପ୍ରତି ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଗୁରୁତ୍ୱ ଦେଇ ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରମ୍ଭ ହୋଇଛିଦ ସଚେତନତା ଅଭିଯାନ। ଏନେଇ ଜିଲାରେ ପରିକ୍ରମା ପାଇଁ ଦୁଇଟି ସଚେତନତା ରଥକୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଡାଇରିଆ ସହିତ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ସୁସ୍ଥ ହେବା ଓ ନିରୋଗ ରହିବା ନିମନ୍ତେ ସଚେତନ କରିବ। ଡାଇରିଆ ରୋଗଠାରୁ ଦୂରେଇ ରହିବା ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବା ଏବଂ ନିୟମିତ ହାତ ଧୋଇବା ଓ ସଫା ରଖିବାର ବାର୍ତ୍ତା ପ୍ରଚାର କରିବ। ଅନୁରୂପ ଭାବେ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରତିକାର ନିମନ୍ତେ ମଶାରୀ ବ୍ୟବହାର କରିବା ଏବଂ ବାଡ଼ିଘର ପରିଷ୍କାର ରଖିବା ପାଇଁ ଏହା ଲୋକଙ୍କୁ ସଚେତନ କରିବ ।









ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ୍ ଫାଇନାଲ୍ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ଭାରତ ଚାମ୍ପିୟନ୍

## ଦରବୃଦ୍ଧି-ଉତ୍କଟ ବେକାରୀକୁ ନେଇ ଜିଲା କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର, (ଭାସ୍କର ନ୍ୟୁଜ) : ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶିତ ହେଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି । ଅଖିଳ ଭାରତୀୟ କଂଗ୍ରେସ କମିଟିର ନିଷ୍ପତ୍ତି ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ କ୍ରମେ ବାଲେଶ୍ୱରରେ କଂଗ୍ରେସ କର୍ମୀମାନେ ଶୁକ୍ରବାର ଜିଲାପାଳଙ୍କ ଅଫିସ ଘେରାଓ କରିଥିଲେ। ଏହି ପରିପ୍ରେକ୍ଷୀରେ ଗାନ୍ଧୀସ୍ମୃତି ଭବନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ଦେଶର ଅଚଳାବସ୍ଥାକୁ ନେଇ ଉଭୟ ମୋଦି ଓ ନବୀନ ସରକାରକୁ ଦାୟୀ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ବଢ଼ି ଚାଲିଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଇବାରେ ଲାଗିଛି । ଏଭଳି ସ୍ଥିତି କେନ୍ଦ୍ର ସରକାର ମୁଢ଼ି ଉପରେ ଭାଟ ଲାଗୁ କରିବା କେଉଁ ନ୍ୟାୟର ବୋଲି ସେ ପ୍ରଶ୍ନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ଓ ସୁରେନ୍ଦ୍ର ପରମାଣିକ, ପିସିସି ସମ୍ପାଦକ ସତ୍ୟଶିବ ଦାସ, ବିଜନ ନାୟକ, ମହିଳା କଂଗ୍ରେସ ଜିଲା ପ୍ରଜ୍ଞାପାରମିତା ମହାନ୍ତି, ବିକାଶ ଦାସ, ଗୋପୀନାଥ ପାଢ଼ୀ, ବାସନ୍ତି ସାମଲ, ରଞ୍ଜନ ଦାସ, ଦେବଦତ୍ତ ଦାସ, ଗୌତମ ସାହୁ, ଜ୍ୟୋତ୍ସ୍ନା ସେନାପତି, ତରୁଣ ଦାସ ପ୍ରମୁଖ କଂଗ୍ରେସ ନେତାମାନେ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପି ଓ ବିଜେଡି ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।ଦରବୃଦ୍ଧ ଓ ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଇ ଇଡି ଓ ସିବିଆଇକୁ ହାତବାରିସି କରି ଅନ୍ୟାନ୍ୟ ଦଳର ନେତାଙ୍କ ଉପରେ ଭିତ୍ତିହୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସାମ୍ବିଧାନକୁ ଅବମାନନା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଦେଶବାସୀ ତଥା ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ୨ଶହରୁ ଅଧିକ କଂଗ୍ରେସ କର୍ମୀଙ୍କୁ ପୁଲିସ ଗାଡ଼ିରେ ନେଇ ଅନ୍ୟତ୍ର ଛାଡ଼ିଦେଇଥିଲା। ଜିଲା କଂଗ୍ରେସ କମିଟି, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ତଥା ବହୁ ସଦସ୍ୟ ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର




ସାଲେପୁର, (ଭାସ୍କର ନ୍ୟୁଜ୍) : ସାଲେପୁର ବ୍ଲକ୍ କଟରପା ପଞ୍ଚାୟତର ଜପକୁଦ ବଜାର ଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ରୋଟାକ୍ଟ କ୍ଲବ ଅଫ୍ ବିରୂପା ଲକି ଡ଼ାଇଗ୍ନୋଷ୍ଟିକ୍ , ମା' ହେଲଥ କେୟାର ଓ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏହି ଶିବିରରେ ୧୦୩ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ମୋତିଆ ବିନ୍ଦୁ ଓ କମ୍ ଦୃଶ୍ୟ ହେବା ଭଳି ଚକ୍ଷୁ ସମସ୍ୟାର ପରୀକ୍ଷା କରାଯାଇ ୨୩ଜଣଙ୍କୁ ସିଡ଼ିଏ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା । ଅନ୍ୟମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଭଲ ହେବା ପାଇଁ ଔଷଧ ପ୍ରଦାନ କରାଯାଇଥିଲା । ରୋଟାରୀ ଚକ୍ଷୁ ଚିକିତ୍ସାଳୟ ତରଫରୁ ଶଶିକାନ୍ତ ଦାଶ, ନନ୍ଦିନୀ ନାୟକ, ପ୍ରମିଳା ରାଉତ, ପରେଶ କୁମାର ସାହୁ ଚକ୍ଷୁ ପରୀକ୍ଷା କରିଥିଲେ । ରୋଟାକ୍ଟ କ୍ଲବ୍ ଅଫ୍ ବିରୂପା ତରଫରୁ ରୋଟାରୀୟାନ୍ ବିଶ୍ୱରଂଜନ ସାହୁ, ପ୍ରଶାନ୍ତ ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ଦେବବ୍ରତ ଜେନା, ବିଶ୍ୱଜିତ୍ ଭୋଇ, ମା' ହେଲଥ କେୟାର ତରଫରୁ ବିକାଶ କୁମାର ମିଶ୍ର, ବିଚିତ୍ର କୁମାର ପ୍ରହରାଜ, ସୁନନ୍ଦ ମିଶ୍ର, କାଦମ୍ବିନୀ ବେହୁରା, ଧନଞ୍ଜୟ ପାତ୍ର, ନଳିନୀକାନ୍ତ ପରିଜା, ପ୍ରଭାତ ବେହେରା, ଭାନୁଶଙ୍କର ବେହୁରା, ଗ୍ରାହକ ସେବାକେନ୍ଦ୍ରର ସଞ୍ଚାଳକ ହରପ୍ରସାଦ ଶତପଥୀ, ସଂଗ୍ରାମ କିଶୋର ଦାଶ, କ୍ଷୀରୋଦ ଚନ୍ଦ୍ର ଶତପଥୀ, ସୁରେନ୍ଦ୍ର କୁମାର ବେହୁରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ୟୁନେସ୍କୋ କ୍ରିଏଟିଭ ସିଟି ସମ୍ମିଳନୀରେ ଯାଜପୁରର କାରିଗର




ଯାଜପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ସଦର ମହକୁମାସ୍ଥ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମିନି କନଫରେନ୍ସ ହଲରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ର ଟେରାକୋଟା ଶିଳ୍ପୀମାନେ ଜିଲ୍ଲା ଅଧିକାରୀଙ୍କ ସହ, ୟୁନେସ୍କୋ କ୍ରିଏଟିଭ ସିଟି ନେଟୱାର୍କ ସହିତ ଏକ ଭର୍ଚୁଆଲ ଆନ୍ତର୍ଜାତୀୟ ଦକ୍ଷତା ବୃଦ୍ଧି କର୍ମଶାଳାରେ ଯୋଗ ଦେଇଥିଲେ। ୩ ରୁ ୫ ଅଗଷ୍ଟ ୨୦୨୨ ମଧ୍ୟରେ ଥାଇଲାଣ୍ଡର ୟୁନେସ୍କୋ ସୃଜନଶୀଳ ସହର ଚିଆଙ୍ଗ ମାଇ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦୦ ରୁ ଅଧିକ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ । ଯାଜପୁର ଭାରତର ଏକମାତ୍ର ସହର ଯାହାକୁ ଏହି କର୍ମଶାଳାକୁ ଆମନ୍ତ୍ରିତ କରିବା ସହ ଏହାର ସମୃଦ୍ଧ ସଂସ୍କୃତି ଏବଂ ହସ୍ତଶିଳ୍ପ ପରମ୍ପରା ପ୍ରଦର୍ଶନ କରିବାକୁ ସୁଯୋଗ ଦଆଯାଇଥିଲା । ଆନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ଗୁଡିକର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଓ କର୍ମଶାଳାର ଲକ୍ଷ୍ୟ ଥିଲା । ୟୁନେସ୍କୋ ପ୍ରାୟୋଜିତ ଏହି କର୍ମଶାଳାରେ ନିପୁଣ କଳାକାର, ବିଶିଷ୍ଟ ହସ୍ତଶିଳ୍ପ ବ୍ୟକ୍ତିମାନେ ସେମାନଙ୍କର କାର୍ଯ୍ୟ ଦକ୍ଷତା ଓ ଅନୁଭୂତି ବାଣ୍ଟିଥିଲେ ବୋଲି ଆଲୋଚନା କରିଥିଲେ । ଉଦ୍‌ଘାଟନୀ ବକ୍ତବ୍ୟରେ ଥାଇଲାଣ୍ଡର ଚିଆଙ୍ଗ ମାଇ ପ୍ରାଦେଶିକ ପ୍ରଶାସନିକ ସଂଗଠନ ଶିକ୍ଷା କାର୍ଯ୍ୟାଳୟ ଧର୍ମ ଓ ସଂସ୍କୃତିର ନିର୍ଦ୍ଦେଶକ ଶ୍ରୀମତୀ ୱାନଶ୍ରୀ ପାନପ୍ରଡମଙ୍କ ସମେତ ୟୁନେସ୍କୋ କ୍ରିଏଟିଭ୍ ସିଟିର ବହୁ ଅଭିଜ୍ଞ ବକ୍ତା ରହିଥିଲେ । ଯେଉଁମାନେ ସଂରକ୍ଷଣ, ପୁନରୁଦ୍ଧାର ଏବଂ ଆଧୁନିକ ବିକାଶ ପାଇଁ "କ୍ରିଏଟିଭ ସେରାମିକ୍, ସ୍କଲପଟେଡ ସିଟି" ଉପରେ ଜଡିତ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଉପସ୍ଥାପିତ ହୋଇଥିବା ଅନ୍ୟ ସହର ଗୁଡିକରେ ଚିଆଙ୍ଗ ମାଇ (ଥାଇଲାଣ୍ଡ), ଟାମ୍ବା ସାମାୟାମା (ଜାପାନ), ବାଗୁଇଓ(ଫିଲିପାଇନ୍ସ), କୁଟାହିୟା (ତୁର୍କୀ) ଜିଙ୍ଗଡେଜେନ୍ ଏବଂ ୱାଇଫାଙ୍ଗ (ଚୀନ୍) ଏବଂ ମନିସ୍ (ସ୍ପେନ୍) ଅନ୍ତର୍ଭୁକ୍ତ । ଏହି ଅଧିବେଶନରେ ଯାଜପୁରର ପ୍ରତିନିଧି କଳା ଏବଂ ଟେରାକୋଟା ହସ୍ତଶିଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ଜିଲ୍ଲାର ଉତ୍କର୍ଷତା ଉପସ୍ଥାପନ କରିଥିଲେ । କାରିଗରମାନେ ମଧ୍ୟ ଶିଳ୍ପ ଜ୍ଞାନର ପ୍ରସାରଣ, ଏହାର ସାମାଜିକ ଗୁରୁତ୍ୱ, ହିତାଧିକାରୀଙ୍କ ଭୂମିକା ଏବଂ ହସ୍ତଶିଳ୍ପ ଗୁଡିକର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଯାଜପୁର ଜିଲ୍ଲାର ନିପୁଣ କାରିଗର ପର୍ଶୁରାମ ବେହେରା, ଜାତୀୟ ପୁରସ୍କାରପ୍ରାପ୍ତ କାରିଗର ମହେଶ୍ୱର ଓଝା ଏବଂ ନରେନ୍ଦ୍ର ରଣା, ଏସ୍.ଏଚ୍.ଜି. ସଦସ୍ୟା ଶ୍ରୀମତୀ ଜୟନ୍ତୀ ବେହେରା, ସୁଶ୍ରୀ ରଙ୍ଗଲତା ବେହେରା, ସୁଶ୍ରୀ ମାଳତୀ ରଣା ଏବଂ ଶ୍ରୀମତୀ ପାର୍ବତୀ ବେହେରା, ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ଓରମାସର ଡେପୁଟୀ ସି.ଇ.ଓ. କ୍ଷିତିଶ ଚନ୍ଦ୍ର ବଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଚକ୍ରବର୍ତ୍ତୀ ସିଂହ ରାଠୋର କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ସମସ୍ତ ସଫଳ କାରୀଗର ଏବଂ ଜିଲ୍ଲା ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଓଡିଶାର ଯାଜପୁର ଜିଲ୍ଲା ବିଭିନ୍ନ କଳା ଏବଂ ହସ୍ତଶିଳ୍ପ ଯଥା- ଟସର, ହ୍ୟାଣ୍ଡଲୁମ୍, ଟେରାକୋଟା, ସୁବର୍ଣ୍ଣ ଘାସ ଏବଂ ପଥର କାର୍ଯ୍ୟ ପାଇଁ ପ୍ରସିଦ୍ଧ ଅଟେ। ଏହି ଜିଲ୍ଲାରେ ୩୫୦୦ ରୁ ଅଧିକ ବୁଣାକାର, ହସ୍ତଶିଳ୍ପ ବ୍ୟକ୍ତି ବାସ କରନ୍ତି । ନିପୁଣ କାରିଗର ଏବଂ ମହିଳା ଏସ୍.ଏଚ୍.ଜି. ସଦସ୍ୟ ମାନେ ହସ୍ତଶିଳ୍ପକୁ ପୁନର୍ଜୀବିତ କରିବା ତଥା କାରିଗର ସମ୍ପ୍ରଦାୟକୁ ଚିହ୍ନିବା ପାଇଁ ପ୍ରଶାସନ ନିରନ୍ତର ଉଦ୍ୟମ କରିଥିବାରୁ ଜିଲ୍ଲାର ଶିଳ୍ପୀମାନେ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଡ଼ିଓ ଡ଼. ବେବିତା ମଞ୍ଜରୀ ନାୟକ ଅଗଷ୍ଟ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଛୁଟିରେ ଯାଇଥିବା ବେଳେ ତାଙ୍କ ସ୍ଥାନରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା କାକଟପୁର ବ୍ଲକର ବିଡ଼ିଓ ତୁଷାର ଜୋତି ରଞ୍ଜନ ଙ୍କୁ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ପରିସରରେ ତୁଷାର ଜ୍ୟୋତି ରଞ୍ଜନ ପହଞ୍ଚିବା ପରେ ବ୍ଲକର ସମସ୍ତ କର୍ମଚାରୀ, ବ୍ଲକ ଅଧକ୍ଷା ଆରତୀ ନାୟକ,ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟା ସମେତ ଅସ୍ତରଙ୍ଗ ଗଣମାଧ୍ୟମ ସଙ୍ଘ ସଭାପତି ଆର୍ଯ୍ୟକୁମାର ବିଶ୍ୱାଳ, ନରେନ୍ଦ୍ର ଛାଟୋଇ ଆର୍ତ୍ତତ୍ରାଣ ମହାନ୍ତି, ବିଜୟ ବେହେରା, ଟୁଲୁ ବେହେରା ଓ ପ୍ରକାଶ କୁମାରବେହେରା ପହଂଚି ନୂତନ ବିଡ଼ିଓ ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ତାହା ସହ ଅସ୍ତରଙ୍ଗ ଅଞ୍ଚଳ ଅନେକ ସମସ୍ୟା ସହ ବ୍ଲକ ପରିସରରେ ସାଧାରଣ ଲୋକ ଙ୍କ ପାଇଁ ପାନୀୟ ଜଳ ସୁବିଧା ଯୋଗାଇଦେବା ପାଇଁ ଆଲୋଚନା କରିଥିଲେ। ନୂତନ ବିଡ଼ିଓ ଯୋଗ ଦେବା ପରେ ବ୍ଲକ କର୍ମଚାରୀଙ୍କ ସହ ସାଧାରଣ ଲୋକ ଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ।

## ସ୍ୱତନ୍ତ୍ର ବକ୍ତୃତାମାଳା ଅନୁଷ୍ଠିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ନ୍ୟୁ କନ୍‌ଫରେନସ ହଲ ଠାରେ ଆଜି ଅପରାହ୍ନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ବକ୍ତୃତା ମାଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ବ୍ୟକ୍ତା ଭାବେ ନୂଆଁ ଦିଲ୍ଲୀ ସ୍ଥିତ ସେଣ୍ଟର ଅଫ ପବ୍ଲିକ ପଲିସ୍ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ର ମୁଖ୍ୟ ପ୍ରଫେସର ରୁମକି ବାସୁ ଯୋଗ ଦେଇ ଏକ ବିଂଶ ଶତାବ୍ଦୀର ଭାରତରେ ଗଣତନ୍ତ୍ର ଓ ସୁଶାସନ ଶୀର୍ଷକ ଉପରେ ଗଣତନ୍ତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା, ବିଭିନ୍ନ ଆଇନ ପ୍ରଣୟନ କରାଯାଉଥିଲେ ମଧ୍ୟ ବିଭିନ୍ନ ରାଜ୍ୟ ସ୍ତରରେ ଠିକ ଭାବେ କାଯ୍ୟ କାରୀ ହୋଇ ପାରୁନଥିବାରୁ ଗଣତନ୍ତ୍ରର ସୁଫଳ ରୂପାୟନ ହୋଇପାରୁ ନାହିଁ ,ଏଥିପ୍ରତି ଦୃଷ୍ଟି ଦେଇ କିଭଳି ରୂପାୟନ ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ । ସାମ୍ମାନୀତ ଆଲୋଚକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପବ୍ଲିକ ଆଡ଼ମିଷ୍ଟ୍ରେସନର ଅବସର ପ୍ରାପ୍ତ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗ ଦେଇ କିଭଳି ଭାବରେ ତଥ୍ୟ ସଫଳ ଗଣତନ୍ତ୍ର ଓ ସୁଶାସନକୁ ବେଳେ ବେଳେ ଭ୍ରମାତ୍ମକ ସୃଷ୍ଟି କରାଯାଉଥିବା ବେଳେ ଏଥି ପ୍ରତି ଦୃଷ୍ଟି ଦେଇଥିଲେ ଗଣତନ୍ତ୍ରରେ ସୁଶାସନ ପରିବର୍ତ୍ତନ ହୋଇ ପାରିବ ବୋଲି କହିଥିଲେ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏହି କାଯ୍ୟକ୍ରମକୁ ଭୂୟାଁସୁ ପ୍ରସଂସା କରିବା ସହ ଛାତ୍ରଛାତ୍ରୀ ,ଅଧାପକ, ଶୈକିକ ବାତା ବରଣ ବୃଦ୍ଧି ହେବା ସହ ଅଧିକ ଜ୍ଞାନ ଆହରଣ କରିବାକୁ ହେଲେ ଏଭଳି କାଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

## ପାଣି ପାଇପ୍ ବିଛେଇବା କୁ ନେଇ ଗଣ୍ଡଗୋଳ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମକୁ ପିଇବା ପାଣି ବିଭିନ୍ନ ଯୋଜନା ଦ୍ୱାରା ଯୋଗାଇ ଦେଉଥିବା ସମୟରେ।କିନ୍ତୁ ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତ ଅନ୍ତର୍ଗତ ଭଇରିପୁର ଗାଁ ର ଜଣେ ବ୍ୟକ୍ତି ଏହି ପାଇପ୍ ବିଛେଇବାକୁ ନେଇ ଗଣ୍ଡଗୋଳ କରିବାରୁ ଏବେ ଏହି ପାଣି ପ୍ରକଳ୍ପ ବନ୍ଦ୍ ହେବାକୁ ବସିଛି। ପ୍ରକାଶ ଯେ ବେଦପୁର ପଞ୍ଚାୟତ କୁ ପୂର୍ବରୁ ପିଇବା ପାଣି ସାଧାରଣ ଲୋକଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଯୋଗାଇ ଦିଆ ଯାଇଥିଲା। ମାତ୍ର ନିମ୍ନ ମାନର କାର୍ଯ୍ୟ ଯୋଗୁଁ ପିଇବା ପାଣି ଯାଇ ପାରି ନ ଥିଲା। ପରେ ଏହି ସମସ୍ୟାକୁ ଲୁଚାଇବାକୁ ଯାଇ ପୁର୍ନବାର ଜଳପରିମଳ ବିଭାଗ ପକ୍ଷରୁ ଭଇରିପୁର ଗ୍ରାମରେ ଆଉ ଗୋଟିଏ ପିଇବା ପାଣି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଜନୈକ ଠିକାଦାର ଏବେ ବିଭିନ୍ନ ସ୍ଥାନରେ ଖୋଳି ପକାଇ କାମ କରୁନଥିବା ନେଇ ଅଭିଯୋଗ ହୋଇ ଥିବା ସମୟରେ ଏହି ଗ୍ରାମରେ ଜଣେ ବ୍ୟକ୍ତି ନିଜ ଜମି ରେ ପାଣି ପାଇପ୍ ବିଛା ଯାଇ ପାରିବ ନାହିଁ ବୋଲି କହିଥିଲେ। ଶୁକ୍ରବାର ସେହି ଗ୍ରାମର ୧୦ ରୁ ଉର୍ଦ୍ଧ୍ୱ ମହିଳା କାମ କରିବା ବେଳେ ପଞ୍ଚ ଭୋଇ ନାମକ ଜଣେ ବ୍ୟକ୍ତି ଅଶ୍ଳୀଳ ଭାଷା ରେ ଗାଳି ମନ୍ଦ କରିବା ସହ ମହିଳା ମାନଙ୍କୁ କାମ କରାଇ ଦେଇ ନ ଥିଲେ।

## ରଣପୁର ଏନ୍ଏସି ପାନୀୟଜଳ ସମସ୍ୟା ଦୂରପାଇଁ ପଦକ୍ଷେପ

ରଣପୁର, (ଭାସ୍କର ନ୍ୟୁଜ) : ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ ଗୋଟି ୱାର୍ଡକୁ ନେଇ ଗଠିତ । ଯାହାର ଜନସଂଖ୍ୟା ବିଭାଗୀୟ ସୂଚନା ଅନୁଯାଇ ବର୍ତ୍ତମାନ ପାଖାପାଖି ୧୮ହଜାର ୩ଶହରୁ ଉର୍ଦ୍ଧ । ମଣିନାଗ ପାହାଡ ପାଦ ଦେଶରେ ଅବସ୍ଥିତ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ବର୍ଷସାରା ପାନୀୟଜଳ ସମସ୍ୟା ଦେଖାଦେଇଥାଏ । ଭୁଗର୍ଭର ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି । ତେଣୁ ପାନୀୟଜଳ ସମସ୍ୟା ନେଇ ବିଧାୟକ ଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ତେଣୁ ରଣପୁର ବିଧାୟକ ତଥା ନୟାଗଡ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ ଙ୍କ ଉଦ୍ୟମ ରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୪୮ କୋଟି ଟଙ୍କା ବ୍ୟୟ ବିନିମୟରେ ଭେଟବର ବନ୍ଧରୁ ପାନୀୟଜଳ ଯୋଗାଇ ଦିଆଯିବ । ଏ ନେଇ କାର୍ଯ୍ୟ ଆରମ୍ଭ ହୋଇଯାଇଅଛି । ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ବିନୋଦ କୁମାର ସାହୁ ଙ୍କୁ ଯୋଗାଯୋଗ କରିବାରେ କୁହନ୍ତି ଯେ ଭେଟବର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରୁ ଜଳ ସଂଗ୍ରହ କରି ପାଇପି ଯୋଗେ ଅଣାଯିବ । ରଣପୁର ନୂଆଗାଁ ନିକଟରେ ଏକ ଜଳ ବିଶୁଦ୍ଧିକରଣ ପ୍ରକଳ୍ପ କରି ସେଠାରୁ ମଣିନାଗ ପାହାଡ ତଳେ ଥିବା ପାଣିଟାଙ୍କିରେ ସଂଯୋଗ କରାଯାଇ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କୁ ପାନୀୟଜଳ ଯୋଗାଇ ଦିଆଯିବ । ପାଇପି ଆସି କାର୍ଯ୍ୟ ପ୍ରାରମ୍ଭିକ ଆରମ୍ଭ ହୋଇଯାଇଛି । ବିଧାୟକ ଙ୍କ ଏଭଳି ପଦକ୍ଷେପ ରଣପୁର ବିଜ୍ଞାପିତ ଅଞ୍ଚଳବାସୀଙ୍କୁ ଆନନ୍ଦିତ କରିଛି ।

## ରଙ୍ଗତୂଳୀରେ ସ୍ୱାଧୀନତା ପର୍ବର ଅମୃତ ମହୋତ୍ସବ ପାଳିତ



ଯୋଡ଼ା, (ଭାସ୍କର ନ୍ୟୁଜ) : ଶୁକ୍ରବାର ଦିନ ଯୋଡା ବ୍ଲକ ଅନ୍ତର୍ଗତ ଜିଲିଙ୍ଗର ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲରେ ଏକ ଅଭିନବ ଶୈଳିରେ ଆଜାଦି କି ଅମୃତ ମହୋତ୍ସବ ପର୍ବର ଶୁଭାରମ୍ଭ ହୋଇଛି । ବିଦ୍ୟାଳୟରେ ଏଲ୍‌କେଜି ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଛାତ୍ର, ଛାତ୍ରୀ ଓଏମ୍‌ସି ଟାଉନସିପ ପରିସରରେ ମୁକ୍ତାକାଶ ତଳେ ବସି ରଙ୍ଗ ତୁଳିରେ ନିଜର ସୃଜନଶୀଳତା ଓ ଦେଶାତ୍ମବୋଧ ଭାବନାକୁ ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ନବନିଯୁକ୍ତ ଅଧକ୍ଷ ସୌମେନ୍ଦ୍ର ନାୟକଙ୍କ ଅନୁପ୍ରେରଣା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ବେସ ସରସ ସୁନ୍ଦର ଓ ଚିତାକର୍ଷକ ହୋଇଥିଲା । ଓଏମ୍‌ସି ଜିଲିଙ୍ଗର ଖଣି ପରିଚାଳକ ଚିନ୍ମୟ କୁମାର ପରିଡା ଓ ଅନ୍ୟ ବରିଷ୍ଠ ପଦାଧିକାରୀ ତଥା ବିଦ୍ୟାଳୟର ଅଭିଭାବକ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ର, ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## 'କେନ୍ଦ୍ରାପଡ଼ା ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖିବାକୁ ଉପଯୁକ୍ତ ପ୍ରସ୍ତୁତି ଜରୁରୀ'




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନାକ୍(ନ୍ୟାସନାଲ ଆସେସମେଣ୍ଟ ଓ ଆକ୍ରିଡିଟେସନ କାଉନସିଲ)ର 'ଏ' ଗ୍ରେଡ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ଜୋରଦାର ପ୍ରସ୍ତୁତି ଏବେଠୁଁ ଆରମ୍ଭ କରାଯିବାର ଆବଶ୍ୟକତା ରହିଛି। କଲେଜର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖିବା ପାଇଁ ହେଲେ ମହାବିଦ୍ୟାଳୟକୁ ମୁଖ୍ୟତଃ ୱାଇ ଫାଇ କ୍ୟାମ୍ପସରେ ପରିଣତ କରିବାକୁ ପଡିବ। ଏଥିସହିତ ମହାବିଦ୍ୟାଳୟର କ୍ଲାସରୁମ ଗୁଡିକୁ ସ୍ମାର୍ଟ କ୍ଲାସରୁମରେ ପରିଣତ କରିବାକୁ ପଡିବ। କଲେଜରେ ଜିଓ ଟ୍ୟାଗ ଥିବା ସମ୍ମିଳନୀ କକ୍ଷ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର କମ୍ପ୍ୟୁଟର ସେଲ କରିବାକୁ ପଡିବ। ସେହିପରି ବାୟୋ ଗ୍ୟାସ ପ୍ଲାଣ୍ଟ, ଇ-ୱେଷ୍ଟ ମ୍ୟାନେଜମେଣ୍ଟ କରାଯିବା ସହ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଥିବା ଲାବୋରୋଟୋରୀକୁ ଉନ୍ନତ ମାନର କରାଯିବା ସହିତ ଗବେଷଣା କାର୍ଯ୍ୟକ୍ରମକୁ ମଧ୍ୟ ବୃଦ୍ଧି କରାଯିବା ଆବଶ୍ୟକ। ଏଥିସହିତ ବର୍ଷା ଜଳ ଅମଳ ବ୍ୟବସ୍ଥା କରାଯିବା, ସୌର ପ୍ଲାଣ୍ଟ କରାଯିବା, ମହାବିଦ୍ୟାଳୟରେ ବ୍ୟାଟେରୀ ଚାଳିତ ତିନିଚକିଆ ଗାଡି ଚାଲିବା ପାଇଁ କଲେଜ କ୍ୟାମ୍ପସକୁ ପ୍ରସ୍ତୁତ କରିବାକୁ ପଡିବ। ଏହାବ୍ୟତିତ କଲେଜରେ ବାଳକ କମନରୁମ, ପିଲାମାନଙ୍କ ପାଇଁ କ୍ୟାଣ୍ଟିନ, ଷ୍ଟାଫ କମନରୁମ ସହିତ କଲେଜ ପରିସରରେ ଥିବା ରାସ୍ତାର ଉନ୍ନତିକରଣ କରାଯିବା ଏବଂ କଲେଜର ପ୍ରତ୍ୟେକ ବିଭାଗରେ ଆବଶ୍ୟକ ତଥା ମଞ୍ଜୁରୀପ୍ରାପ୍ତ ଅଧାପକଙ୍କ ପଦବୀ ଗୁଡିକୁ ପୁରୁଣ କରାଯାଇପାରିଲେ ମହାବିଦ୍ୟାଳୟର ନାକ୍ 'ଏ' ଗ୍ରେଡ ବଜାୟ ରଖାଯାଇ ପାରିବ ବୋଲି କଲେଜ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ ଏବେ ମହାବିଦ୍ୟାଳୟରେ ଶିକ୍ଷାଦାନ ଉପରେ ସେ ବିଶେଷ ଭାବେ ଧ୍ୟାନ ଦେଉଛନ୍ତି। ସେ ନିଜେ ମଧ କ୍ଲାସ ନେଉଛନ୍ତି। ଏଥିସହ ଅନ୍ୟ କ୍ଲାସ ଗୁଡିକ ହେଉଛି କି ନାହିଁ ସେ ପ୍ରତି ପିରିୟଡରେ ବୁଲି ଦେଖୁଛନ୍ତି। ଅନୁରୂପ ଭାବେ ମହାବିଦ୍ୟାଳୟର 'ଏ' ଗ୍ରେଡ ନାକ୍ ମାନ୍ୟତା ବଜାୟ ରଖରବା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ପରାମର୍ଶ କ୍ରମେ ସେ ଆବଶ୍ୟକ ପଦକ୍ଷେପ ନେଉଥିବା ମଧ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ବୃହତ ବେସରକାରୀ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଆଣିଦେଇଛନ୍ତି। ତେଣୁ କେବଳ ରାଜ୍ୟସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସୁନାମ ରହିଛି। ଏହି ମହାବିଦ୍ୟଳୟରେ ପିଜି ପାଠ୍ୟକ୍ରମ ମଧ ରହିଛି। ପୂର୍ବରୁ ଦୁଇ ଦୁଇ ଥର ନାକ୍ 'ଏ' ଗ୍ରେଡ ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟ ଚଳିତଥର ଉପରୋକ୍ତ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ ନକଲେ ନାକ୍‌ର 'ଏ' ଗ୍ରେଡ ବଜାୟ ରଖିବା ହୁଏତ ସମ୍ଭବ ହୋଇନପାରେ। ତେଣୁ କଲେଜ ପରିଚାଳନା ପରିଷଦ ଏବଂ କେନ୍ଦ୍ରାପଡା ବିଧାୟକ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ୟୁଜିସି ଟିମ ୨୦୨୧ ଡିସେମ୍ବରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଗସ୍ତରେ ଆସିଥିଲେ। ସେମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ଭିତ୍ତିଭୂମି ଦେଖି ଫେରିଯାଇଛନ୍ତି। ଏଥିସହ କ୍ୟାମ୍ପସକୁ କିଭଳି ଭାବେ ଉନ୍ନତ କରାଯାଇ ପାରିବ ତାହାର ଏକ ରୋଡମ୍ୟାପ ମଧ କଲେଜକୁ ପ୍ରଦାନ କରିଛନ୍ତି। ସେହି ରୋଡମ୍ୟାପ ଅନୁଯାୟୀ ଆବଶ୍ୟକ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରାନଗଲେ ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡା ମହାବିଦ୍ୟାଳୟ ଯେ ତା'ର ନାକ୍ 'ଏ' ଗ୍ରେଡ ମାନ୍ୟତା ନହରାଇବ ତାହା କହି ହେବ ନାହିଁ। ଏଥିନିମନ୍ତେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ କଲେଜର ପୁରାତନ ଛାତ୍ର ସଂସଦର ବହୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।